# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୩/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, June 3/2025 Page 12 ₹ 7.00 | BALASORE

୫୧ଶ ଭାଗ ୧୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 188 ମୂଲ୍ୟ ₹୭/-




ମହାବଳ ବାଘ କ୍ରିଷ୍ଣା ଓ ଧଳା ବାଘୁଣୀ ରୂପାର ମିଳନରୁ ଜାତ ୭ ମାସର ଧଳା ବାଘ ଛୁଆର ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। **(ରିପୋର୍ଟ: ପୃଷ୍ଠା-୩)**

# ଖୋଲିବନି ନୂଆ ମଦ ଦୋକାନ

## ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି: ମନ୍ତ୍ରୀ ହରିଚନ୍ଦନ

**ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)**

ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଓଡ଼ିଶାରେ ନୂଆ ଅବକାରୀ ନୀତି ପ୍ରଚଳନ କରାଯିବ। ତେବେ ରାଜ୍ୟରେ ଆଉ ନୂଆ ମଦ ଦୋକାନ (ଅଫ୍ ଶପ୍) ଖୋଲିବାକୁ ଦିଆଯିବ ନାହିଁ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୁଧବାର ଏନେଇ ସ୍ପଷ୍ଟ କରିଛନ୍ତି। ରାଜ୍ୟରେ ଏକ ଦୃଢ଼ ଅବକାରୀ ନୀତି ପ୍ରଚଳନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଆଉ ନୂଆ ମଦ (ଅଫ୍ ଶପ୍) ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ଏବେ ସରକାରଙ୍କ ପାଖରେ ଯେଉଁ ଅବକାରୀ ନୀତି ରହିଛି, ତାହାକୁ ବିଭିନ୍ନ ପର୍ଯ୍ୟାୟରେ ତର୍ଜମା କରାଯାଉଛି। ଏହାବାଦ୍ ତିନୋଟି ଦଳ ୪ଟି ରାଜ୍ୟ ଗସ୍ତ କରିଛନ୍ତି। ସେମାନେ ସେଠାକାର ନୀତି ସମ୍ପର୍କରେ ଅବଗତ ହେବେ। କିଛି ନୂତନ ତଥ୍ୟ ମିଳିଲେ, ତାହାକୁ ନୂଆ ଅବକାରୀ ନୀତିରେ ସଂଯୋଗ କରାଯିବ। ଓଡ଼ିଶାରେ ନୂତନ ଅବକାରୀ ନୀତି ଆସନ୍ତା ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଆସିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ ହରିଚନ୍ଦନ ସୋମବାର ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶାରେ ମଦ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପର ପ୍ରୀତି**

# ହଂସ ଦାରୁକା ଓଡ଼ିଶା ଟପ୍ପର



ହଂସ ଦାରୁକା

**ପ୍ରକାଶ ପାଇଲା ଜେଇଇ ଆଡଭାନ୍ସଡ ରେଜଲ୍ଟ**



ରଜତ ଗୁପ୍ତା

**ଭୁବନେଶ୍ୱର,୨।୬(ସୁଚିସ୍ମିତା ସାହୁ)**

ଆଇଆଇଟି କାନପୁର ଦ୍ୱାରା ପରିଚାଳିତ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ ଆଡ୍‌ଭାନ୍ସଡ୍) ୨୦୨୫ ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ଆଇଆଇଟି ଦିଲ୍ଲୀ ଜୋନ୍‌ର ରଜତ ଗୁପ୍ତା ସର୍ବଭାରତୀୟ ଟପ୍ପର ହୋଇଛନ୍ତି। ସେ ୩୬୦ରୁ ୩୩୨ ମାର୍କ ରଖିଛନ୍ତି। ସେହିପରି ଛାତ୍ରୀଙ୍କ ମଧ୍ୟରେ ଆଇଆଇଟି ଖଡଗପୁର ଜୋନ୍‌ର ଦେବଦତ୍ତା ମାଝୀ ୩୬୦ ମାର୍କରୁ ୩୧୨ ମାର୍କ ରଖି ଶ୍ରେଷ୍ଠ ତାଲିକାରେ ରହିଛନ୍ତି। ଅନ୍ୟପକ୍ଷରେ ଓଡିଶାର ହଂସ ଦାରୁକା ଓ ନବନିତ ପ୍ରିୟଦର୍ଶୀ ୧୦୦ ର୍‍ୟାଙ୍କରେ ସ୍ଥାନ ପାଇଛନ୍ତି। ତେବେ ହଂସ ୩୬୦ ମାର୍କରୁ ୩୦୦ ନମ୍ବର ରଖି ସର୍ବଭାରତୀୟସ୍ତରରେ ୩୯ତମ ସ୍ଥାନରେ ରହିବା ସହ ଓଡ଼ିଶା ଜୋନ୍‌ରେ ଟପ୍ପର ହୋଇଛନ୍ତି। ସେ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସରେ ପଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ନବନିତ ସର୍ବଭାରତୀୟସ୍ତରରେ ୯୭ତମ ତାଲିକାରେ ରହିଛନ୍ତି। ସର୍ବଭାରତୀୟ ତାଲିକାରେ ସକ୍ଷମ ☞ ପୃଷ୍ଠା-୪

**ସର୍ବଭାରତୀୟ ସ୍ତରରେ ରଜତ ଗୁପ୍ତା ଟପ୍ପର**

# ଏନ୍‌ଇଇଟି-ପିଜି ସ୍ଥଗିତ

**ନୂଆଦିଲ୍ଲୀ,୨।୬**

ଚଳିତ ବର୍ଷର ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା-ସ୍ନାତକୋତ୍ତର (ଏନ୍‌ଇଇଟି-ପିଜି)କୁ ସ୍ଥଗିତ ରଖାଯାଇଥିବା ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ବୋର୍ଡ ଅଫ୍ ଏକ୍ଜାମିନେଶନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ସୋମବାର ଘୋଷଣା କରିଛି। ୨ଟି ଶିଫ୍ଟ ବଦଳରେ ଗୋଟିଏ ଶିଫ୍ଟରେ ଏନ୍‌ଇଇଟି-ପିଜି ପରୀକ୍ଷା କରାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏନ୍‌ବିଇଏମ୍‌ଏସ୍ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ପରୀକ୍ଷା ଗୋଟିଏ ଶିଫ୍ଟରେ ହେବ। ଏଥିପାଇଁ ଅଧିକ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା କରିବାକୁ ଥିବାରୁ ଏନ୍‌ଇଇଟି-ପିଜି ପାଇଁ ସାନି ତାରିଖ ଖୁବ୍ ଶୀଘ୍ର ☞ ପୃଷ୍ଠା-୪


JUPITER
+2 Science Higher Secondary School
BHUBANESWAR
www.jupiter.ac.in
Tested & Trusted since 2002
Celebrating Success year after year...



TOPPER
+2 SCIENCE STREAM 2024
Mr. Soumyajit Rout
BIITs, PILANI



TOPPER
+2 SCIENCE STREAM 2023
Ms. Aparna Pradhan
St. Stephen's College, New Delhi

Highlights of +2 Sc. Results 2024
5 Ranks Including the No1 Rank among the Best 10 | 97% FIRST CLASS | 100% PASS | 78 Students secured more than 500 marks

Highlights of +2 Sc. Results 2025
3 Ranks among the Best 10 | 98% FIRST CLASS | 100% PASS | 87 Students secured more than 500 marks

ADMISSION OPEN 9439489157 / 9439489158

JUPITER PUBLIC SCHOOL
BHUBANESWAR
CBSE- I to XII ( Science & Commerce )
Awarded as No.1 NUMBER ONE SCHOOL IN INTEGRATED TEACHING & COACHING
By Times School Ranking Survey Odisha THE TIMES OF INDIA

HIGHLIGHTS OF RESULTS 2025
23 STUDENTS Qualified for JEE MAIN in 1st attempt
92% FIRST CLASS



Bishal Ku. Sahu, Phulbani
10th Class - 68%
12th Class - 93.5%
95 other students achieved similar remarkable growth, testament to Jupiter's excellence

FOUNDATION COURSE for JEE, NEET, NDA from Class VIII

ADMISSION OPEN 6371853130 / 6371853132

JUPITER DEGREE COLLEGE
Affiliated to UTKAL UNIVERSITY
8093052844 / 845
+3 SCIENCE & +3 COMMERCE
with Coaching for IIT-JAM, CUET, CPET, Civil Service, & Banking exams etc...

Day Cum Residential
Separate AC Hostel Facility Available For Boys and Girls
SPECIAL DISCOUNTS AVAILABLE FOR
Girl Students or Wards of Teachers

Gangapada, Near Old Toll Plaza, Adjacent to NH-16, Bhubaneswar



DSPL-

କଥାଦେଇ କଥା ରଖିଲେ ମୋହନ ସରକାର

ଅଗ୍ରଗତି ପଥେ ଓଡ଼ିଶା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଲୋକାର୍ପଣ ଓ ଶିଳାନ୍ୟାସ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ୪୮୫ କିଲୋମିଟର ଦୈର୍ଘ୍ୟରେ ଦିଶା-୨ ପ୍ରକଳ୍ପ ଲୋକାର୍ପଣ
- ୧୦୦୭ କିଲୋମିଟର ଦୈର୍ଘ୍ୟରେ ଦିଶା-୩ ପ୍ରକଳ୍ପ ପାଇଁ ଶିଳାନ୍ୟାସ
- ୧୧ଟି ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା କେନ୍ଦ୍ରର ଲୋକାର୍ପଣ
- ୨୧ଟି ସ୍ଥାନରେ ସ୍ୱୟଂକ୍ରିୟ ପରୀକ୍ଷଣ କେନ୍ଦ୍ରର ଶିଳାନ୍ୟାସ
- କଟକରେ ସ୍ୱୟଂକ୍ରିୟ ପରୀକ୍ଷଣ କେନ୍ଦ୍ରର ଉଦଘାଟନ
- ଯାଜପୁରରେ ପଞ୍ଜିକୃତ ଯାନ ସ୍କ୍ରାପିଂ କେନ୍ଦ୍ରର ଲୋକାର୍ପଣ
- ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ଅଧିନରେ ୮ଟି ନୂତନ ମାର୍ଗରେ ବସ୍ ସେବା ଆରମ୍ଭ
- ଅଟଳ ବସଷ୍ଟାଣ୍ଡ ର ଲୋକାର୍ପଣ : ଭଦ୍ରକ ଜିଲ୍ଲା - ବାସୁଦେବପୁର ଓ ଧାମରା, ବାଲେଶ୍ୱର ଜିଲ୍ଲା- ବସ୍ତା
- ସମନ୍ୱିତ ପରିବହନ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ
- ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରର ଶୁଭାରମ୍ଭ
- ଶୂନ ଦୁର୍ଘଟଣା ଦିବସ, ଏହାର ଲୋଗୋ ଓ ମାସ୍କଟର ଲୋକାର୍ପଣ
- ଭଦ୍ରକ ଜିଲ୍ଲାର ଚାନ୍ଦବାଲି ସ୍ଥିତ 'କ୍ରିଉ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ 'ଏବଂ ଜଗତସିଂହପୁର ଜିଲ୍ଲାର ପାରାଦୀପ ସ୍ଥିତ 'ଓଡ଼ିଶା ମାରିଟାଇମ୍ ଏକାଡେମୀ' ରେ ସିମୁଲେଟର ଦ୍ୱାରା ପ୍ରଶିକ୍ଷଣ ବ୍ୟବସ୍ଥାର ଶୁଭ ଉଦଘାଟନ











OIPR-


ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

# ପିଓକେରେ ବଢୁଛି ଉତ୍ତେଜନା

## ଚାଇନା-ପାକ୍ ଜାତୀୟ ରାଜପଥ ୩ ଦିନ ହେଲା ଅବରୋଧ

ନୂଆଦିଲ୍ଲୀ,୨।୬

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନେତୃତ୍ୱାଧୀନ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରି ପାକ୍ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ଗିଲ୍‌ଗିଟ୍-ବାଲ୍ଟିସ୍ତାନର ଅନେକ ହଜାର ଉତ୍ତେଜିତ ବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ଚାଇନା ଓ ପାକିସ୍ତାନକୁ ସଂଯୋଗ କରୁଥିବା ସିପିଇସି (ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର)ର ମୁଖ୍ୟ ଭାଗ କୋରାକୋରମ ରାଜପଥକୁ ୩ ଦିନ ହେଲା ଅବରୋଧ କରିଛନ୍ତି। ଫଳରେ ଏହି ପ୍ରମୁଖ ରାସ୍ତା ଦେଇ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଶାସକ ଦଳ ପିଏମ୍ଏଲ୍(ଏନ୍) ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନରେ ଗିଲ୍‌ଗିଟ୍-ବାଲ୍ଟିସ୍ତାନର ଆମଦାନୀ ଓ ରପ୍ତାନିକାରୀମାନେ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରିଆସୁଛନ୍ତି। ଏଭଳି ନୀତି ଶୋଷଣକାରୀ ଏବଂ ଅର୍ଥନୀତିର ହତ୍ୟାକାରୀ ବୋଲି ସେମାନେ ଅଭିହିତ କରିଛନ୍ତି। ସରକାର ଆତଙ୍କବାଦୀଙ୍କୁ କ୍ଷତିପୂରଣ ଦେଉଥିବାବେଳେ ବ୍ୟବସାୟୀମାନଙ୍କୁ ସହାୟତା କରିବାରେ ବିଫଳ ହୋଇଥିବା ଶେହବାଜଙ୍କ ଦଳର ଜଣେ ନେତା କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିକ୍ଷୋଭକାରୀମାନେ ରାସ୍ତାରୁ ହଟିବେ ନାହିଁ ବୋଲି କହିଛନ୍ତି।




ବିକ୍ଷୋଭକାରୀଙ୍କ ସହ ହୁଞ୍ଜା, ଗିଲ୍‌ଗିଟ୍ ଓ ଅନ୍ୟ ସହରରୁ ବ୍ୟବସାୟୀ, ବୁଦ୍ଧିଜୀବୀ, ସିଭିଲ ସୋସାଇଟି ସଦସ୍ୟମାନେ ସାମିଲ ହୋଇଛନ୍ତି। ଇସ୍‌ଲାମାବାଦ ପାକ୍ ଅଧିକୃତ କଶ୍ମୀରକୁ ଅବହେଳା କରୁଥିବାରୁ ଏହାର ଫଳ ସ୍ୱରୂପ ସେଠାରେ ନିୟମିତ ବ୍ୟବଧାନରେ ଆନ୍ଦୋଳନ ମୁଣ୍ଡ ଟେକୁଛି। ମାସେ ପୂର୍ବରୁ ଏକ ପ୍ରସ୍ତାବିତ ବିଲ୍‌କୁ ନେଇ ଗିଲ୍‌ଗିଟ୍-ବାଲ୍ଟିସ୍ତାନରେ ଜୋର୍‌ଦାର ବିକ୍ଷୋଭ ହୋଇଥିଲା। ଉକ୍ତ ବିଲ୍ କାର୍ଯ୍ୟକାରୀ ହେଲେ ସେମାନଙ୍କ ଜମି ଓ ଉକ୍ତ ଅଞ୍ଚଳରୁ ଖଣିଜକୁ ସରକାର ନେଇଯିବା ସହ ଦୀର୍ଘଦିନ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ସେମାନେ ଅଭିଯୋଗ କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଏବଂ ଦରଦାମ୍ ବୃଦ୍ଧି ଲାଗିରହିଥିବାବେଳେ ୨୦୨୩ ଅକ୍ଟୋବରରେ ଭାରତର କାର୍‌ଗିଲକୁ ସଡ଼କ ପଥ ଖୋଲାଯିବା ଦାବିରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ।

## ସଂକ୍ଷେପରେ

### ଆଜିଠୁ ରାମମନ୍ଦିର ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ରୀତିନୀତି

ଲକ୍ଷ୍ନୌ,୨।୬

ଅଯୋଧ୍ୟା ରାମମନ୍ଦିରର ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ଆସନ୍ତା ୫ ତାରିଖରେ ହେବାକୁ ଥିବାବେଳେ ମଙ୍ଗଳବାରଠାରୁ ରୀତିନୀତି ଆରମ୍ଭ ହେବ। ଏହା ପୂର୍ବରୁ ମନ୍ଦିର ଶିଖରକୁ ସ୍ୱର୍ଣ୍ଣଖଚିତ କରାଯାଇଛି। ସୁନାର ଉଜ୍ଜ୍ୱଳ ରଙ୍ଗରେ ଏହା ବହୁ ଦୂରରୁ ଝଟକୁଥିବା ଦେଖିବାକୁ ମିଳିଛି। ଗତବର୍ଷ ମନ୍ଦିର ନିର୍ମାଣର ପ୍ରଥମ ପର୍ଯ୍ୟାୟ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ଜାନୁଆରୀ ୨୨ରେ ଏହାର ପ୍ରାଣପ୍ରତିଷ୍ଠା କରିଥିଲେ। ତେବେ ମନ୍ଦିରର ଅନ୍ୟାନ୍ୟ ଭାଗର କାର୍ଯ୍ୟ ଜାରି ରହିଥିଲା। ନବନିର୍ମିତ ରାମଦରବାରରେ ୫ ତାରିଖରେ ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି।

### କାରୋଲ ନଓରୋକି ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚିତ

ୱାର୍ସା,୨।୬

କଞ୍ଜରଭେଟିଭ୍ ନେତା କାରୋଲ ନଓରୋକି ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସୋମବାର ଚୂଡ଼ାନ୍ତ ଗଣତି ଅନୁଯାୟୀ ନଓରୋକି ୫୦.୮୯ ପ୍ରତିଶତ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୱାର୍ସା ମେୟର ରାଫାଲ ତ୍ରଜାସ୍କୋଓସ୍କି ୪୯.୧୧ ପ୍ରତିଶତ ଭୋଟ ପାଇଛନ୍ତି। ତେବେ ରବିବାର ସନ୍ଧ୍ୟାରେ ପ୍ରକାଶ ପାଇଥିବା ଏକ୍‌ଜିଟ୍ ପୋଲ୍ ଅନୁଯାୟୀ, ତ୍ରଜାସ୍କୋଓସ୍କି ବିଜୟୀ ହେବେ ବୋଲି ପୂର୍ବାନୁମାନ କରାଯାଇଥିଲା। ଚୂଡ଼ାନ୍ତ ଫଳାଫଳ ପୂର୍ବାନୁମାନକୁ ବଦଳାଇ ଦେଇଛି। ନୂଆ ନେତାଙ୍କ ନେତୃତ୍ୱରେ ପୋଲାଣ୍ଡ ଅଧିକ ଜାତୀୟତାବାଦୀ ମାର୍ଗ ଅନୁସରଣ କରିବା ଆଶା କରାଯାଉଛି। କାରୋଲଙ୍କ ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ରହିଛି।



## ଭାରତର ୫ ବିଲିୟନ ଡଲାର ରପ୍ତାନି ପ୍ରଭାବିତ ହୋଇପାରେ

### ଇସ୍ପାତ, ଆଲୁମିନିୟମ୍ ଉପରେ ଆମେରିକାର ଟାରିଫ୍ ବୃଦ୍ଧି ପ୍ରସ୍ତାବ

କୋଲକାତା,୨।୬

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇସ୍ପାତ ଓ ଆଲୁମିନିୟମ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ପ୍ରସ୍ତାବ ରଖିଥିବାରୁ ଏହାର ଭାରତର ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନିକୁ ଗୁରୁତର ପ୍ରଭାବିତ କରିପାରେ। ଇଞ୍ଜିନିୟରିଂ ଏକ୍ସପୋର୍ଟ ପ୍ରମୋଶନ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ଇଇପିସି) ପକ୍ଷରୁ ଏଭଳି ଆକଳନ କରାଯାଇଛି। ଆମେରିକାକୁ ଭାରତ ରପ୍ତାନି କରୁଥିବା ମୋଟ ଇଞ୍ଜିନିୟରିଂ ସାମଗ୍ରୀ ମଧ୍ୟରୁ ଇସ୍ପାତ ଓ ଆଲୁମିନିୟମ ପ୍ରସ୍ତୁତ ସାମଗ୍ରୀ ପରିମାଣ ପ୍ରାୟ ଏକ-ଚତୁର୍ଥାଂଶ। ବର୍ତ୍ତମାନ ଭାରତ ଆମେରିକାକୁ ବାର୍ଷିକ ପ୍ରାୟ ୫ ବିଲିୟନ ଡଲାର ମୂଲ୍ୟର ଇସ୍ପାତ ଓ ଆଲୁମିନିୟମ ରପ୍ତାନି କରୁଛି। ଗତ ମାର୍ଚ୍ଚ ୧୮ରେ ଆମେରିକା ଇସ୍ପାତ ଆମଦାନୀ ଉପରେ ୨୫ ପ୍ରତିଶତ ଟାରିଫ୍ ଲଗାଇଥିଲା, ଯାହା ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଆମେରିକାକୁ ସିଧାସଳଖ ଭାରତର ଇସ୍ପାତ ରପ୍ତାନି ସୀମିତ ହୋଇଥିଲେ ମଧ ଟାରିଫ୍ ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତାକୁ ଜୋର୍‌ଦାର କରିବା ସହ ବାଣିଜ୍ୟ ପ୍ରବାହ ବାଧାପ୍ରାପ୍ତ ହୋଇଛି। ୫୦% ଟାରିଫ୍ ଲାଗୁ ହେଲେ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଅଧିକ ମହଙ୍ଗା ହେବ ଏବଂ ରପ୍ତାନି ହ୍ରାସ ପାଇବ ବୋଲି ଇଇପିସି ଇଣ୍ଡିଆର ଅଧ୍ୟକ୍ଷ ପଙ୍କଜ ଚଢ଼ା କହିଛନ୍ତି। ବ୍ରିଟେନ୍ ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା ବଳରେ ଇସ୍ପାତ ଓ ଆଲୁମିନିୟମ୍ ଉପରୁ ୨୫ ପ୍ରତିଶତ ଟାରିଫ୍ ଛାଡ଼ ପାଇଥିବାବେଳେ ଭାରତ ମଧ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା (ବିଟିଏ) ବୁଝାମଣାବେଳେ ଅନୁରୂପ ଛାଡ଼ ପାଇଁ ପ୍ରସ୍ତାବ ଦେବାକୁ ଚଢ଼ା କହିଛନ୍ତି।

## ଶାଗୁଣା ଧକ୍କାରୁ ବିମାନର ଜରୁରୀ ଅବତରଣ

ରାଞ୍ଚି, ୨।୬

ସୋମବାର ପାଟନାରୁ ରାଞ୍ଚି ଆସୁଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ଶାଗୁଣା ଧକ୍କା ହୋଇଯିବାରୁ ବିମାନଟିକୁ ରାଞ୍ଚିର ବିର୍ସାମୁଣ୍ଡା ଏୟାରପୋର୍ଟରେ ଏମର୍ଜେନ୍ସି ଲାଣ୍ଡିଂ କରିବାକୁ ପଡ଼ିଛି। ଉକ୍ତ ବିମାନରେ ୧୭୫ ଜଣ ଯାତ୍ରୀ ରହିଥିଲେ। ତେବେ ବିମାନର ସମସ୍ତ ଯାତ୍ରୀ ଏବଂ କ୍ରିଉ ସଦସ୍ୟ ସୁରକ୍ଷିତ ରହିଛନ୍ତି ବୋଲି ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ବିମାନଟି ୩ ହଜାରରୁ ୪ ହଜାର ଫୁଟ ଉଚ୍ଚତାରେ ଥିବା ବେଳେ ଏକ ଶାଗୁଣା ବିମାନ ସହ ଧକ୍କା ହୋଇଯାଇଥିଲା।

## ତୁର୍କୀରେ ରୁଷିଆ-ୟୁକ୍ରେନ୍ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା

ଇସ୍ତାନବୁଲ,୨।୬

ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ପାଇଁ ସୋମବାର ତୁର୍କୀର ଇସ୍ତାନବୁଲରେ ୨ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଚସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି। ୨ ସପ୍ତାହ ପୂର୍ବରୁ ୨ ଦେଶ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ଅଗ୍ରଗତି ଘଟି ନ ଥିଲା। ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଲାଗି ରହିଥିବାବେଳେ ଏହି ଆଲୋଚନା ଯୁଦ୍ଧବିରତିରେ କେତେଦୂର ସହାୟକ ହେବ, ତାହା ଜଣାପଡ଼ି ନାହିଁ। କାରଣ ଆଲୋଚନାର ଦିନକ ପୂର୍ବରୁ ଉଭୟ ପକ୍ଷ ରବିବାର ପରସ୍ପରକୁ ଆକ୍ରମଣ କରିଥିଲେ। ୟୁକ୍ରେନୀୟ ସେନା ସାଇବେରିଆର ପୂର୍ବାଞ୍ଚଳରେ ଥିବା ରୁଷିଆର ଏକ ଏୟାରବେସ୍‌କୁ ଟାର୍ଗେଟ କରି ଡ୍ରୋନ୍ ମାଡ଼ କରିବାରୁ ରୁଷିଆର ୪୦ରୁ ଊର୍ଦ୍ଧ୍ୱ ଏୟାରକ୍ରାଫ୍ଟ ଧ୍ୱଂସ ହୋଇଯାଇଛି। ସେହିପରି ରୁଷିଆର ୨ଟି ବ୍ରିଜ୍‌କୁ ମଧ ୟୁକ୍ରେନ୍ ଉଡ଼ାଇଦେବାରୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୬୯ ଜଣ ଆହତ ହୋଇଥିଲେ। ଅନ୍ୟପକ୍ଷେ ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ୟୁକ୍ରେନୀୟ ସେନାର ଏକ ତାଲିମ ଶିବିରରେ ୧୨ ସୈନ୍ୟ ନିହତ ହୋଇଥିଲେ।

ପ୍ରତିରକ୍ଷା ମନ୍ତ୍ରୀ ରୁସ୍ତେମ୍ ଉମେରୋଭ ୟୁକ୍ରେନ୍ ପ୍ରତିନିଧି ଦଳର ନେତୃତ୍ୱ ନେଉଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହଯୋଗୀ ଭ୍ଲାଡିମିର ମେଡିନ୍‌ସ୍କି କ୍ରେମ୍‌ଲିନ୍ ଟିମ୍‌ର ନେତୃତ୍ୱ ନେଉଛନ୍ତି। ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ହକାନ ଫିଦାନଙ୍କ ଅଧ୍ୟକ୍ଷତାରେ ଇସ୍ତାନବୁଲ୍‌ର ସିରାଗାନ୍ ପ୍ୟାଲେସ୍‌ରେ ବୈଠକ ଚାଲିଛି। ଯୁଦ୍ଧ ବନ୍ଦ ପାଇଁ ଉଭୟ ପକ୍ଷ ମୁଖ୍ୟ ସର୍ତ୍ତଠାରୁ ଦୂରେଇ ରହିଥିବା ସୂଚନା ଦେଇଛନ୍ତି।

## କଶ୍ମୀରୀ ପଣ୍ଡିତଙ୍କ ପ୍ରତ୍ୟାବର୍ତ୍ତନ, ଥଇଥାନ ପାଇଁ ମେହବୁବାଙ୍କ ଦାବି

ଶ୍ରୀନଗର,୨।୬


ମେହବୁବା ମୁଫ୍‌ତି

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ସୋମବାର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟି ବିସ୍ଥାପିତ କଶ୍ମୀରୀ ପଣ୍ଡିତମାନଙ୍କୁ ମର୍ଯ୍ୟାଦାର ସହ ଫେରାଇଆଣିବା ଏବଂ ଥଇଥାନ ପାଇଁ ଦାବି କରିଛନ୍ତି। ସିହ୍ନା ୨୦୨୦ରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ନିଯୁକ୍ତ ହେବା ପରେ ମେହବୁବା ତାଙ୍କୁ ପ୍ରଥମ ଥର ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସେ ସୀମାପାର ମୋର୍ଟାର ଶେଲ୍ ମାଡ଼ରେ ୧୮ ସାଧାରଣ ନାଗରିକଙ୍କ ମୃତ୍ୟୁ ସମେତ ଜମ୍ମୁ-କଶ୍ମୀରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କଶ୍ମୀରୀ ପଣ୍ଡିତଙ୍କ ପ୍ରତ୍ୟାବର୍ତ୍ତନ ଓ ପୁନର୍ବାସ ପାଇଁ ଏକ ଲିଖିତ ପ୍ରସ୍ତାବ ସେ ଉପରାଜ୍ୟପାଳଙ୍କୁ ଦେବା ସହ ଏହାର ନକଲ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ପାଖକୁ ପଠାଇଛନ୍ତି।

୧୯୯୦ରେ ଉଗ୍ରବାଦ ବଢ଼ିବାରୁ ଉପତ୍ୟକା ଛାଡ଼ି ପଳାଇଥିବା କଶ୍ମୀରୀ ପଣ୍ଡିତମାନେ ଏବେ ଜମ୍ମୁ, ଦିଲ୍ଲୀ ଓ ଦେଶର ଅନ୍ୟାନ୍ୟ ସ୍ଥାନରେ ରହୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୨୦୨୦ ରିପୋର୍ଟ ଅନୁଯାୟୀ ବିସ୍ଥାପିତ କଶ୍ମୀରୀ ପଣ୍ଡିତ ପରିବାର ସଂଖ୍ୟା ୬୪,୯୫୧କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୪୩,୬୧୮ ପରିବାର ଜମ୍ମୁରେ, ୧୯,୩୩୮ ପରିବାର ଦିଲ୍ଲୀରେ ଏବଂ ୧,୯୯୫ ପରିବାର ଅନ୍ୟ ରାଜ୍ୟରେ ବସବାସ କରୁଛନ୍ତି।

## ଗେମିଂ ଆପ୍‌ରେ ୫ ଲକ୍ଷ ହରାଇ ଦମ୍ପତିଙ୍କ ଆତ୍ମହତ୍ୟା

କୋଟା, ୨।୬ (ପି.ଟି.)

ଏକ ଅନ୍‌ଲାଇନ ଗେମିଂ ଆପ୍‌ରେ ୫ ଲକ୍ଷ ଟଙ୍କା ହରାଇବା ପରେ ରାଜସ୍ଥାନର କୋଟା ଜିଲାରେ ଏକ ଦମ୍ପତି ହତାଶ ହୋଇ ରବିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। କୋଟାର ଖେଡ଼ା ରାମପୁର ଗ୍ରାମସ୍ଥିତ ନିଜ ଘରେ ଦୀପକ ରାଠୋଡ଼ ଓରଫ୍ ଭିକି (୩୦) ଏବଂ ତାଙ୍କ ସ୍ତ୍ରୀ ରାଜେଶ ରାଠୋଡ଼ ଓରଫ କ୍ରୀଷ୍ଟା (୨୭) ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପୋଲିସର ସୂଚନା ଅନୁଯାୟୀ, ଏହି ଦମ୍ପତି ରବିବାର ରାତିରେ ସ୍ଥାନୀୟ ବଜାରରୁ ନାଇଲନ ଦଉଡ଼ି କିଣିଥିଲେ। ରାତ୍ରି ଭୋଜନ ପରେ ସେମାନେ ରଶିରେ ଝୁଲି ଆତ୍ମହତ୍ୟା କରିଥିଲେ। ସୋମବାର ସକାଳେ ଦୀପକଙ୍କ ପରିବାର ଲୋକେ ତାଙ୍କ ରୁମ୍‌ର କବାଟ ବାଡ଼େଇବାରୁ ତାଙ୍କ ୫ ବର୍ଷର ଝିଅ


ଦୀପକଙ୍କ ସହ ସ୍ତ୍ରୀ କ୍ରୀଷ୍ଟା।

କବାଟ ଖୋଲିଥିଲେ। ଏହାପରେ ପରିବାର ଲୋକେ ଉଭୟ ଦୀପକ ଓ ତାଙ୍କ ସ୍ତ୍ରୀଙ୍କୁ ରଶିରେ ଝୁଲୁଥିବାର ଦେଖି ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇ ନ ଥିବା ପୋଲିସ କହିଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଦୀପକ ପ୍ରାୟତଃ ତାଙ୍କ ମୋବାଇଲ ଫୋନ୍‌ରେ ଅନ୍‌ଲାଇନ ଗେମ ଖେଳି ଟଙ୍କା ଲଗାଉଥିଲେ। ସେ ନିକଟରେ ଏକ ଅନ୍‌ଲାଇନ ଗେମିଂ ଆପ୍‌ରେ ୫ ଲକ୍ଷ ଟଙ୍କା ହରାଇଥିଲେ। ତେଣୁ ଗତ କିଛିଦିନ ହେବ ସେ ସର୍ବଦା ଉଦାସ ରହୁଥିଲେ। ଦିନକ ତଳେ ଦୀପକ ନିଜ ଦେଢ଼ଶାଶୁଙ୍କ ସହ କଥା ହୋଇ ଅନ୍‌ଲାଇନ୍ ଗେମିଂ ଆପ୍‌ରେ ଟଙ୍କା ହରାଇଥିବାରୁ ଏବେ ତାଙ୍କ ଉପରେ ୪ରୁ ୫ ଲକ୍ଷ ଟଙ୍କାର ଋଣ ରହିଥିବା କହିଥିଲେ। ତେଣୁ ଆତ୍ମହତ୍ୟା ବ୍ୟତୀତ ତାଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ ବୋଲି ଦୀପକ କହିଥିଲେ। ଦୀପକ ଏବଂ କ୍ରୀଷ୍ଟାଙ୍କ ବିବାହ ୬ ବର୍ଷ ତଳେ ହୋଇଥିବା ପରିବାର ଲୋକେ କହିଛନ୍ତି। ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି କୋଟା ଡିଏସ୍‌ପି କହିଛନ୍ତି।

## ଭୂସ୍ଖଳନରେ ୩ ଯବାନ ମୃତ

### ୬ ନିଖୋଜ

ଗ୍ୟାଙ୍ଗଟକ, ୨।୬ (ପି.ଟି.)

ସିକିମର ଛତେନଠାରେ ଚାଲିଥିବା ଏକ ମିଲିଟାରି କ୍ୟାମ୍ପରେ ଭୂସ୍ଖଳନ ଘଟିବାରୁ ଭାରତୀୟ ସେନାର ୩ ଯବାନଙ୍କର ମୃତ୍ୟୁ ଘଟିଥିବାବେଳେ ୬ ଜଣ ଯବାନ ନିଖୋଜ ରହିଛନ୍ତି। ରାଜ୍ୟରେ ଗତ କିଛିଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଏହାର ପ୍ରଭାବରେ ମଙ୍ଗନ ଜିଲାର ଛତେନର ବିଭିନ୍ନ ଅଞ୍ଚଳରେ ରବିବାର ରାତିରେ ଭୂସ୍ଖଳନ ଘଟିଥିଲା। ଏହି ଭୂସ୍ଖଳନରେ ଭାରତୀୟ ସେନାର ହାବିଲଦାର ଲଖ୍‌ବିନ୍ଦର ସିଂ, ଲାନ୍ସ ନାୟକ ମୁନିସ ଠାକୁର ଏବଂ ପୋର୍ଟର ଅଭିଷେକ ଲାଖଣ୍ଡାଙ୍କର ମୃତ୍ୟୁ ହୋଇଛି। ତେବେ ସାମାନ୍ୟ ଆହତ ଅବସ୍ଥାରେ ୪ ଜଣ ଅନ୍ୟ ଯବାନଙ୍କୁ ଉଦ୍ଧାର କରାଯାଇଛି। ଏବେ ମଧ ୬ ଜଣ ଯବାନ ନିଖୋଜ ରହିଛନ୍ତି। ରେସ୍କ୍ୟୁ ଟିମ୍ ପକ୍ଷରୁ ସେମାନଙ୍କୁ ଖୋଜିବା


ସିକିମର ଛତେନଠାରେ ଭୂସ୍ଖଳନ ପରେ ରେସ୍କ୍ୟୁ ଟିମ୍ ପକ୍ଷରୁ ଫସି ରହିଥିବା ଯବାନଙ୍କୁ ଉଦ୍ଧାର କରାଯାଉଛି।

ପ୍ରକ୍ରିୟା ଜାରି ରହିଛି। ଅନ୍ୟପକ୍ଷରେ, ସିକିମର ଲାଚୁଙ୍ଗ ସହରରେ ଲଗାଣ ବର୍ଷା ଏବଂ ଭୂସ୍ଖଳନ ମଧ୍ୟରେ ଫସି ରହିଥିବା ୧,୬୭୮ ଜଣ ପର୍ଯ୍ୟଟକଙ୍କୁ ସୋମବାର ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ନେଇ ରାଜ୍ୟ ଡିଜିପି ଅକ୍ଷୟ ସଚ୍‌ଦେବା ସୂଚନା ଦେଇଛନ୍ତି। ସେହିପରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଗତ କିଛି ଦିନ ମଧ୍ୟରେ ଲଗାଣ ବର୍ଷା ଏବଂ ଏହାଦ୍ୱାରା ସୃଷ୍ଟି ହୋଇଥିବା ବନ୍ୟା ଏବଂ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ବଢ଼ି ୩୪ରେ ପହଞ୍ଚିଛି।

## ଫୁରସତ୍

### କୁଲରକୁ ନେଇ ବିବାହରେ ମାର୍‌ପିଟ

ଝାନ୍ସି

ଉତ୍ତରପ୍ରଦେଶର ଝାନ୍ସିରେ ଚାଲିଥିବା ଏକ ବିବାହରେ କୁଲରର ପବନକୁ ନେଇ ମାର୍‌ପିଟ ହେବା ସହ ଚେୟାର ଫିଙ୍ଗାଫୋପଡ଼ା ହୋଇଥିଲା। ଏହି ଘଟଣାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସିପ୍‌ରି ବଜାର ଥାନା ନନ୍ଦନପୁରା ନିବାସୀ ଗଣେଶୀ ରାୟକ୍ୱାରଙ୍କ ଝିଅ ବିବାହରେ କୁଲରର ପବନକୁ ନେଇ ବିବାଦ ଦେଖା ଦେଇଥିଲା। ବିବାହରେ ବର ଏବଂ କନ୍ୟାଙ୍କ ପାଇଁ ମଞ୍ଚ ଉପରେ ଏକ କୁଲର ରଖାଯାଇଥିଲା। ତେବେ ବରଯାତ୍ରୀର କେତେଜଣ ଲୋକ କୁଲର ସମ୍ମୁଖରେ ବସି ପଡ଼ିଥିଲେ, ଯାହାଫଳରେ ବର ଏବଂ କନ୍ୟାଙ୍କ ନିକଟକୁ କୁଲରର ପବନ ଆସିପାରି ନ ଥିଲା। ଏହା ଦେଖି ସେଠାରେ ଉପସ୍ଥିତ କେତେଜଣ କନ୍ୟାପକ୍ଷ ଲୋକ କୁଲର



ସମ୍ମୁଖରେ ବସିଥିବା ବରଯାତ୍ରୀଙ୍କୁ ଉଠି ପଡ଼ିବାକୁ କହିଥିଲେ। ଏହାକୁ ନେଇ ଝଗଡ଼ା ଆରମ୍ଭ ହୋଇଥିଲା, ଯାହା ପରେ ଚେୟାର ଫୋପଡ଼ାଫିଙ୍ଗା ଏବଂ ମାର୍‌ପିଟରେ ପରିଣତ ହୋଇଥିଲା। ଘଟଣାକୁ ନେଇ କନ୍ୟାଙ୍କ ମା’ ଏବଂ ଭାଇ ଝାନ୍ସି ଏସ୍‌ଏସ୍‌ପି ଅଫିସ୍ ପହଞ୍ଚି ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବିନୀତା ଛେତ୍ରୀ ରନର୍‌ଅପ୍


#### ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ-୨୦୨୫

ଲଣ୍ଡନ

ବ୍ରିଟେନ୍‌ର ଲୋକପ୍ରିୟ ରିୟଲିଟି ଶୋ’ ‘ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ’ର ଚଳିତ ସିଜନରେ ଭାରତର ୯ ବର୍ଷୀୟା ବିନୀତା ଛେତ୍ରୀ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି। ଏହି ମଞ୍ଚରେ ବିନୀତା ନିଜ ନୃତ୍ୟ ଦ୍ୱାରା ଦର୍ଶକ ଏବଂ ବିଚାରକମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରି ଅନ୍ତର୍ଜାତୀୟ ସ୍ତରରେ ଭାରତର ନାମକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ଯୋଗୁ ଦେଶବ୍ୟାପୀ ଏବେ ତାଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି। ବିନୀତା ଆସାମର ହୋଇଥିବା ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ତାଙ୍କର ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ଆସାମର ବୋକାଜାନ ସହରସ୍ଥିତ ବ୍ରଏଲର ଫାର୍ମ ମାଲିକ ଅମର ଛେତ୍ରୀଙ୍କର ଝିଅ ବିନୀତା ବ୍ରହ୍ମପୁତ୍ରଠାରୁ ବ୍ରିଟେନ୍ ପର୍ଯ୍ୟନ୍ତ ସମସ୍ତଙ୍କର ହୃଦୟ ଜିତିଛନ୍ତି। ତାଙ୍କୁ ଅନେକ ଅନେକ ଅଭିନନ୍ଦନ। ‘ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ’ ଇତିହାସର ପ୍ରଥମ ଭାରତୀୟ ପ୍ରତିଯୋଗୀ ଭାବେ ବିନୀତା ଏହାର ଫାଇନାଲରେ ପ୍ରବେଶ କରିଥିଲେ। ବ୍ରିଟିଶ୍ ମ୍ୟାଜିସିଆନ୍ ହ୍ୟାରି ମୋଲ୍ଡିଂ ‘ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ ୨୦୨୫’ର ଟାଇଟଲ ହାସଲ କରିଥିବା ବେଳେ ଏଲ୍‌ଇଡି ଡ୍ୟାନ୍ସ ଗ୍ରୁପ୍ ‘ଦି ବ୍ଲାକ୍‌ଆଉଟ୍ସ’ ଏହି ପ୍ରତିଯୋଗିତାରେ ପ୍ରଥମ ରନର୍ ଅପ୍ ହୋଇଥିଲା। ଗ୍ରାଣ୍ଡ ଫିନାଲେରେ ଦ୍ୱିତୀୟ ରନର ଅପ୍ ହେବାପରେ ଶୋ’ର ହୋଷ୍ଟ ବିନୀତାଙ୍କୁ ତାଙ୍କ ଯାତ୍ରା ବିଷୟରେ ପଚାରିଥିଲେ। ଉତ୍ତରରେ ବିନୀତା କହିଥିଲେ, ସେ ନିଜ ପାଇଁ ଗର୍ବିତ। ଏହା ତାଙ୍କ ଜୀବନର ସବୁଠାରୁ ବିଶେଷ ମୁହୂର୍ତ୍ତ। ବିନୀତାଙ୍କ ଏହି ଉକ୍ତି ଶୁଣିବା ପରେ ଦର୍ଶକମାନେ କରତାଳିରେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।



### ଟ୍ରେନ୍‌ର ଜନ୍ମଦିନ ପାଳିଲେ ଯାତ୍ରୀ






ପୁଣେ

ମହାରାଷ୍ଟ୍ରର ମୁମ୍ବାଇ ଏବଂ ପୁଣେକୁ ସଂଯୋଗ କରୁଥିବା ଡେକାନ୍ କୁଇନ୍ ପାସେଞ୍ଜର ଟ୍ରେନ୍‌ର ୯୬ତମ ଜନ୍ମଦିନକୁ ରବିବାର ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏହି ଅବସରରେ ରେଲ୍‌ୱେ ପାସେଞ୍ଜର ଗ୍ରୁପ୍‌ର ଅଧ୍ୟକ୍ଷ ହର୍ଷ ଶାହ ପୁଣେ ଷ୍ଟେଶନର ପ୍ଲାଟ୍‌ଫର୍ମ ନମ୍ବର-୩ରେ କେକ୍ କାଟି ଡେକାନ୍ କୁଇନ୍‌ର ଜନ୍ମଦିନକୁ ପାଳନ କରିଥିଲେ। ଏହି ସେଲିବ୍ରେଶନ ସମୟରେ ପ୍ରତିଦିନ ପୁଣେରୁ ମୁମ୍ବାଇକୁ ଯାତାୟାତ କରୁଥିବା ଅନେକ ଯାତ୍ରୀ ଉପସ୍ଥିତ ଥିଲେ। ହର୍ଷ କହିଛନ୍ତି, ଗତ ୭୫ ବର୍ଷ ଧରି ପ୍ରତିବର୍ଷ ଡେକାନ୍ କୁଇନର ଜନ୍ମଦିନକୁ ପାଳନ କରାଯାଉଛି। ପ୍ରକାଶ ଯେ, ମୁମ୍ବାଇ ଏବଂ ପୁଣେ ସହରକୁ ସଂଯୋଗ କରିବାରେ ଡେକାନ୍ କୁଇନ୍ ଏକ ପ୍ରମୁଖ ମାଧ୍ୟମ ଭାବେ ଜଣାଶୁଣା। ଠିକ୍ ସମୟରେ ପ୍ରସ୍ଥାନ ଏବଂ ଆଗମନ ପାଇଁ ପ୍ରସିଦ୍ଧ ଥିବା ଏହି ଟ୍ରେନ୍ ଗତ ୯୫ ବର୍ଷ ଧରି ଯାତ୍ରୀମାନଙ୍କ ମଧ୍ୟରେ ବିଶ୍ୱାସର ପ୍ରତୀକ ହୋଇରହିଛି। ପ୍ରତିଦିନ ଅନେକ ହଜାର ସଂଖ୍ୟାରେ ଯାତ୍ରୀ ଏହି ଟ୍ରେନ୍ ଯୋଗେ ମୁମ୍ବାଇ ଏବଂ ପୁଣେ ମଧ୍ୟରେ ଯାତାୟାତ କରିଥାନ୍ତି।




# ସରକାରଙ୍କ ଖର୍ଚ୍ଚ ୧% ବଢ଼ିଛି

## ସାମାଜିକ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)

ରାଜ୍ୟରେ ବଜେଟ ଅର୍ଥ ଖର୍ଚ୍ଚ ଆଶାଜନକ ନ ହେବା ନେଇ ଭାଜପା ସରକାରକୁ ବିରୋଧୀମାନେ ସମାଲୋଚନା କରି ଆସୁଥିଲେ ହେଁ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଭାଜପା ସରକାର ଗତ ଆର୍ଥିକବର୍ଷର ଦୁଇମାସ ପରେ (ଜୁନ୍ ୧୨) ଦାୟିତ୍ୱ ଗ୍ରହଣ କରିଥିଲେ ହେଁ ପୂର୍ବବର୍ଷ ତୁଳନାରେ ୨୬ହଜାର କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି। ୨୦୨୩-୨୪ ଆର୍ଥିକବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକବର୍ଷରେ ବଜେଟ ଅର୍ଥ ପ୍ରାୟ ୧% ଅଧିକ ଖର୍ଚ୍ଚ ହୋଇଛି। କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ମହିଳା ଓ ଶିଶୁ କଲ୍ୟାଣ, ବିଜ୍ଞାନ ଓ କାରିଗରି ଭଳି ବିଭିନ୍ନ ସାମାଜିକ କ୍ଷେତ୍ରରେ ସରକାର ଆଖିଦୃଶିଆ ଅର୍ଥ ଖର୍ଚ୍ଚ କରିଛନ୍ତି ବୋଲି ଅର୍ଥ ବିଭାଗରୁ ତଥ୍ୟରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷରେ ପୂର୍ବ ସରକାର ତାଙ୍କ ବଜେଟରେ ୨,୫୭,୧୮୦.୭୯ କୋଟି ଟଙ୍କା ବ୍ୟୟ ଅଟକଳ କରିଥିବାବେଳେ ସେଥିମଧ୍ୟରୁ ୨ଲକ୍ଷ ୭ହଜାର ୬୯୭.୩୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ, ଯାହା କି ପୂର୍ବ ସରକାରଙ୍କ ସର୍ବାଧିକ ଖର୍ଚ୍ଚ ହାର ୮୦.୭୬% ରହିଥିଲା। ମାତ୍ର ଭାଜପା ସରକାର ଗତ ୨୦୨୪-୨୫ରେ ୨ଲକ୍ଷ ୮୫ହଜାର ୨୫୧.୨୧ କୋଟି ଟଙ୍କାର ବ୍ୟୟ ଅଟକଳ କରି ସେଥିରୁ ୨ଲକ୍ଷ ୩୩ହଜାର ୭୬.୧୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସରକାର ଗତ ଆର୍ଥିକବର୍ଷରେ ମାତ୍ର ୧୦ମାସ ମଧ୍ୟରେ ପ୍ରାୟ ୧% ଅର୍ଥ ଅଧିକ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି। ଏହା କେବଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାରମ୍ବାର ସମୀକ୍ଷା ବୈଠକ ଯୋଗୁ ସଫଳ ହୋଇପାରିଛି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ତେବେ ପୂର୍ବ ସରକାର ସମୟରେ ଅର୍ଥ ବିଭାଗ ଲାଗି ୬୧ ହଜାର ୨୧କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ସେଥିରୁ ୪୬ ହଜାର ୬୩୧.୬୪ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଥିଲା, ଯାହାକି ଖର୍ଚ୍ଚ ହାର ୭୬.୪୨% ଥିଲା। ମାତ୍ର ଭାଜପା ସରକାର ଗତବର୍ଷ ବଜେଟ ପରିମାଣ ୬୨ ହଜାର ୨୩୧ କୋଟିଟଙ୍କାକୁ ବୃଦ୍ଧିକରିଥିଲେ ଏବଂ ସେଥିରୁ ୫୪ ହଜାର ୯୫୨ କୋଟି ଖର୍ଚ୍ଚ କରିବାରେ ସକ୍ଷମ ହୋଇଥିଲେ। ଅର୍ଥ ବିଭାଗର ଖର୍ଚ୍ଚ ହାର ୮୮.୩%କୁ ବଢ଼ିଥିଲା। ଗତ ଆର୍ଥିକବର୍ଷ(୨୦୨୩-୨୪) ତୁଳନାରେ ୨୦୨୪-୨୫ରେ ପ୍ରାୟ ୧୨% ଅର୍ଥ ଅଧିକ ଖର୍ଚ୍ଚ ହୋଇଛି।

ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପୂର୍ବବର୍ଷ ୫୦୮୬ କୋଟି ଟଙ୍କା ମଧ୍ୟରୁ ୪୨୯୬ କୋଟିଟଙ୍କା ଖର୍ଚ୍ଚକରିଥିଲା, ବିଭାଗର ଖର୍ଚ୍ଚ ହାର ୮୪.୪୮ % ରହିଥିଲା। ମାତ୍ର ଗତ ଆର୍ଥିକବର୍ଷ ବଜେଟ ପରିମାଣ ୮ହଜାର ୧୦୯ କୋଟି ଟଙ୍କା ମଧ୍ୟରୁ ୭ ହଜାର ୪୮୬ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି, ଯାହାକି ୯୨.୩୨%। ସେହିପରି ଏମ୍ଏସ୍ଏମ୍ଇ ବିଭାଗ ୨୦୨୩-୨୪ରେ ୬୩.୩୩% ଅର୍ଥ ଖର୍ଚ୍ଚ କରିଥିବାବେଳେ ୨୦୨୪-୨୫ରେ ଏହା ୬୮.୩%କୁ ବୃଦ୍ଧି ପାଇଛି। ଉଚ୍ଚଶିକ୍ଷା ବିଭାଗରେ ୨% ଅର୍ଥ ଅଧିକ ଖର୍ଚ୍ଚ ହୋଇଥିବାବେଳେ ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ୩%ରୁ ଉର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ ହୋଇଛି। ସାଧାରଣ ଉଦ୍ୟୋଗ ବିଭାଗରେ ୯% ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ୧୫% ଅଧିକ, ପର୍ଯ୍ୟଟନରେ ୬%, ବିଜ୍ଞାନ ଓ କାରିଗରିରେ ୩%, କୃଷିରେ ୩%, ବାଣିଜ୍ୟରେ ସର୍ବାଧିକ ୩୦% ଅର୍ଥ ଅଧିକ ଖର୍ଚ୍ଚ ହୋଇଥିବା ବିଭାଗୀୟ ତଥ୍ୟରୁ ଜଣାଯାଇଛି। ପୂର୍ବବର୍ଷ ୬୩.୫୩% ଅର୍ଥ ଖର୍ଚ୍ଚ ହୋଇଥିବାବେଳେ ଗତବର୍ଷ ୯୩.୨୧% ଅର୍ଥ ଖର୍ଚ୍ଚ ହୋଇଛି। ତେବେ ପଞ୍ଚାୟତିରାଜ, ନଗର ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ଅବକାରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଭଳି କେତେକ ବିଭାଗ ବଜେଟ ଅର୍ଥ ଖର୍ଚ୍ଚ କରି ପାରି ନ ଥିବା ତଥ୍ୟରୁ ଜଣାପଡ଼ିଛି।

# ଖୁବ୍‌ଶୀଘ୍ର ଭଦ୍ରକରେ ମେଡିକାଲ କଲେଜର ଶିଳାନ୍ୟାସ: ମୁଖ୍ୟମନ୍ତ୍ରୀ

ଭଦ୍ରକ,୨।୬ (ସନାତନ ରାଉତ/ରବିନାରାୟଣ ଖିଲାର)


ଭଦ୍ରକ ବ୍ଲକ ରମ୍ଭିଳା ପଞ୍ଚାୟତର ବଳିଆପଦା ପଡ଼ିଆରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

- ୨୭୪ କୋଟିର ୧୩ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର
- ଜିଲାର ବରପୁତ୍ରଙ୍କୁ ମନେପକାଇଲେ

ଭଦ୍ରକର ଦୀର୍ଘଦିନର ଦାବି ସରକାରୀ ମେଡିକାଲ କଲେଜର ଶିଳାନ୍ୟାସ ଖୁବ୍‌ଶୀଘ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଭଦ୍ରକ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ସଦର ବ୍ଲକର ରମ୍ଭିଳା ପଞ୍ଚାୟତ ବଳିଆପଦା ପଡ଼ିଆରେ ଅନୁଷ୍ଠିତ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ସଭାରେ ଯୋଗଦେଇ ଏହା କହିବା ସହ ଜିଲାରେ ସରକାରୀ ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବା ନେଇ ଜିଲାବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅପରାହ୍ନ ୪ଟା ୩୦ରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ରିମୋଟ୍ ଟିପି ଜିଲାର ୨୭୪ କୋଟି ୪୭ ଲକ୍ଷ ମୂଲ୍ୟର ୧୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଭାଷଣ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ସମେତ ଜିଲାର ବରପୁତ୍ରମାନଙ୍କୁ ମନେପକାଇଥିଲେ। ଏହି ଅବସରରେ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ଆଲୋକପାତ କରିଥିଲେ। ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦିଆଯିବ। ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସରକାର ପ୍ରତିଷ୍ଠା କରିବେ। ପୂର୍ବ ସରକାରରେ ଶିକ୍ଷାର ଉନ୍ନତି ନାମରେ କେବଳ ରଙ୍ଗ ମାରିବା ଓ ନିଜର ବାଜା ବଜାଇବାରେ ୨୪ ବର୍ଷ ଚାଲିଗଲା। ଆୟୁଷ୍ମାନ୍ ଯୋଜନା ପୂର୍ବ ସରକାର ଲାଗୁ କରି ନ ଥିବାବେଳେ ରାଜ୍ୟରେ ଭାଜପା ସରକାର ଆସିବା ପରେ ଲୋକଙ୍କୁ ଏହି ଯୋଜନାର ସୁବିଧା ମିଳିଛି। ଦେଶରେ ୨୯ ହଜାର ହସ୍ପିଟାଲରେ ଲୋକେ ଚିକିତ୍ସା ସୁବିଧା ନେଇପାରିବେ। ଭାଜପା ସରକାର ଆସିବାର ୬ ମାସ ମଧ୍ୟରେ ଚାଷୀମାନଙ୍କୁ ଧାନକିଣାରେ ୮ଶହ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନ କରାଯାଇଛି। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସଶକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଭଦ୍ରକ ଜିଲାରେ ଶିଳ୍ପର ବିକାଶ ପାଇଁ ଆଇଓସିଏଲ୍ ପକ୍ଷରୁ ୪୩୭୭ କୋଟି ଟଙ୍କା ବିନିଯୋଗରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଅନୁମୋଦନ କରାଯାଇଛି। ଏମ୍‌ସିପିଏଲ୍ ପକ୍ଷରୁ ୨୨୨୪ କୋଟି ଟଙ୍କା ବ୍ୟୟବରାଦରେ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପରେ ବହୁ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇପାରିବେ। ଭଦ୍ରକ ଜିଲାକୁ ଅଗ୍ରଣୀ ଓ ବିକଶିତ ଜିଲା ଭାବେ ଗଢ଼ି ତୋଳିବା ପାଇଁ ଭାଜପା ସରକାର ଉଦ୍ୟମ ଜାରି ରଖିଛନ୍ତି। ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ବରେଣ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ଭଦ୍ରକର ସମସ୍ତ ଐତିହ୍ୟ ସ୍ଥଳୀକୁ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଛି। ଆରଡ଼ି ଆଖଣ୍ଡଳମଣି ପୀଠ, ଭଦ୍ରକାଳୀ ପୀଠ ସମେତ ଶହୀଦ ପୀଠ ଇରମ, ଲୁଣିଆ, ଗୋହିରାଟିକିରିର ବିକାଶ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟବାସୀଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ସରକାର ସବୁବେଳେ ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବାସୁଦେବପୁର ବିଧାୟକ ଅଶୋକ ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଭଦ୍ରକ ଗସ୍ତକୁ ସ୍ୱାଗତ ଜଣାଇବା ସହ ବକ୍ତବ୍ୟ ରଖିଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ ଏବଂ ଜିଲାପାଳ ଦିଲୀପ ରାଉତରାଏ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ସରୋଜ ଦତ୍ତ, ଉପଜିଲାପାଳ ସରୋଜ ଚକ୍ରବର୍ତ୍ତୀ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ସହଯୋଗ କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକଙ୍କ ନେତୃତ୍ୱରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ସମ୍ବିତ ମାଝୀ, ଗୋଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ସମେତ ୨ଜଣ ଡିଏସ୍‌ପି, ୨୦ରୁ ଉର୍ଦ୍ଧ୍ୱ ଇନ୍ସପେକ୍ଟର ନିୟୋଜିତ ଥିଲେ। ୨୦ ପ୍ଲାଟୁନ ଫୋର୍ସ ସହ ସାଦା ପୋଷାକରେ ପୋଲିସ ସଭାସ୍ଥଳରେ ମୁତୟନ ରହିଥିଲେ। ଅପରାହ୍ନ ୪ଟା ୨୦ରେ ମୁଖ୍ୟମନ୍ତ୍ରୀଙ୍କ ହେଲିକେପ୍ଟର ଜଗଦଳପୁର ୟୁଜିଏମ୍ଇ ସ୍କୁଲ ପଡ଼ିଆରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲା। ସେଠାରୁ ସଡ଼କ ପଥରେ ମୁଖ୍ୟମନ୍ତ୍ରୀ ସଭାସ୍ଥଳକୁ ଯାଇଥିଲେ। ସନ୍ଧ୍ୟା ୬ଟାରେ ସଭା ସରିବା ପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ।

# ୨ ହାଉସ୍ ସର୍ଜନଙ୍କୁ ୨୫ ହଜାର ଲେଖାଏ ଜରିମାନା

## ଏମ୍‌କେସିଜିରେ ୪ର୍ଥ ବର୍ଷ ଛାତ୍ରଙ୍କୁ ରାଗିଂ

ବ୍ରହ୍ମପୁର,୨।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ଓ କଲେଜରେ ପୁଣି ରାଗିଂ ହୋଇଥିବା ଅଭିଯୋଗ ହୋଇଛି। ୨ ଜଣ ହାଉସ ସର୍ଜନ ଚତୁର୍ଥ ବର୍ଷରେ ଅଧ୍ୟୟନରତ ଜଣେ ଛାତ୍ରଙ୍କୁ ମାନସିକ ନିର୍ଯାତନା ଦେଉଥିବା ଗତ ୧୨ ତାରିଖରେ ଆଣ୍ଟି ରାଗିଂ ସେଲରୁ ଅଭିଯୋଗ ଆସିଥିଲା। ଏଥିପାଇଁ ସୋମବାର ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ତରଫରୁ ଆଣ୍ଟି ରାଗିଂ କମିଟି ବୈଠକ ଡକାଯାଇଥିଲା।

ବରିଷ୍ଠ ଛାତ୍ରଙ୍କୁ କନିଷ୍ଠ ଛାତ୍ରମାନେ ସମ୍ମାନ ଦେଉ ନ ଥିବାରୁ ଏହି ରାଗିଂ ହୋଇଥିବା ଜଣାପଡ଼ିଛି। ଏଭଳି ଘଟଣା କନିଷ୍ଠ ଡାକ୍ତର ଓ ଡାକ୍ତରୀ ଛାତ୍ରମାନଙ୍କ କ୍ଷେତ୍ରରେ ଆଦୌ ଶୋଭନୀୟ ନୁହେଁ ବୋଲି ବୈଠକରେ କୁହାଯାଇଥିଲା। ରାଗିଂରେ ସମ୍ପୃକ୍ତ ୨ ହାଉସ ସର୍ଜନଙ୍କୁ ୨୫ ହଜାର ଲେଖାଏ ଜରିମାନା ଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମେଡିକାଲ କଲେଜ ପ୍ରିନ୍ସିପାଲ ତଥା ଡିନ ପ୍ରଫେସର ଡା. ସୁଚିତ୍ରା ଦାଶ ସୂଚନା ଦେଇଛନ୍ତି। ଅନ୍ୟପଟେ ଏଭଳି ଘଟଣାକୁ ନେଇ ଉଭୟ ଅଭିଯୋଗକାରୀ ଛାତ୍ର ଓ ୨ ହାଉସ ସର୍ଜନଙ୍କ ମଧ୍ୟରେ ଆପୋସ ବୁଝାମଣା ପତ୍ର ଥାନାରେ ମେ ୧୬ ତାରିଖରେ ଦିଆଯାଇଛି। ଏହାକୁ ନେଇ ପୋଲିସ ପକ୍ଷରୁ ଏକ ଜେନେରାଲ ଡାଏରୀ କରାଯାଇଛି ବୋଲି ଥାନାଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି। ବୈଠକରେ ଡିନ ପ୍ରଫେସର ଦାଶଙ୍କ ସମେତ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ସମସ୍ତ ବିଭାଗୀୟ ମୁଖ୍ୟଙ୍କ ସମେତ କମିଟିର ବହୁ ସଦସ୍ୟ ଓ ବୈଦ୍ୟନାଥପୁର ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ନନ୍ଦନକାନନରେ ୭ ମାସର ଧଳା ବାଘଛୁଆ ମୃତ

ତ୍ରିଶୂଳିଆ,୨।୬(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଗତ ରବିବାର ସନ୍ଧ୍ୟାରେ ୭ ମାସର ଧଳା ବାଘଛୁଆର ମୃତ୍ୟୁ ଘଟିଛି। ଗତ ମାର୍ଚ୍ଚରେ ବାଘ ଛୁଆଟିର ଗୋଡ଼ରେ ଆଘାତ ଲାଗିଥିବାରୁ ତାକୁ ୨୧ ନଂ. ଖୁଆଡ଼ରୁ ଅଲଗା ରଖି ଚିକିତ୍ସା ଚାଲିଥିଲା। ତେବେ ସେ ସୁସ୍ଥ ହେବାରୁ ପ୍ରଦର୍ଶନ ପାଇଁ ମେ ୩୧ରେ ଖୁଆଡ଼କୁ ଆଣିଥିଲେ। ହେଲେ ରବିବାର ସନ୍ଧ୍ୟାରେ ବାଘ ଛୁଆର ମୃତ୍ୟୁ ଘଟିଛି। ସୋମବାର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ନନ୍ଦନକାନନର ଜଣେ ଅଧିକାରୀ କହିଛନ୍ତି। ୨,୧୧,୨୦୨୪ରେ ମହାବଳ ବାଘ କ୍ରିଷ୍ଣା ଓ ଧଳା ବାଘୁଣୀ ରୂପାର ମିଳନରୁ ଗୋଟେ ଧଳା ଓ ୨ଟି ସାଧାରଣ ବାଘଛୁଆ ଜନ୍ମ ହେବା ପରେ ମା'ର ଲାଳନପାଳନରେ ଥିଲେ। ଧଳା ବାଘ ଛୁଆର ମୃତ୍ୟୁ ପରେ ନନ୍ଦନକାନନରେ ବାଘସଂଖ୍ୟା ୨୭ରେ ପହଞ୍ଚିଛି। ସେଥିମଧ୍ୟରୁ ୧୮ ସାଧାରଣ, ୫ ଧଳା ବାଘ ଓ ୪ ମେଲାନୋଷ୍ଟିକ୍ (କଳା ଲୋମଶଯୁକ୍ତ) ବାଘ ରହିଛନ୍ତି।

# ସିକ୍କିମରୁ ଫେରିଲେ ଇତିଶ୍ରୀଙ୍କ ଭଉଣୀ, ଝିଆରୀ

## ବର୍ଣ୍ଣନା କଲେ କାଳରାତିର ଲୋମଟାଙ୍କୁରା ଘଟଣା

ଯାଜପୁର,୨।୬ (ହର୍ଷବର୍ଦ୍ଧନ ବେହେରା)

ସିକ୍କିମର ଗ୍ୟାଙ୍ଗଟକ ନିକଟ ତିସ୍ତା ନଦୀକୁ ଟୁରିଷ୍ଟ ଗାଡ଼ି ମହିନ୍ଦ୍ରା ମାକ୍ସ ଖସି ନିଖୋଜ ହୋଇଯାଇଛନ୍ତି ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଇତିଶ୍ରୀ ଜେନାଙ୍କ ସମେତ ତାଙ୍କ ପରିବାରର ୪ ସଦସ୍ୟ। ଘଟଣା ଗତ ଗୁରୁବାର ରାତିରେ ଘଟିଥିବାବେଳେ ସୋମବାର ସନ୍ଧ୍ୟା ସୁଦ୍ଧା ସେମାନଙ୍କ ପତ୍ତା ମିଳିନାହିଁ। ଅନ୍ୟପକ୍ଷରେ ଇତିଶ୍ରୀଙ୍କ ପରିବାରର ଅନ୍ୟ ୪ ସଦସ୍ୟ ସୋମବାର ସକାଳେ ଯାଜପୁର ରୋଡ୍‌କୁ ଫେରିଛନ୍ତି। ସେମାନେ ହେଲେ ଇତିଶ୍ରୀଙ୍କ ବଡ଼ ଭଉଣୀ ମଞ୍ଜୁଲତା ଦେଓ, ଝରଣା ମହାପାତ୍ର, ଝିଆରୀ ଜାନି ନାଏକ ଓ କୁନି ନାଏକ। ଘରକୁ ଫେରିବା ପରେ ସେମାନଙ୍କୁ ପଡୋଶୀ, ସମ୍ପର୍କୀୟ ଓ ସହରବାସୀ ସାନ୍ତ୍ୱନା ଦେବାକୁ ପହଞ୍ଚିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ ସେମାନଙ୍କୁ ଭେଟି ସ୍ଥିତି ଓ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଇତିଶ୍ରୀଙ୍କ ବଡ଼ ଭଉଣୀ ମଞ୍ଜୁଲତା ସେହି କାଳରାତିରେ ଲୋମଟାଙ୍କୁରା ଘଟଣା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ବୁଲି ବୁଲି ହାଲିଆ ହେବା ପରେ ସେମାନେ ଚୁଙ୍ଗଥାଙ୍ଗ ହୋଟେଲକୁ ଫେରିଥିଲେ। ତେବେ ଫେରିବା ବାଟରେ ରାସ୍ତା ଭାଙ୍ଗି ଯାଇଥିବାରୁ ବିଳମ୍ବ ହୋଇଥିଲା। ଚୁଙ୍ଗଥାଙ୍ଗ ହୋଟେଲକୁ ସେମାନେ ସନ୍ଧ୍ୟା ୬ଟାରେ ଫେରିଥିଲେ। ବର୍ଷା ମଧ୍ୟ ହେଉଥିଲା। ତେଣୁ ରାତିଟା ସେହି ହୋଟେଲରେ କାଟିବାକୁ ସେମାନେ କହିଥିଲେ। ହେଲେ ଗାଡ଼ି ଡ୍ରାଇଭର ପ୍ୟାକେଜ୍ ସିଷ୍ଟମ୍‌ରେ ଆସିଛନ୍ତି, ଏଠାରେ ରହିହେବନି, ଯେମିତି ହେଲେ ଯିବା ବୋଲି ବାଧ କରିଥିଲେ। ଆସିବା ସମୟରେ ମଞ୍ଜୁଲତା ଓ ତାଙ୍କ ୫ ପରିବାର ସଦସ୍ୟ ଗୋଟିଏ ଗାଡ଼ିରେ ଏବଂ ଇତିଶ୍ରୀ ଓ ତାଙ୍କ ୬ ଜଣ ସଦସ୍ୟ ଅନ୍ୟ ଗାଡିରେ ବସିଥିଲେ। ଆଗ ପଛ ହୋଇ ସେମାନେ ଯାଉଥିଲେ। ରାତି ପ୍ରାୟ ସାଢେ ୭ଟାରେ ପଛ ଗାଡ଼ିର ଲାଇଟ୍ ଦିଶି ନ ଥିଲା। ଡ୍ରାଇଭରଙ୍କୁ ଏହା କହିବାରୁ ସେମାନେ ପଛକୁ ଫେରିଥିଲେ। ହେଲେ ସେଠାରେ କାହାରିକୁ ଆଉ ପାଇ ନ ଥିଲେ। ଡ୍ରାଇଭର ସେଠାରୁ ସେମାନଙ୍କୁ ନିକଟସ୍ଥ ଏକ ପୋଲିସ ଷ୍ଟେଶନରେ ଛାଡ଼ି ଦେଇ ପୁଣି ଘଟଣାସ୍ଥଳକୁ ଯାଇଥିଲେ। ପୋଲିସ ଖବର ପାଇ ସେଠାରେ ଯାଇ ଖୋଜାଖୋଜି କରିବାରୁ ଭୋର ୩ଟା ସମୟରେ ଦୁଇ ପୁତୁରା ସାଇରାଜ ଓ ଅଂଶୁମାନଙ୍କୁ ଗୁରୁତର ଅବସ୍ଥାରେ ପାଇଥିଲେ। ସେଠାରୁ ଉଭୟଙ୍କୁ ପୋଲିସ ପ୍ରାଥମିକ ଚିକିତ୍ସା କରି ଆମ୍ବୁଲାନ୍ସ ଯୋଗେ ଗ୍ୟାଙ୍ଗଟକ୍ ଡାକ୍ତରଖାନାକୁ ପଠାଇଥିଲା। ସେଠାକାର ଓ ଓଡ଼ିଶା ସରକାରଙ୍କ ସହଯୋଗ ଯୋଗୁ ଉଭୟ ଗୁରୁତର ପୁତୁରାଙ୍କ ଚିକିତ୍ସା ଭଲ ଭାବରେ ହେଉଛି। ବିଧାୟକ ଆକାଶଙ୍କ ସହଯୋଗ ମଧ୍ୟ ବହୁତ କାର୍ଯ୍ୟରେ ଲାଗିଛି। ତେବେ ଅଂଶୁମାନ ଗୁରୁତର ଅବସ୍ଥାରେ ରହିଛନ୍ତି। ଦୁଇଟି ଗୋଡ଼ ଭାଙ୍ଗି ଯାଇଛି। ମସ୍ତିଷ୍କ ମଧ୍ୟ ଠିକ ଭାବେ କାର୍ଯ୍ୟ କରୁନାହିଁ। ସେହିପରି ନିଖୋଜ ଥିବା ଭଉଣୀ ଓ ଅନ୍ୟମାନଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ପୁତୁରା ଦ୍ୱୟ ଭଲ ହୋଇଗଲେ ମନରେ ଶାନ୍ତି ଆସନ୍ତା ବୋଲି କୋହଭରା କଣ୍ଠରେ ମଞ୍ଜୁଲତା କହିଛନ୍ତି। ସେହିଦିନ ରାତିରେ ନ ଫେରିବାକୁ ଯଦି ଡ୍ରାଇଭର ମାନି ଯାଇଥାନ୍ତେ ତେବେ କୌଣସି ଦୁର୍ଘଟଣା ହୋଇ ନଥାନ୍ତା ବୋଲି ସେମାନେ କହିଛନ୍ତି। ଦୁର୍ଘଟଣାକୁ ୪ଦିନ ବିତିଯାଇଥିଲେ ସୁଦ୍ଧା ଇତିଶ୍ରୀ ଜେନା ଓ ଅନ୍ୟମାନଙ୍କ ଖୋଜ ଖବର ମିଳିପାରିନାହିଁ। କିନ୍ତୁ ନଦୀରେ ପଡ଼ିଥିବା ମହିନ୍ଦ୍ରା ମାକ୍ସକୁ ମଧ୍ୟ ଉଦ୍ଧାର କରାଯାଇ ପାରିନାହିଁ। ତେବେ ୬ଟି ମୋବାଇଲ ଓ ବ୍ୟାଗ୍ ମିଳିଥିବା ସୂଚନା ମିଳିଛି।

# ଓଡ଼ିଶା ସୀମାନ୍ତରୁ ୨.୫ ଟନ୍ ବିସ୍ଫୋରକ ଜବତ ଚର୍ଚ୍ଚା

## ଓଡ଼ିଶା-ଝାଡ଼ଖଣ୍ଡ ପୋଲିସ ପକ୍ଷରୁ ମିଳିତ ଅପରେଶନ ଜାରି

ବଣାଇଁ,୨।୬(ପ୍ରଦୀପ ତ୍ରିପାଠୀ)


ଜବତ ହୋଇଥିବା ବିସ୍ଫୋରକ।

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ତିରିଲପୋଷି ଅଞ୍ଚଳରୁ ସୋମବାର ପୁଣି ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି। ମାଟି ତଳେ ପୋତି ହୋଇ ରହିଥିବା ବିସ୍ଫୋରକକୁ ସର୍ଚ୍ଚ ଅପରେଶନ ବେଳେ ଠାବ କରି ଜବତ କରାଯାଇଥିବା ସୂଚନା ମିଳିଛି। ଜବତ ବିସ୍ଫୋରକର ଓଜନ ୨.୫ ଟନ୍ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କିନ୍ତୁ ଜବତ ବିସ୍ଫୋରକର ପରିମାଣ କେତେ ହେବ ସେ ନେଇ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅପରେଶନରେ ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ପୋଲିସଙ୍କ ସହିତ ଅର୍ଦ୍ଧସାମରିକ ବାହିନୀ ମୁତୟନ ଥିଲେ। କୋବ୍ରା ବାଟାଲିୟନ, ସିଆର୍‌ପିଏଫ୍ ଯବାନମାନେ ଏବେ ବି ସରଣ୍ଡା ଜଙ୍ଗଲରେ ସର୍ଚ୍ଚଅପରେଶନ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୭ ତାରିଖ ସ୍ପଷ୍ଟ ଦିବାଲୋକରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କ୍ୱାରିକୁ ଆସିଥିବା ୨ ଶହ ପେଟି ବିସ୍ଫୋରକକୁ ମାଓବାଦୀ ଲୁଟି ନେବା ପରେ ଉଭୟ ରାଜ୍ୟ ପାଇଁ ବିପଦ ସୃଷ୍ଟି ହୋଇଛି। ତେବେ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପୋଲିସ ଅପରେଶନ ଜାରି ରଖିଛି। ଝାଡ଼ଖଣ୍ଡ ସିଆର୍‌ପିଏଫ୍‌ର ଯବାନ, କୋବ୍ରା ବାଟାଲିୟନ ଓ ଉଭୟ ରାଜ୍ୟ ପୋଲିସ ମିଳିତ ଭାବେ ଚଳାଇଥିବା ଅପରେଶନରେ ଗୋଇନ୍ଦା ବିଭାଗ ତଥ୍ୟକୁ ଆଧାର କରି କେତେଜଣ ମିଲିସିଆ (ମାଓବାଦୀ ସହଯୋଗୀ)ଙ୍କୁ ଠାବ କରି ପଚରାଉଚୁରା କରିଥିଲେ। ତାଙ୍କ ତଥ୍ୟ ଆଧାରରେ ସୋମବାର ଚଢ଼ାଉ ଜାରି ରଖିଥିଲେ। ଉଲ୍ଲେଖଯୋଗ୍ୟ, ଗତ ୩୦ ତାରିଖରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ତିରିଲପୋଷି ଗ୍ରାମ ସରଣ୍ଡା ନିକଟରେ ଥିବା ମାଓବାଦୀ କ୍ୟାମ୍ପ ଉପରେ ସୁରକ୍ଷା କର୍ମୀମାନେ ଚଢ଼ାଉ କରି କିଛି ପରିମାଣର ବିସ୍ଫୋରକ ଜବତ କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ବିଏମ୍‌ସିର ବିଭିନ୍ନ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ, ସ୍ଥାନ: ଇସ୍କନ ମନ୍ଦିର, ସମୟ: ସକାଳ ୯ଟା ୩୦।
- ଅବନୀ ବରାଳ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ତିଗିରିଆ ପଞ୍ଚାୟତ ସମିତି ସ୍ୱତନ୍ତ୍ର ଅଧିବେଶନ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ତିଗିରିଆ, ସମୟ: ସକାଳ ୮ଟା।

## ବାଲେଶ୍ୱର
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଣିଆରୀ, ସିମୁଳିଆ, ସମୟ: ଦିବସ ବ୍ୟାପୀ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପଞ୍ଚଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶାନ୍ତି କମିଟି ବୈଠକ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।

## ଭଦ୍ରକ
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: କାଦବରାଙ୍ଗ, ବନ୍ତ, ସମୟ: ସକାଳ ୮ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ଅସୁରାଳି, ଧାମନଗର, ସମୟ: ସକାଳ ୮ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ଏଡ଼ତାଳ, ବାସୁଦେବପୁର, ସମୟ: ସକାଳ ୮ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ଜଳମଣ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ସୁନ୍ଦରପୁର, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ମଧୁପୁର, ଗୋବିନ୍ଦପୁର, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ବିଦ୍ୟାର୍ଥୀ ପୁରସ୍କାର ବିତରଣ ଉତ୍ସବ ଓ ଜନଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: ବାଗୁରାଇ ଆଦିବାସୀ କଲୋନୀ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରିପଦା,ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ନାରଦ ଜୟନ୍ତୀ ସମାରୋହ,ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରାଲି, ସ୍ଥାନ: ଲାଞ୍ଜିପଲ୍ଲୀ, ସମୟ: ସକାଳ ୬ଟା।
- ମୋହନ ନାୟକ ଜୟନ୍ତୀ ପାଳନ, ସ୍ଥାନ: ଦିବ୍ୟ ଜୀବନ ସଂଘ, ସମୟ: ସକାଳ ୮ଟା ୩୦।

## କନ୍ଧମାଳ
- କ୍ରିକେଟ ଟୁର୍ନାମେଣ୍ଟର ଶୁଭାରମ୍ଭ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ସିଆଙ୍ଗବାଲି ପଞ୍ଚାୟତ, ସମୟ: ସକାଳ ୯ ଟା।

## କେନ୍ଦ୍ରାପଡ଼ା
- ଗ୍ରାମ ରଜୋତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ସକାଳ ୯ଟା।

## ଯାଜପୁର
- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମର ୬ଷ୍ଠ ଦିବସ। ସ୍ଥାନ: ରଗଡ଼ି ଉପକାରାଗାର ପରିସର। ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ନୟାଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶୀତଳଷଷ୍ଠୀ ଯାତ୍ରା ଅବସରରେ ମୋ ଗାଁ ମହୋତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ପ୍ରତାପପ୍ରସାଦ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ପବିତ୍ର ରାମକଥା ଉଦ୍‌ଯାପିତ, ସ୍ଥାନ: ଗୀତ ଭବନ, ମୁନିଗୁଡା, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।

## ମାଲକାନଗିରି
- ନିଶା ନିବାରଣ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ଖଇରପୁଟ ବ୍ଲକ ଜାମୁଗୁଡା ଗାଁରେ ମା' ମାଉଲୀ ଡଙ୍ଗର ଦେଇ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ:ଜାମୁଗୁଡା ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୧ ଟା।
- ଜିଲା କୃଷି ବିଜ୍ଞାନକେନ୍ଦ୍ର ପକ୍ଷରୁ କୃଷକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଏମ୍‌ଭି ୧୮, ସମୟ:ପୂର୍ବାହ୍ନ ୧୦.୩୦ ମିନିଟ୍। ପଦ୍ମଗିରି ପଞ୍ଚାୟତ ବୋଇଲାପାଲ୍ଲୀ, ସମୟ:୧୧.୩୦।
- ଓଡିଶୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ହାଇଟେକ୍ କଲୋନୀ, ସମୟ: ସକାଳ ୯ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ମୁଖ୍ୟମନ୍ତ୍ରୀ କପ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ପଶ୍ଚିମାଞ୍ଚଳ ଏକାତା ମଞ୍ଚ ପକ୍ଷରୁ ଶୋକସଭା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୪ଟା।
- ସାମାଜିକ କର୍ମୀ ସବ୍ୟସାଚୀ ମିଶ୍ରଙ୍କ ପରଲୋକରେ ଶୋକସଭା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଆଦିବାସୀ ସଂଘ ପକ୍ଷରୁ ନବ ଅଭିଷିକ୍ତ ଲୋଇସିଂହା ଜମିଦାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଆଦିବାସୀ ଭବନ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।
- ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଡିଏଫ୍‌ଓ କନଫରେନ୍ସ ହଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାରାୟଣ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା।
- ଡ୍ରେନେଜ ଅବ୍ୟବସ୍ଥା ନେଇ ଆର୍‌ଏମ୍‌ସି କମିଶନରଙ୍କୁ ଦାବିପତ୍ର, ସ୍ଥାନ: ଆରଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ପୁଷ୍ଟିଶସ୍ୟ ଖାଦ୍ୟ ମେଳା, ସ୍ଥାନ: ସାଗରପାଲି, ଟାଙ୍ଗରପାଲି ବ୍ଲକ, ସମୟ: ସକାଳ ୯ଟା।
- ତ୍ରିଦିବସୀୟ କଳିକା କେନ୍ଦ୍ର ସେବିକାଙ୍କ ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ, ସ୍ଥାନ: ଆଞ୍ଚଳିକ ସାଧନ କେନ୍ଦ୍ର, ମହୁଲପାଲି, ସମୟ: ପୂର୍ବାହ୍ନ ୧୦ଟା।
- ମଲ୍ଟିଆକ୍ଟର ପ୍ଲାଟଫର୍ମ ଉପରେ କର୍ମଶାଳା, ସ୍ଥାନ: ସାଗରପାଲି, ଟାଙ୍ଗରପାଲି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ସମତା ଭବନ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେବଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ବଡ ବଗିଚା, ପ୍ରଧାନପାଟ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ମୋହରା ଗାଁ, ସମୟ: ସକାଳ ୯ଟା ୧୦।
- ନାମଯଜ୍ଞ ଉପଲକ୍ଷେ ଧର୍ମସଭା, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ମୋହରା ଗାଁ, ସମୟ: ଅପରାହ୍ନ ୪ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ ଗୌଡ ସାଂସ୍କୃତିକ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

# ଯୁକ୍ତ ୩ ନାମଲେଖା ଆବେଦନ ଅବଧି ବଢ଼ିଲା

**ଭୁବନେଶ୍ୱର,୨।୬(ସୁଚିସ୍ମିତା ସାହୁ)**

ଯୁକ୍ତ ୩ ନାମଲେଖା ପାଇଁ ଆବେଦନ ଅବଧି ପୁଣିଥରେ ବୃଦ୍ଧି କରାଯାଇଛି। ଛାତ୍ରୀଛାତ୍ର ଜୁନ ୪ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ ଅନ୍‌ଲାଇନ ମଧ୍ୟରେ ଆବେଦନ କରିପାରିବେ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ବର୍ଦ୍ଧିତ ଅବଧି ଜୁନ୍ ୧ ସୁଦ୍ଧା କମ୍ ଆବେଦନ ହୋଇଥିବାରୁ କଲେଜଗୁଡିକର ସିଟ ପୂରଣ ହେବା ନେଇ ଆଶଙ୍କା ରହିଛି। ସିଟ ଅନୁସାରେ ପାଖାପାଖି ୧୪ ହଜାରରୁ କମ୍ ଆବେଦନ ହୋଇଥିଲା। ସିଟ୍ ପୂରଣ ଲାଗି ନାମଲେଖା ଅବଧି ବୃଦ୍ଧି କରାଯାଇଥିବା ଚର୍ଚ୍ଚା ହେଉଥିବାବେଳେ ଯୁକ୍ତ ୩ ନାମଲେଖା ପାଇଁ ଛାତ୍ରୀଛାତ୍ର ଏବଂ ଅଭିଭାବକ ଆବେଦନ ତାରିଖ ବୃଦ୍ଧି କରିବାକୁ ଦାବି କରିଥିବାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆବେଦନକୁ ବଢ଼ାଇ ଦିଆଯାଇଥିବା କୁହାଯାଇଛି। ପୂର୍ବରୁ ସିଏଏଫ ଦାଖଲ ଆବେଦନ କରିଥିବା ଛାତ୍ରୀଛାତ୍ର ସେମାନଙ୍କ ଫର୍ମରେ ଆବଶ୍ୟକ ସଂଶୋଧନ କରିପାରିବେ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଯୁକ୍ତ ୩ରେ ନାମଲେଖା ପାଇଁ ରାଜ୍ୟରେ ୨ଲକ୍ଷ ୭୪ହଜାର ୫୬୯ଟି ସିଟ୍ ଉପଲବ୍ଧ ରହିଛି। ଜୁନ୍ ୧ ଯାଏ ୨ଲକ୍ଷ ୫୯ହଜାର ୯୮୧ଜଣ ଆବେଦନ କରିଥିବାବେଳେ ୨ଲକ୍ଷ ୫୨ହଜାର ୦୧୫ ପିଲା ଆବଶ୍ୟକ ଫି' ଦାଖଲ କରି ଆବେଦନ ସମ୍ପୂର୍ଣ୍ଣ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ତପା ଜପା ଭୋପା ଗେଙ୍ଗା**
**ଯା'ଙ୍କ ଦେହି ପାଠ ହୁଏ ନାହିଁଲୋ ବୋପା।**

ପାଠ ପାଇଁ ଶିକ୍ଷଣୀୟ ମନୋଭାବ ରଖିବା ନିତାନ୍ତ ଜରୁରୀ। ଯେ ତପସ୍ୟା କରେ, ଯେ ମାଳା ଜପେ , ଯେ ବୃଥା ଆସ୍ଫାଳନ କରେ ଓ ଯେ ସର୍ବଦା ପେଟ ଚିନ୍ତା କରୁଥାଏ , ସେମାନଙ୍କ ଦ୍ୱାରା ଆଦୌ ପାଠ ହୁଏନାହିଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତୁ ଖାଉଥାଉ ତୋର ଭାତ**
**ମୋର କିଆଁ ଗାଲରେ ହାତ ?**

କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ନିଜେ ଠିଆ ହେବା ଶ୍ରେୟସ୍କର। ନିଜେ ପରିଶ୍ରମ କରି ପାଞ୍ଚଜଣରେ ଜଣେ ହେବା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ଏଥିରେ ଯଶ ଓ ସମ୍ମାନ ମିଳିଥାଏ। ଯେତେବେଳେ ଜଣେ ନିଜ ଅର୍ଜନରେ ନିଜେ ପୋଷିହୁଏ ସେତେବେଳେ ତା'ର ଭବିଷ୍ୟତ କଥା ନେଇ ଚିନ୍ତା କରିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢ଼ାଇବନି ଓମ୍‌ଫେଡ୍

**ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)**

- ବଜାରକୁ ଛାଡ଼ିଲା ୩ ନୂଆ ଉତ୍ପାଦ
- ୯୦ଦିନ ପର୍ଯ୍ୟନ୍ତ ତାଜା ରହିବ କ୍ଷୀର

ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢ଼ାଇବନି ଓମ୍‌ଫେଡ୍। ସୋମବାର ଏସମ୍ପର୍କରେ ସୂଚନା ଦେଇଛନ୍ତି ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ। ସେ କହିଛନ୍ତି, ଜୁନ ୧ରୁ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ ଲିଟର ପିଛା ୩ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୨.୫୦ ଲକ୍ଷ ଚାଷୀ ଉପକୃତ ହେବେ। ଏହି କ୍ରମରେ ଓମ୍‌ଫେଡ୍ ଚାଷୀଙ୍କୁ ଲିଟରେ ପିଛା ୩ଟଙ୍କା ଅଧିକ ଦାମ୍ ଦେବା ଆରମ୍ଭ କରିଛି। ରାଜ୍ୟ ସରକାର ୨ଟଙ୍କା ଏବଂ ଓମ୍‌ଫେଡ୍ ପକ୍ଷରୁ ଆଉ ୨ଟଙ୍କା ପ୍ରଦାନ କରାଯିବ। ସେଥିରୁ ଦୁଗ୍ଧ ଚାଷୀ ୩ଟଙ୍କା ପାଇବେ ଏବଂ ସୋସାଇଟି ଓ ମିଲ୍କ ଫେଡେରେଶନକୁ ୧ଟଙ୍କା ମିଳିବ। ତେବେ ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢ଼ିବ ନାହିଁ। ଏନେଇ ଓମ୍‌ଫେଡ୍ କମିଟି ବସିବା ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ଗ୍ରାହକଙ୍କ ଲାଗି କ୍ଷୀର ଦର ବଢ଼ିବ କି ନାହିଁ ସେନେଇ କମିଟି ବିଚାର କରିବା ପରେ ଓମ୍‌ଫେଡ୍ ପକ୍ଷରୁ ବିଧିବଦ୍ଧ ସୂଚନା ଜାରି କରାଯିବ। ୧୫ରୁ ୨୦ ଦିନ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡର ୩ଟି ନୂଆ ପ୍ରଡକ୍ଟର ଶୁଭାରମ୍ଭ କରିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଓମ୍‌ଫେଡ୍ ୧ କେ.ଜିର ସାଧା ଦହିବାଲ୍‌ଟି ବଜାରକୁ ଛାଡିଛି। ସେହିପରି ୧୭୫ ମି.ଲି. ଓ ୩୫୦ ମି.ଲି. ବିଞ୍ଝାରପୁରୀ ଦେଶୀ ଗାଇ ଘିଅ ପ୍ୟାକ ଏବଂ ଦୁଗ୍ଧ ମଧ୍ୟ ବଜାରରେ ଉପଲବ୍ଧ ହୋଇଛି। କାଚ ବୋତଲରେ ୫୦୦ ମି.ଲି. ପ୍ୟାକ୍ ବଜାରକୁ ଆସିଛି। ଏହି ଦୁଗ୍ଧ ଦୀର୍ଘ ୯୦ଦିନ ପର୍ଯ୍ୟନ୍ତ ତାଜା ରହିପାରିବ। ଆଗାମୀ ଦିନରେ ଓମ୍‌ଫେଡ ଆହୁରି ନୂଆ ଉତ୍ପାଦ ବଜାରକୁ ଆଣିବାକୁ ଯାଉଥିବା ନିର୍ଦ୍ଦେଶକ କୁଲାଙ୍ଗେ କହିଛନ୍ତି।

# ଲୋକଙ୍କୁ ଦେବୁ ସେବା, ସୁଶାସନ ଓ ଗରିବ କଲ୍ୟାଣର ହିସାବ: ସମୀର

**ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)**

ଲୋକଙ୍କ କଥା ଶୁଣିଛନ୍ତି ଲୋକଙ୍କ ସରକାର। ଲୋକଙ୍କୁ ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ସେଥିରୁ ଯାହାସବୁ ପୂରଣ ହୋଇଛି ସେ ସମ୍ପର୍କରେ ଗାଁକୁ ଗାଁ ଯାଇ ଲୋକଙ୍କୁ ଅବଗତ କରାଯିବ। କେନ୍ଦ୍ର ସରକାରଙ୍କ ୧୧ବର୍ଷ ଏବଂ ରାଜ୍ୟର ଭାଜପା ସରକାରଙ୍କ ଏକବର୍ଷର ଟିକିନିଖି ହିସାବ ଲୋକଙ୍କୁ ଦିଆଯିବ। ଜନସାଧାରଣଙ୍କ ପାଖରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ବାର୍ତ୍ତା କର୍ମକର୍ତ୍ତାଙ୍କ ଜରିଆରେ ପହଞ୍ଚାଇବୁ ବୋଲି ପୂର୍ବତନ ରାଜ୍ୟ ଭାଜପା ସଭାପତି ତଥା ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ସଂଯୋଜକ ସମୀର ମହାନ୍ତି କହିଛନ୍ତି।

ସୋମବାର ପୂର୍ବାହ୍ନରେ ଭାଜପା କାର୍ଯ୍ୟାଳୟରେ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉତ୍ସବ ଲାଗି ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ସମୀର କହିଛନ୍ତି, ବୁଥ୍, ମଣ୍ଡଳ, ଜିଲା ଏବଂ ରାଜ୍ୟସ୍ତରରେ ଭାଜପା ସରକାରଙ୍କ ପକ୍ଷରୁ ବର୍ଷପୂର୍ତ୍ତି ଉତ୍ସବ ପାଳନ କରାଯିବ। ଏଥିପାଇଁ ସ୍ୱତନ୍ତ୍ର କମିଟି ଗଠନ ହୋଇଛି। ଜୁନ ୯ରୁ ରାଜ୍ୟବ୍ୟାପୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହେବ। ସେବା, ସୁଶାସନ, ଗରିବ କଲ୍ୟାଣର ମୂଳ ଆଧାରକୁ ନେଇ ଭାଜପା ଜନସାଧାରଣଙ୍କ ପାଖକୁ ଯିବ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ସଫଳତାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଯିବ। ସଶକ୍ତ ଭାରତ ଓ ସୁରକ୍ଷିତ ଭାରତ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।



ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ଭାଜପା ନେତା ସମୀର ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନିକଟରେ ଅଛନ୍ତି ବାମରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡି।

ସମୀର ଆହୁରି କହିଛନ୍ତି, ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହରରେ ଏବଂ ଜିଲା ମୁଖ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ତଥା କେନ୍ଦ୍ରୀୟ ନେତୃବୃନ୍ଦମାନେ ଖବରଦାତା ସମ୍ମିଳନୀ କରି ସରକାରଙ୍କ ସଫଳତାର ହିସାବ ଦେବେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଆଲୋଚନାଚକ୍ର ମଧ୍ୟ ଆୟୋଜନ କରାଯିବ। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଏଥିରେ ଭାଗନେବେ । ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହଯୋଗ ସହ ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ଡବଲ ଇଞ୍ଜିନ ସରକାରର ସୁଫଳ ରାଜ୍ୟବାସୀ କେତେ ପାଉଛନ୍ତି ତାହା ସମ୍ପର୍କରେ ମତାମତ ନିଆଯିବ। ବିଗତ ବର୍ଷଗୁଡ଼ିକରେ କଂଗ୍ରେସ ଏବଂ ବିଜେଡି କେମିତି ଓଡ଼ିଶା ପଛକୁ ନେଇଥିଲେ, ତାହାର ତଥ୍ୟ ମଧ୍ୟ ଲୋକଙ୍କ ଆଗରେ କର୍ମକର୍ତ୍ତାମାନେ ରଖିବେ। ବୋଲି ମହାନ୍ତି କହିଥିଲେ।

ସେ କହିଥିଲେ, ଡବଲ ଇଞ୍ଜିନ ସରକାର ସରକାରକୁ ଆସିବା ପରେ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ହୋଇଛି। ସଂକଳ୍ପ ପତ୍ରରେ ଭାଜପା ପକ୍ଷରୁ ଯାହା କୁହାଯାଇଥିଲା ତାକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଉଛି। ୭୦ ବର୍ଷରୁ ଊର୍ଦ୍ଧ୍ୱ ଜଣେ ହେଲେ ବି ବୟସ୍କ ଯେମିତି ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନାରୁ ବଞ୍ଚିତ ନ ହେବେ ସେନେଇ ସଚେତନ କରାଯିବ ବୋଲି ମହାନ୍ତି କହିଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ।

ପ୍ରଥମ ପୃଷ୍ଠାରୁ...

## ଖୋଲିବନି ନୂଆ...

ନୀତିକୁ ପ୍ରତିବର୍ଷ ପରିବର୍ତ୍ତନ ନ କରି ତିନିବର୍ଷିଆ ମଦ ନୀତି ଅଣାଯିବ। ଏହା ପୂର୍ବ ପଦ୍ଧତିଠାରୁ ପରିବର୍ତ୍ତନ ହେବ, ଯାହା ପ୍ରାୟତଃ ରାଜସ୍ୱ ସୃଷ୍ଟି ପାଇଁ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଉଥିଲା। ନୀତି ଅଧ୍ୟୟନର ଅଂଶ ସ୍ୱରୂପ ବରିଷ୍ଠ ଅଧିକାରୀଙ୍କ ୩ଟି ଦଳ ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, କେରଳ ଏବଂ ତାମିଲନାଡୁ ପରିଦର୍ଶନରେ ଯାଇଛନ୍ତି। ଏହି ୪ ରାଜ୍ୟରେ ମଦ ନିୟନ୍ତ୍ରଣ ଏବଂ ବଣ୍ଟନ ପାଇଁ ଭିନ୍ନ ପଦ୍ଧତି ରହିଛି। ତାହାକୁ ସେମାନେ ଅଧ୍ୟୟନ କରିବେ। ଅଧିକାରୀମାନେ ଜୁନ୍ ୭ ଏବଂ ୮ ସୁଦ୍ଧା ଫେରିଆସିବେ ବୋଲି ଆଶା କରାଯାଉଛି। ଏହାପରେ ଚିଠାନୀତିରେ ଯେକୌଣସି ବିଚାରାଧୀନ ପରିବର୍ତ୍ତନକୁ ଚୂଡ଼ାନ୍ତ କରାଯିବ। ଏହି ନୀତି ବେଆଇନ ମଦ ଉତ୍ପାଦନ ଏବଂ ଚୋରାଚାଲାଣ, ଦୁର୍ବଳ ପ୍ରବର୍ତ୍ତନ ଏବଂ ପୁରୁଣା ଦଣ୍ଡ ବ୍ୟବସ୍ଥା ଭଳି ସ୍ଥାୟୀ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ବିଶେଷ ଭୂମିକା ଗ୍ରହଣ କରିବ।

ମନ୍ତ୍ରୀ କହିଛନ୍ତି, ମେ' ୩୧ରେ ଓଡ଼ିଶାରେ ତମାଖୁ ନିରୋଧୀ ଦିବସ ପାଳନ ବେଳେ ସଚେତନତାକୁ ବ୍ୟାପକ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଥିଲା। ସ୍କୁଲ ଏବଂ କଲେଜ ନିକଟରେ ଯେଭଳି ମଦ ବିକ୍ରି ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ। ସରକାରଙ୍କ ଲକ୍ଷ୍ୟ ହେଉଛି, ଯୁବପିଢ଼ି ପାଇଁ ଏକ ସୁସ୍ଥ, ନିଶାମୁକ୍ତ ସମାଜ ଗଠନ କରିବା।

## ହଂସ ଦାରୁକା...

ଜିନ୍ଦଲ (୩୩୪ ମାର୍କ) ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ମଜିଦ ମୁଜାହିଦ ହୁସେନ(୩୩୦) ତୃତୀୟ, ପାର୍ଥ ମନ୍ଦର ବର୍ତ୍ତକ(୩୨୭) ଚତୁର୍ଥ, ଉଜ୍ଜ୍ୱଳ କେଶରୀ(୩୨୪) ପଞ୍ଚମ, ଅକ୍ଷତ କୁମାର ଚୌରାସିଆ(୩୨୧)ଷଷ୍ଠ, ସାହିଲ ମୁକେଶ ଦେଓ(୩୨୧) ସପ୍ତମ, ଦେବେଶ ପଙ୍କଜ ଭାଇୟା(୩୧୯) ଅଷ୍ଟମ, ଅର୍ଣ୍ଣବ ସିଂହ(୩୧୯) ନବମ ଓ ବଦ୍‌ଲାମୁଣ୍ଡି ଲୋକେଶ(୩୧୭) ଦଶମ ର୍ୟାଙ୍କରେ ରହିଛନ୍ତି।

ସୂଚନା ଅନୁସାରେ, ଗତ ୧୮ ତାରିଖରେ ଜେଇଇ ଆଡ୍‌ଭାନ୍ସଡ ପରୀକ୍ଷା ହୋଇଥିଲା। ମୋଟ ୧ଲକ୍ଷ ୮୦ ହଜାର ୪୨୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୫୪ହଜାର ୩୭୮ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଶ୍ରେଷ୍ଠ ୧୫ ତାଲିକାରେ ଏଥର କେବଳ ଛାତ୍ରମାନେ ରହିଛନ୍ତି। ଛାତ୍ରୀଛାତ୍ର jeeadv.ac.in ୱେବ୍‌ସାଇଟ୍‌ରୁ ଫଳାଫଳ ସହ ଅନ୍ୟାନ୍ୟ ତଥ୍ୟ ପାଇପାରିବେ ବୋଲି କୁହାଯାଇଛି।

## ଏନ୍‌ଇଇଟି-ପିଜି ସ୍ଥଗିତ...

ଘୋଷଣା ହେବ ବୋଲି କୁହାଯାଇଛି। ଦେଶର ଡାକ୍ତରୀ ସ୍ନାତକ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏହି ପରୀକ୍ଷା ଦେବାକୁ ପଡ଼ିଥାଏ। ଏମ୍‌ଡି, ଏମ୍‌ଏସ୍ ଏବଂ ପିଜି ଡିପ୍ଲୋମା ପାଠ୍ୟକ୍ରମ ଲାଗି ଏନ୍‌ଇଇଟି-ପିଜି ପ୍ରବେଶିକା ପରୀକ୍ଷା। ଚଳିତ ବର୍ଷ ଏହି ପରୀକ୍ଷା ଜୁନ୍ ୧୫ରେ ୨ଟି ଶିଫ୍ଟରେ କରିବା ପାଇଁ ପୂର୍ବରୁ କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଥିବାବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହାକୁ ସ୍ଥଗିତ ରଖାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ରର ମାନସିକ ସ୍ଥିତି ଭଲ ରହିବା ସହ କର୍ମଜଞ୍ଜାଳ ବୃଦ୍ଧି ପାଇବ। ପ୍ରତ୍ୟେକ କାମକୁ ସଫଳତାର ସହ ସମ୍ପନ୍ନ କରିବାରେ ସମର୍ଥ ହୋଇପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲାଭବାନ୍ ହେବେ।

**ବୃଷ**
ଆପଣଙ୍କ ମନ ଯେମିତି କାମ ମଧ୍ୟ ତଦନୁରୂପ ହେବ। ପ୍ରତ୍ୟେକ ସମସ୍ୟାକୁ ପ୍ରତିହତକରି କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମକୁ ସମ୍ପନ୍ନ କରିବେ। ରୋହିଣୀ ନକ୍ଷତ୍ର କଳା, ସାହିତ୍ୟ, ଚଳଚ୍ଚିତ୍ର, ସଭାସମିତି, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବେ। ସମ୍ପର୍କୀୟଙ୍କଠାରୁ ଅଯାଚିତ ସାହାଯ୍ୟ, ସହଯୋଗ ପ୍ରାପ୍ତ ହେବ।

**ମିଥୁନ**
କର୍ମକ୍ଷେତ୍ର ସମସ୍ୟା ବହୁଳ ରହିଲେ ମଧ୍ୟ କୌଣସି କ୍ଷେତ୍ରରେ ପଳାୟନପନ୍ଥୀ ହେବେ ନାହିଁ। ବୁଝାମଣା ଅଭାବରୁ କର୍ମକ୍ଷେତ୍ରରେ ବିବଦମାନ ପରିସ୍ଥିତି ସୃଷ୍ଟି ହେବ। ପୁନର୍ବସୁ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ସାମୟିକ ଖୁସି ରହିବ। ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ**
ଆଜି ଅଶ୍ଳେଷା ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନ୍‌ସନ ଦୂରହେବ। ବ୍ୟବସାୟ, ଯାତ୍ରା, ଆଲୋଚନା କ୍ଷେତ୍ରରେ ସଫଳତାର ଶୀର୍ଷରେ ଉପନୀତ ହେବେ। ଚେଷ୍ଟା କରୁଥିବା କାମରୁ ସୁଫଳ ପାଇବେ ଓ ସାମାଜିକ ସ୍ତରରେ ସମ୍ମାନିତ ହେବା ଆଶା ରହିଛି।

**ସିଂହ**
ମଘା ନକ୍ଷତ୍ର ଆଜି ଯାହା କଲେ ମଧ୍ୟ ଅଳ୍ପଖର୍ଚ୍ଚରେ ତାହା କରିପାରିବେ ନାହିଁ। ଆକସ୍ମିକ ଭାବରେ ପଦାଧିକାରୀଙ୍କ ଆଦେଶକୁ ଅବଜ୍ଞା ନ କରି ଯାତ୍ରା କରିବାକୁ ବାଧ ହୋଇପାରନ୍ତି। ନିଜକୁ ନିୟନ୍ତ୍ରଣରେ ରଖିବାରେ ଅସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**କନ୍ୟା**
ହସ୍ତା ନକ୍ଷତ୍ର ସମସ୍ୟା ମଧ୍ୟରେ ଦୈହିକ ଅସୁସ୍ଥତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ଘରୋଇ ସମସ୍ୟାର ସମାଧାନ ସକାଶେ ଜଣେ ଆତ୍ମୀୟ ସାହାଯ୍ୟ କରିପାରନ୍ତି। ସୁଯୋଗର ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସନ୍ଦେହ କିମ୍ବା ଭୁଲ୍ ବୁଝାମଣା କାରଣରୁ ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟର ସୂଚନା ରହିଛି।

**ତୁଳା**
ବିଶାଖା ନକ୍ଷତ୍ର ସକାଶେ ଆଜି ଦିନଟି ସୁଖ, ସନ୍ତୋଷର ପୃଷ୍ଠଭୂମି ପାଲଟିଯିବ। କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ଦୀର୍ଘପଥ ଭ୍ରମଣ କରିବା କାରଣରୁ ସ୍ୱାସ୍ଥ୍ୟରେ ସମସ୍ୟା ପରିଲକ୍ଷିତ ହୋଇପାରେ। ଯୁକ୍ତିତର୍କଜନିତ ପାରିବାରିକ କ୍ଷେତ୍ରରେ ନିଜର ନିଷ୍ପତ୍ତି ହଠାତ୍ ବଦଳାଇ ଦେଇପାରନ୍ତି।

**ବିଛା**
ଅବହେଳା ଯୋଗୁ ଅସଫଳତାର ସମୀକ୍ଷାକରି ପରବର୍ତ୍ତୀ କାର୍ଯ୍ୟକ୍ରମକୁ ବଦଳାଇପାରନ୍ତି। ଅନୁରାଧା ନକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପରିବାରର ସହମତି ନେଇ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ସଙ୍ଗଠନ, ଆନୁଷ୍ଠାନିକ କାମ, ରାଜନୀତି, ଅଧ୍ୟୟନ ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ**
ମାନସିକ ସ୍ଥିତି ଭଲ ନ ଥିଲେ ମଧ୍ୟ ବନ୍ଧୁଙ୍କ ଆଶ୍ୱାସନାରୁ କିଛିଟା ସାନ୍ତ୍ୱନା ମିଳିପାରେ। ପାରିବାରିକ ସମସ୍ୟା ସତ୍ତ୍ୱେ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାଙ୍କ ସହ ଯିବାକୁ ବାଧ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ର ସମସ୍ୟା ସମାଧାନ ହେବ। ମୂଳା ନକ୍ଷତ୍ର ପରୋକ୍ଷ ଶତ୍ରୁତାରୁ କୌଣସି କାମ ସମ୍ପନ୍ନ କରିପାରିବେ ନାହିଁ।

**ମକର**
କୋଣଭାବସ୍ଥ ବୁଧାଦିତ୍ୟ ଯୋଗରୁ ଦିନଟି ଭଲ ରହିବ। ଯେଉଁ କାମଟିକୁ ଆରମ୍ଭ କରିବେ ତାହା ନିଶ୍ଚିତ ଭାବରେ ସଫଳତାର ଶୀର୍ଷକୁ ଛୁଇଁବା ସମ୍ଭାବନା ରହିଛି। କାହା ପାଖରେ ବହୁଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇପାରନ୍ତି।

**କୁମ୍ଭ**
ସମ୍ପର୍କୀୟଙ୍କ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ପ୍ରଶାସନିକ, ରାଜନୈତିକ ଓ ସାମାଜିକ ସ୍ତରରେ ପତିଆରା ବୃଦ୍ଧି ପାଇବା ଆଶା ରହିଛି। ସାଧାରଣ ମନେ ନ କରି ପିଲାମାନଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରିବା ଭଲ ହେବ। ଧନିଷ୍ଠା ନକ୍ଷତ୍ରର ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବା ଦୁଶ୍ଚିନ୍ତାର କାରଣ ହୋଇପାରେ ।

**ମୀନ**
ରେବତୀ ନକ୍ଷତ୍ର ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ବନ୍ଧୁଙ୍କ ଦ୍ୱାରା ଆଦରଣୀୟ ରହିବେ। ଭାଙ୍ଗିପଡ଼ିଥିବା ସମ୍ପର୍କ ଏକ ଭିନ୍ନ ପରିବେଶରେ ପୁଣି ଯୋଡ଼ିହୋଇଯିବ। ଜମିଜମା କାରବାର, ହୋଟେଲ, ତେଜରାତି ଦୋକାନ ପ୍ରଭୃତିରୁ ବିଶେଷ ଲାଭବାନ୍ ହେବେ। ବାଧବାଧକତାରେ ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ।

ଆଜି ଜୁନ୍ ୩ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ମଙ୍ଗଳବାର। ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୦ ଗତେ, ଘ.୦୬।୪୯ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୧ ଗତେ, ଘ.୦୪।୪୦ ମଧ୍ୟେ ରାହୁକାଳ।

**ମହିଳା ମୃତ୍ୟୁ ଘଟଣା: ନିର୍ଯାତନା ଅଭିଯୋଗ ଆଣିଲେ ଭାଇ**

ପାଟଣା,(ବୀର କିଶୋରଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଶବରଣି ବେଡ଼ା ଗ୍ରାମରେ ରବିବାର ଅପରାହ୍ନରେ ବନ୍ଦ ଘରୁ ଗ୍ରାମର ନିରଞ୍ଜନ ମହାନ୍ତଙ୍କ ସ୍ତ୍ରୀ ସବିତା ମହାନ୍ତ (୩୦)ଙ୍କ ମୃତଦେହ ଜବତ ହୋଇଥିଲା। ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଉଥିବାରୁ ସେ ଆତ୍ମହତ୍ୟା କରିଥିବା ମହିଳାଙ୍କ ଭାଇ ମିଥୁନ ମହାନ୍ତ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ. ୧୧୩/୨୫) ରୁଜୁ ହୋଇ ତଦନ୍ତକାରି ରହିଥିବା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ କହିଛନ୍ତି।

## କେନ୍ଦୁଝର

# ଗାଁକୁ ନାହିଁ ପକ୍କାରାସ୍ତା, ପାନୀୟଜଳ ସୁବିଧା

ଯୋଡ଼ା,୨।୬(ମାନସ ମହାନ୍ତି)



ଜଙ୍ଗଲ ରାସ୍ତାରେ ଗାଁ ଲୋକେ ଯାଉଛନ୍ତି।



ଅଚଳ ସୋଲାର ପାନୀୟଜଳ ପ୍ରକଳ୍ପ।

**ମୌଳିକ ସୁବିଧାରୁ ବଞ୍ଚିତ ହାତନାଦାବାସୀ**

- ସୌରଚାଳିତ ଜଳ ପ୍ରକଳ୍ପ ଅଚଳ
- ଗାଁକୁ ଆସିପାରୁନି ଜରୁରିକାଳୀନ ସେବାଗାଡ଼ି
- ଖୁଣ୍ଟ ଅଛି, ଘରକୁ ବିଦ୍ୟୁତ୍ ସଂଯୋଗ ହୋଇନି

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ କଣ୍ଡରା ପଞ୍ଚାୟତ ଜୁଗୁଡ଼ିଧର ହାତନାଦା ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଗ୍ରାମକୁ ପକ୍କାରାସ୍ତା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ ହୋଇପାରିନାହିଁ। ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ତାହା ସତେ ଯେମିତି ଏଠାରେ ଫେଲ୍ ମାରିଛି। ଗ୍ରାମବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି।

ପ୍ରକାଶ ଯେ, ଗ୍ରାମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ଏଠାରେ ବସବାସ କରନ୍ତି। ଗ୍ରାମକୁ ଯିବା ଆସିବା ନିମନ୍ତେ ସବୁଦିନିଆ ରାସ୍ତା ନ ଥିବାରୁ ଖାଲଖମା ଜଙ୍ଗଲିଆ ରାସ୍ତାରେ ଯାତାୟାତ କରୁଛନ୍ତି। ବିଶେଷକରି ଜୁଗୁଡ଼ିଧର ସବନବନ୍ଧଠାରୁ ଗାଁ ପର୍ଯ୍ୟନ୍ତ ଅଳ୍ପ କିଛି ଦୂର ପକ୍କାରାସ୍ତା ରହିଥିବା ବେଳେ ଜୁରିଆସାହିଠାରୁ ରାସ୍ତା ନାହିଁ। ବିପଦପୂର୍ଣ୍ଣ ଜଙ୍ଗଲିଆ ରାସ୍ତାକୁ ଅତିକ୍ରମ କଲେ ହାତନାଦାରେ ପହଞ୍ଚିଥାଆନ୍ତି। ଜଙ୍ଗଲିଆ ସଂକୀର୍ଣ୍ଣ ରାସ୍ତାରେ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ଆସିପାରେ ନାହିଁ। ଅନେକ ସମୟରେ ରୋଗୀଙ୍କୁ ବୋହି ଆମ୍ବୁଲାନ୍ସ ନିକଟକୁ ନେବାକୁ ପଡ଼ିଥାଏ। ସେହିପରି ଗ୍ରାମରେ ୨ ନଳକୂପ ଓ ଗୋଟିଏ କୂଅ ରହିଥିଲେ ହେଁ ଖରାଦିନରେ ଜଳସ୍ତର ହ୍ରାସ ପାଇ ଜଳସଙ୍କଟ ଦେଖାଦେଉଥିବା ଗ୍ରାମର ନଳିନ୍ଦ୍ର ଲାଗୁରୀ, ଶ୍ୟାମସୁନ୍ଦର ମୁଣ୍ଡା, ବିନୋଦ ମୁଣ୍ଡା ପ୍ରମୁଖ କହିଛନ୍ତି। ପାନୀୟ ଜଳ ପାଇଁ ମହିଳାମାନେ ଦୀର୍ଘ କି.ମି. ଅତିକ୍ରମ କରି ଚୁଆପାଣି ସଂଗ୍ରହ କରୁଛନ୍ତି। ଅନେକ ସମୟରେ ଦୂଷିତ ପାଣି ପିଇ ଲୋକେ ରୋଗଗ୍ରସ୍ତ ହେଉଛନ୍ତି। ପୋଖରୀ ଖରାଦିନରେ ଶୁଖିଯାଇଯାଉଥିବାରୁ ପୁନରୁଦ୍ଧାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ତରଫରୁ ହାତନାଦା ସାହିରେ ସ୍ଥାପନ ହୋଇଥିବା ସୌରଚାଳିତ ଜଳ ପ୍ରକଳ୍ପ ବହୁ ବର୍ଷ ହେଲା ଅଚଳ ହୋଇପଡ଼ିଛି। ସେହିପରି ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ଲଗାଯାଇଥିଲେ ହେଁ ସ୍ଥାୟୀ ସଂଯୋଗ ଦିଆଯାଇନାହିଁ। ଲୋକେ ନିଜ ଖର୍ଚ୍ଚରେ ତାର ଲଗାଇ ଅସୁରକ୍ଷିତ ଭାବେ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି ହୋଇଛି।କିଛିବର୍ଷପୂର୍ବେବ୍ଲକ୍‌ପକ୍ଷରୁଲାଗିଥିବା ସୋଲାର ଲାଇଟ୍ ମଧ୍ୟ ଅଚଳ ହୋଇପଡ଼ିଛି। ଫଳରେ ରାତିରେ ବନ୍ୟପ୍ରାଣୀଙ୍କ ଉପଦ୍ରବ ଲାଗି ରହିଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଥିବା କହିଛନ୍ତି।

କଣ୍ଡରା ସରପଞ୍ଚ ରୀନା ନାଏକ କହିଛନ୍ତି, ଗ୍ରାମର ସମସ୍ୟା ଉପରେ ସେ ଅବଗତ ଅଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ ଆକ୍ସନ ପ୍ଲାନ୍‌ରେ ଏ ନେଇ ପ୍ରସ୍ତାବ ଦିଆଯାଇଛି। ରାସ୍ତା କାମ ପାଇଁ ମଧ୍ୟ ଏନ୍ଆର୍‌ଜିଏସ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

୨୮ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା କହିଛନ୍ତି, ରାସ୍ତା, ବିଦ୍ୟୁତ୍, ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତ ସମିତି ବୈଠକରେ ଦାବି ଉପସ୍ଥାପନ କରିଛନ୍ତି। ପୂର୍ବତନ ବିଡିଓଙ୍କୁ ଜଣାଇଥିବା ବେଳେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସମସ୍ୟା ସମାଧାନ ନିମନ୍ତେ ସେ ଲିଖିତ ଭାବେ ଅଭିଯୋଗ କରିଥିବା କହିଛନ୍ତି।

ଯୋଡ଼ା ବିଡିଓ ଡେନିଶ ବେହେରା କହିଛନ୍ତି, ଗ୍ରାମର ରାସ୍ତା ସମସ୍ୟା ଆଖି ଆଗକୁ ଆସିଛି। ଯେଉଁ ଅଞ୍ଚଳର ସମସ୍ୟା ରହିଛି କିମ୍ବା ମରାମତିର ଆବଶ୍ୟକତା ରହିଛି ତାହାକୁ ପର୍ଯ୍ୟାୟକ୍ରମରେ କରାଯାଉଛି। ଆର୍‌ଡି, ବ୍ଲକ୍ ଓ ଡିଏମ୍ଏଫ୍ ରାସ୍ତା ନିର୍ମାଣ ତଥା ମରାମତି ପାଇଁ ପ୍ରସ୍ତାବ ଦିଆଯାଇଛି। ଆର୍‌ଡବ୍ଲ୍ୟୁଏସ୍ଏସ୍ ଅଧିକାରୀଙ୍କୁ ପଠାଇ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରିବେ ବୋଲି ସେ କହିଥିଲେ।

## ଶହୀଦଙ୍କ ନାମରେ ନାମିତ ହେବ ସର୍ବସାଧାରଣ ସ୍ଥାନ

କେନ୍ଦୁଝର,୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

ଦେଶ ପାଇଁ ପ୍ରାଣବଳୀ ଦେଇଥିବା ବୀର ଶହୀଦଙ୍କ ନାମରେ ରାସ୍ତାଘାଟ, ପାର୍କ, ଗେଟ୍ ଆଦି ନାମିତ ହେବ। ଏ ନେଇ ସିଆରପିଏଫ, ଭୁବନେଶ୍ୱର ପକ୍ଷରୁ ସମସ୍ତଙ୍କ ଜିଲାପାଳଙ୍କୁ ଚିଠି କରି ନାମକରଣ କରିବାକୁ କୁହାଯାଇଛି। କେନ୍ଦୁଝର ଜିଲାର ଘଟଗାଁ ଥାନା ଅନ୍ତର୍ଗତ ମୁକ୍ତାପୁର ପଞ୍ଚାୟତ ମୁଦ୍ରାବେଡ଼ାର ଯବାନ ପ୍ରଦୀପ ଘଣା ୭ ନଭେମ୍ବର ୨୦୧୩ ରେ ଶହୀଦ ହୋଇଥିଲେ। ସେହିପରି ଘଷିପୁରା ଥାନା ଅନ୍ତର୍ଗତ ନଦୁଆଁ ଗ୍ରାମର ଯବାନ ବି.ଏମ.ବେହେରା ୨୭ ଅକ୍ଟୋବର ୨୦୧୮ରେ ଶହୀଦ ହୋଇଥିବା ବେଳେ ହରିଚନ୍ଦନପୁର ଥାନା ଅନ୍ତର୍ଗତ ଗଣ୍ଡାଡିହୀ ପଞ୍ଚାୟତ ଘଷଣାଟାଙ୍ଗରର ଯବାନ ବୀରବର ମହାନ୍ତ ୨୯ ଅଗଷ୍ଟ ୨୦୦୮ରେ ଶହୀଦ ହୋଇଥିଲେ। ଶହୀଦଙ୍କ ସ୍ମୃତିରେ ସର୍ବସାଧାରଣ ସ୍ଥାନ ନାମକରଣ କରିବାକୁ ପୂର୍ବରୁ ମଧ୍ୟ ଚିଠି କରାଯାଇଥିବା ବେଳେ ଅଦ୍ୟାବଧି ନାମକରଣ ହୋଇନାହିଁ। ସିଆରପିଏଫ୍‌ରୁ ପୁନଃ ଚିଠି କରାଯାଇ ସର୍ବସାଧାରଣ ସ୍ଥାନକୁ ଶହୀଦଙ୍କ ନାମରେ ନାମିତ କରି ସମ୍ମାନ ଜଣାଇବାକୁ ଅନୁରୋଧ କରାଯାଇଛି।

## ୫୭ ଅଭିଯୋଗର ତୁରନ୍ତ ଫଇସଲା




ଜିଲାପାଳ ଓ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

କେନ୍ଦୁଝର,୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଦରବାର ହଲଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ସକାଳ ୮ଟାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୧୯୮ ଅଭିଯୋଗ ଆଗତ ହୋଇଥିଲା। ୩୮ ଅଭିଯୋଗ ଗୋଷ୍ଠୀ ମୂଳକ ହୋଇଥିବାବେଳେ ୧୬୦ ବ୍ୟକ୍ତିଗତ ଉପରେ ପର୍ଯ୍ୟବେସିତ ଥିଲା। ୫୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲା ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୫ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଶୁଣାଣିରେ

### ଯୁଗ୍ମ ଅଭିଯୋଗ ଶୁଣାଣି

ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ, ମନ୍ଦରଧର ମହାଳିକ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର ପୃଷ୍ଟି, ସହକାରୀ ଜିଲାପାଳ ସରୋଜ ମଲ୍ଲିକଙ୍କ ସମେତ ଜିଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ପୃଥକ ଦୁର୍ଘଟଣାରେ ୩ ମୃତ

କେନ୍ଦୁଝର/ ପାଟଣା,୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ବୀରକିଶୋର ଦାଶ): କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ସାନଘାଗରା ନିକଟରେ ଏକ ବାଇକ ଦୁର୍ଘଟଣାରେ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ କେନ୍ଦୁଝର ସହର ବଣିଆପାଟର ମନୋଜ ନାୟକ(୨୮)। ମାଇନିଂ ରୋଡ୍‌ର ଜଗନ୍ନାଥ ସାହୁ (୨୮) ଗୁରୁତର ହୋଇଛନ୍ତି। ଉଭୟ ସାନଘାଗରାରୁ ଭୋଜି ସାରି ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା।

ସେହିପରି ଟାଉନ ଥାନା ଅନ୍ତର୍ଗତ କେନ୍ଦୁଝର ସହର କାଶିପୁର ନିକଟରେ ସଡ଼କ ଦୁର୍ଘଟଣାରେ ବଡ଼ବିଲର ଜୀତେନ୍ଦ୍ର ମହାନ୍ତ (୨୮)ଙ୍କ ମୃତ୍ୟୁ ଘଟିଛି। ସେ କେନ୍ଦୁଝର ସହରରେ ଏକ ମେଡିସିନ ଦୋକାନରେ କାମ କରୁଥିଲେ। ସକାଳେ ରୁମ୍‌କୁ ଯିବାକୁ ରାସ୍ତା ପାର ହେଉଥିବା ବେଳେ ଏକ ଗାଡ଼ି ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବା ପରେ ଏକ ଟ୍ରାକ୍ଟର ଚାପି ଦେଇଥିଲା।

ସେହିପରି ପାଟଣା ବ୍ଲକ୍ ବାଉଁଶୁଳି ଉଖୁଣ୍ଡା ରାସ୍ତା ରବାଉଁଶୁଳୀ ଗାଁ ନିକଟରେ ସୋମବାର ଅପରାହ୍ନରେ ୪ଟା ସମୟରେ ଏକ ଦୁର୍ଘଟଣା ଘଟିଛି। ବାଇକ୍ ଭାରସାମ୍ୟ ହରାଇ ପୋଖରୀ ଭିତରକୁ ପଶିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ବାରିଆ ଥାନା କଳିଙ୍ଗା ଗ୍ରାମର ରବି ମୁଣ୍ଡା। ଗୁରୁତର ଲେପା ମୁଣ୍ଡା ଓ ଘନ ମୁଣ୍ଡା। ଗୁରୁତର ଦ୍ୱୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ପରିଥିଲେ। ୩ ଜଣ ଯୁବକ ଏକ ବାଇକ ଯୋଗେ ବାଉଁଶୁଳି ପଟରୁ ଉଖୁଣ୍ଡା ପଟକୁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ତୁରୁମୁଙ୍ଗା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ରେଙ୍ଗଲବେଡ଼ା ହୁଡ଼ିସାହିରେ ଜଳସଙ୍କଟ

ପାଟଣା,୨।୬(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କପୁଣ୍ଡି ପଞ୍ଚାୟତ ଚୁଟିଆପଶି ରେଙ୍ଗାଲବେଡ଼ା ହୁଡ଼ିସାହିରେ ଜଳସଙ୍କଟ ଦେଖାଯାଇଛି। ଗ୍ରାମରେ ଥିବା ନଳକୂପ ଅଚଳ ହୋଇପଡ଼ିଛି। ଫଳରେ ପାଣି ମୁନ୍ଦେ ପାଇଁ ଡହଳବିକଳ ହେଉଥିବା ଗ୍ରାମବାସୀ କହିଛନ୍ତି।

ପ୍ରକାଶ ଯେ, ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସାହିରେ ୩ଟି ନଳକୂପ ଥିବାବେଳେ ସେଥି ମଧ୍ୟରୁ ଗୋଟେ ଅଚଳ ହୋଇ ପଡ଼ିଥିବା ବେଳେ ୨ଟିରୁ ଦୂଷିତ ଖଇରିଆ ପାଣି ସହ ପୋକ ବାହାରୁଛି। ତେଣ୍ଡରା ହାଟ ପଡ଼ିଆରେ ଥିବା ଓଭରହେଡ୍ ପାଣିଟାଙ୍କି ନିର୍ମାଣ ସରିଥିଲେ ହେଁ ୧୫ ଦିନରେ ଥରେ ପାଣି ଆସୁଛି। ଆର୍‌ଡବ୍ଲ୍ୟୁଏସ ଆଣ୍ଡ ଏସ୍ ଯନ୍ତ୍ରୀଙ୍କୁ ଜଣାଇଥିଲେ ହେଁ ସୁଫଳ ମିଳୁ ନ ଥିବା ଗ୍ରାମର ସୁଶୀଲ ମହାନ୍ତ, ଗୀତାମଣି ମହାନ୍ତ, ସବିତା ମହାନ୍ତ ପ୍ରମୁଖ ପ୍ରକାଶ କରିଛନ୍ତି। ପାନୀୟ ଜଳ ପାଇଁ ସାହିବାସିନ୍ଦା ୨ କି.ମି. ଦୂର ତଳସାହି ସୋଲାର ସିଷ୍ଟମ ନଳକୂପରୁ ଆଣିବାକୁ ଯାଉଛନ୍ତି। ବର୍ଷାଦିନ ପୂର୍ବରୁ ନଳକୂପ ସଜାଡ଼ିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସାହାରପଡ଼ା ବ୍ଲକ୍ ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ସୁପ୍ରିୟା ଷଡ଼ଙ୍ଗୀ କହିଛନ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଖୁବ୍‌ଶୀଘ୍ର ନଳକୂପ ମରାମତି କରାଯିବ। ମରାମତି ପରେ ନଳକୂପରୁ ଆସୁଥିବା ଉଷ୍ଟ ବନ୍ଦ ହୋଇଯିବ। କପୁଣ୍ଡି ସରପଞ୍ଚ ଅନିତା କସୁମାଳିଆ ସମସ୍ୟା ସମ୍ପର୍କରେ ସମିତି ବୈଠକରେ ଅବଗତ କରିଥିବା କହିଛନ୍ତି।

## ବିକଶିତ କୃଷି ସଂକଳ୍ପ ଅଭିଯାନ

ଚମ୍ପୁଆ,୨।୬(ମହେଶ୍ୱର ଦାସ)




ଅଧିକାରୀମାନେ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ କୃଷି ରଥକୁ ଶୁଭାରମ୍ଭ କରୁଛନ୍ତି।

ରାଜ୍ୟ ସରକାର ୧.୫ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କ ସହ ନୂତନ ପ୍ରଯୁକ୍ତି ବିଦ୍ୟା ଓ ସରକାରୀ ଯୋଜନା ସମ୍ବନ୍ଧରେ ଆଲୋଚନା ସହିତ ଚାଷୀଙ୍କ ମତାମତ ନେଇ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଚମ୍ପୁଆ କୃଷି ବିଭାଗ ପକ୍ଷରୁ ହୁଞ୍ଜପଶି ଓ କଦଗାଡ଼ିଆଠାରେ ଅଭିଯାନ ଆରମ୍ଭ କରାଯାଇଛି। କୃଷି ବୈଜ୍ଞାନିକ, କୃଷକଙ୍କ ମଧ୍ୟରେ ସମସ୍ୟା ଓ ଏହାର ସମାଧାନ ନିମନ୍ତେ ବହୁବିଧ ଆଲୋଚନା ଅନୁଷ୍ଠିତ ହୋଇଥିଲା। କୃଷି ବୈଜ୍ଞାନିକ ମନୋରଞ୍ଜନ ପୃଷ୍ଟି, ଅଙ୍କିତା ସାହୁ, ଅମ୍ରିତା ମହାପାତ୍ର, ଦୀପକ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଜୈବିକ କୃଷିକୁ ଗୁରୁତ୍ୱ, ସମନ୍ୱିତ କୃଷି ପ୍ରଣାଳୀ ମାଧ୍ୟମରେ ଚାଷ, କୃଷକ ଓଡ଼ିଶା, କୃଷିପଞ୍ଜୀକରଣ, ଡିବିଟି ମାଧ୍ୟମରେ ଲ୍ୟାମ୍ପ ଓ ଡିଲରଙ୍କ ପକ୍ଷରୁ ଧାନ ସଂଗ୍ରହ ଏବଂ ବିଶେଷ ଭାବରେ ଅଦିନିଆ ପନିପରିବା ଚାଷ ଦ୍ୱାରା ଚାଷୀ କିପରି ଅଧିକ ଲାଭବାନ ହୋଇପାରିବ ସେ ନେଇ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ବନମାଳୀ ପାତ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏସ୍ ଶୁଭଲକ୍ଷ୍ମୀ, ସହକାରୀ କୃଷି ଅଧିକାରୀ ରମାମଣୀ ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ ସଞ୍ଜୟ ନାଏକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରୀଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ କୃଷି ସୂଚନା ରଥକୁ ଶୁଭାରମ୍ଭ କରାଯାଇଥିଲା। ଏହି ରଥ ଚମ୍ପୁଆ ବ୍ଲକ୍ ପରିଭ୍ରମଣ କରିବା ସହିତ ଚାଷୀଙ୍କୁ ସଚେତନ କରିବ ବୋଲି ଜଣାଯାଇଛି।

## ରତିକାନ୍ତ ବ୍ଲକ୍ ମହିଳା ସୁରକ୍ଷା କମିଟି ସଦସ୍ୟଭାବେ ମନୋନୀତ

ଛେନାପଦି/ବଞ୍ଚୋ,୨।୬(ନିରାକାର ପରିଡ଼ା/ପ୍ରଦୋଷ ବିଶ୍ୱାଳ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ମହିଳା ସୁରକ୍ଷା କମିଟିର ସଦସ୍ୟ ଭାବେ ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ତଥା ସାମାଜିକକର୍ମୀ ରତିକାନ୍ତ ରାଉତ ମନୋନୀତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ଏହି କମିଟିର ସଦସ୍ୟ ଭାବେ ପୁନଃ ମନୋନୀତ କରାଯାଇଛି। ଏ ନେଇ କେନ୍ଦୁଝର ଜିଲାପାଳ, ଆନନ୍ଦପୁର ଉପ ଜିଲାପାଳ, ଆନନ୍ଦପୁର ଏସ୍‌ଡିପିଓ, ନନ୍ଦିପଦା, ଆନନ୍ଦପୁର, ସୋସୋ ଥାନା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। କମିଟିରେ ହାଟଡ଼ିହୀ ବ୍ଲକ୍ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଉମାମଣି ମହାପାତ୍ର ଅଧ୍ୟକ୍ଷ ଅଛନ୍ତି।

## ପ୍ରେସ୍ କାଉନ୍‌ସିଲ ନାମ ବ୍ୟବହାର ଉପରେ ନିଷେଧାଦେଶ

କେନ୍ଦୁଝର,୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ) ପ୍ରେସ କାଉନ୍‌ସିଲ ଅଫ ଇଣ୍ଡିଆ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଏକ ବୈଧାନିକ ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି। କେନ୍ଦୁଝର ଜିଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜୀକରଣ ସମୟରେ ପ୍ରେସ୍ କାଉନ୍‌ସିଲ ଶବ୍ଦ ବ୍ୟବହାର ନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନ୍‌ସିଲ ନାମ ବ୍ୟବହାର କରିବା, ଆଇନ୍ ଅନୁଯାୟୀ ଗ୍ରହଣୀୟ ହେବନାହିଁ ବୋଲି କୁହାଯାଇଛି।

## ସଡ଼କ ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ

ଯୋଡ଼ା,୨।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଜୁରୁଡ଼ି ଓଏମ୍‌ସି ଗେଟ ସମ୍ମୁଖରେ ରବିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ଶିବ କୁମାର ସିଂ(୩୫)। ସେ ଟ୍ରକ୍ (ନଂ. ଓଡ଼ି ୦୯ ୟୁ ୮୧୪୦)ଜୁରୁଡ଼ି ଓଏମ୍‌ସି ଗେଟ୍ ସମ୍ମୁଖରେ ରାତି ପ୍ରାୟ ୯ଟା ୩୦ରେ ଠିଆ କରି ତଳକୁ ଓହ୍ଲାଇ ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଆଇଆଇସି ଯସକେତନ ଭୋଇ ସୂଚନା ଦେଇଛନ୍ତି।

## ଗୁଣ୍ଡିଚାଘାଗୀ, ସୀତାବିଞ୍ଜିର ହେବ ଭିତ୍ତିଭୂମି ବିକାଶ

କେନ୍ଦୁଝର,୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଥିବା ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏହି କ୍ରମରେ କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍‌ରେ ଥିବା ଗୁଣ୍ଡିଚାଘାଗୀ ଜଳପ୍ରପାତ ପରିସରର ବିକାଶ ପାଇଁ ୩୬୨.୮୦ ଲକ୍ଷ, ଉକ୍ତ ବ୍ଲକ୍‌ର ସୀତାବିଞ୍ଜିର ଭିତ୍ତିଭୂମିର ବିକାଶ ପାଇଁ ୪୧୬ କୋଟି, ଯୋଡ଼ା ବ୍ଲକ୍ ହାଣ୍ଡିଭଙ୍ଗା ଜଳପ୍ରପାତ ଭିତ୍ତିଭୂମିର ବିକାଶ ପାଇଁ ୨୨୮.୬୮ କୋଟି ଟଙ୍କା ଅନୁମୋଦନ ହୋଇଛି। କେନ୍ଦ୍ର ଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷା, ଉନ୍ନତ ଭିତ୍ତିଭୂମିର ନିର୍ମାଣ ହେବା ସହ କେନ୍ଦ୍ରକୁ ଅଧିକ ଆକର୍ଷଣୀୟ କରାଯାଇପାରିବ ବୋଲି ମତପ୍ରକାଶ ପାଉଛି। ଗତ ସପ୍ତାହରେ ପ୍ରଶାସନିକ ଅନୁମୋଦନ ମିଳିଥିବା ବେଳେ ଅର୍ଥ ଅନୁମୋଦନ କରାଯାଇଛି। ଟେଣ୍ଡର କରାଯାଇ କାମ ଆରମ୍ଭ କରାଯିବ ବୋଲି କେନ୍ଦୁଝର ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ କହିଛନ୍ତି।

## ଗାଁରେ ବୁଲୁଛି ଗୋଠଛଡ଼ା ଦନ୍ତା

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବୈଶିଙ୍ଗା(ରତନ ଦାଶ),୨।୬



ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପାଟୁଳିପୁରା ପଞ୍ଚାୟତର ପ୍ରତିମାଦେଇପୁର ଗ୍ରାମରେ ସୋମବାର ସକାଳେ ଏକ ଗୋଠଛଡ଼ା ଦନ୍ତା ପ୍ରବେଶ କରି ଆତଙ୍କ ଖେଳାଇଛି। ହାତୀକୁ ଦେଖି ଗାଁ ଲୋକେ ଭୟଭୀତ ହୋଇପଡିଛନ୍ତି। ଖବରପାଇ ବେତନଟୀ ରେଞ୍ଜର ଓ ବୈଶିଙ୍ଗା ଫରେଷ୍ଟର ଘଟଣା ସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ବେତନଟୀ ରେଞ୍ଜରେ ଝାଡ଼ଖଣ୍ଡୀ ହାତୀ ବର୍ଷ ବର୍ଷ ଧରି ଚଳପ୍ରଚଳ କରୁଛନ୍ତି। ଗୋଠଛଡା ଦନ୍ତାଟି ଦୀର୍ଘ ଦିନ ହେଲା କ୍ଷୀରପଦା ସଂରକ୍ଷିତ ଜଙ୍ଗଲରେ ରହିଆସୁଛି। ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ଗାଁ ଦାଣ୍ଡରେ ଘୁରି ବୁଲୁଛି। ଗାଁ ଗଣ୍ଡାରେ ହେଉଥିବା ପନିପରିବା ଫସଲ ଖାଇବା ପରେ ଜଙ୍ଗଲକୁ ଚାଲିଯାଉଛି। ହାତୀଟି ଶାନ୍ତ ସ୍ୱାଭାବର ଓ କାହାକୁ ଆକ୍ରମଣ ନ କରି କେବଳ ଖାଦ୍ୟ ଖାଇବାରେ ବ୍ୟସ୍ତ ରହୁଥିବା ଗ୍ରାମବାସୀ କହିଛନ୍ତି। ହାତୀକୁ ହଇରାଣ ହରକତ କରାଯାଉ ନ ଥିବାରୁ ଜଙ୍ଗଲରେ ଦୀର୍ଘ ଦିନ ଧରି ରହିଆସୁଛି। ଏପରିକି କେତେବେଳେ ଜଙ୍ଗଲରୁ ବାହାରି ରାଜରାସ୍ତାରେ ଛିଡ଼ା ହୋଇ ରାସ୍ତା ଅବରୋଧ କରୁଛି। ରବିବାର ସନ୍ଧ୍ୟା ସମୟରେ ଜଙ୍ଗଲରୁ ବାହାରି ବୈଶିଙ୍ଗା-ମାଣତ୍ରୀ ରାସ୍ତାରେ ଅଟକି ରହିଥିଲା। ଦୀର୍ଘ ସମୟ ଧରି ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ପଥଚାରୀଙ୍କୁ ସଚେତନ କରିଥିଲେ। ତେବେ ହାତୀର ଚଳପ୍ରଚଳକୁ ନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି।

## ସନ୍ତରଣ ପ୍ରଶିକ୍ଷଣ ଶିବିର

ବାରିପଦା,୨।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)-ମୟୂରଭଞ୍ଜ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ନିମନ୍ତେ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ସନ୍ତରଣ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ବାରିପଦା ସହର ଉପକଣ୍ଠ ଲକ୍ଷ୍ମୀପୋଷି ସ୍ଥିତ ପଞ୍ଚମ ବାଟାଲିୟନ ପରିସରରେ ଥିବା ଓଡ୍ରାଫ ବିଲ୍ଡିଂରେ ସୋମବାର ଜିଲାସ୍ତରୀୟ ୭ଦିନିଆ ସନ୍ତରଣ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଏଥିରେ ଜିଲାର ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରି ମାଗଣାରେ ସନ୍ତରଣ ଶିକ୍ଷା ଗ୍ରହଣ କରୁଛନ୍ତି। ଛାତ୍ରୀଛାତ୍ରମାନେ ପ୍ରଥମେ ଗଭୀର ପାଣିରେ ନିଜକୁ କିଭଳି ରକ୍ଷା କରିପାରିବେ ସେ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ସଚେତନ କରାଯିବା ପରେ ନଦୀ ଓ ପୋଖରୀରେ ମଧ୍ୟ ଅଭ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ପାଶିକ୍ଷଣ ଶିବିରର ପ୍ରଶିକ୍ଷକ ତଥା ମୟୂରଭ ଓଡ୍ରାଫ ଟିମର କର୍ମଚାରୀ କାଳିପଦ ଗିରି କହିଛନ୍ତି। ଏହା ଦ୍ୱାରା ପାଣିରେ ବୁଡ଼ି ମୃତ୍ୟୁ ସଂଖ୍ୟା ହ୍ରାସ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ପ୍ରୟାସ ଆରମ୍ଭ କରାଯାଇଛି।

## 'ଚିତ୍ରଡ଼ା ଫାଣ୍ଡିକୁ ଥାନାରେ ପରିଣତ କରାଯାଉ'

ମୋରଡ଼ା,୨।୬(ସ୍ମାରକ ମାଜୀ)




ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ସଦର ମହକୁମା ଚିତ୍ରଡ଼ା ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଏଠାରେ ଥିବା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନିକ ତଥା ସରକାରୀସ୍ତରରେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଗତ ବିଜେଡି ସରକାର ସମୟରେ ଓଡ଼ିଶାରେ ୩୬ଟି ନୂତନ ଥାନା ଘୋଷଣା ହୋଇଥିବା ବେଳେ ଚିତ୍ରଡ଼ା ଫାଣ୍ଡିକୁ ଏଥିରୁ ବାଦ୍ ଦିଆଯାଇଥିଲା। ଫଳ ସ୍ୱରୂପ ଅଞ୍ଚଳବାସୀ ଗତ ବିଧାନସଭା ନିର୍ବାଚନରେ ଏହାର ଜବାବ ଦେଇଥିଲେ। ୨୦୦୩ରେ ଚିତ୍ରଡ଼ା ଫାଣ୍ଡି ପ୍ରତିଷ୍ଠା ହୋଇଥିବା ବେଳେ ବର୍ତ୍ତମାନ ଏଠାରେ ଜଣେ ଏଏସ୍ଆଇଙ୍କ ସହ ୫ଜଣ କନଷ୍ଟେବଲ କାର୍ଯ୍ୟରତ ଅଛନ୍ତି। ତେବେ ଏଠାରେ ଦୁଇଜଣ ଅଧିକାରୀଙ୍କ ସହିତ ୭ଜଣ କନଷ୍ଟେବଲଙ୍କ ଆବଶ୍ୟକତା ଅଛି। ମୋରଡ଼ା ଥାନା ପଶ୍ଚିମବଙ୍ଗ ସୀମାନ୍ତକୁ ଲାଗି ରହିଥିବାରୁ ପୋଲିସ ପାଇଁ ଅଧିକ ଗୁରୁତ୍ୱବହନ କରେ। ସେହିପରି ଚିତ୍ରଡ଼ା ଫାଣ୍ଡି ଅଧୀନରେ ବୃହତ ଏରିଆ ଥିବାରୁ ଫାଣ୍ଡି କର୍ମଚାରୀଙ୍କ ପକ୍ଷେ ଅଞ୍ଚଳରେ ଚୋରି, ଡକାୟତି, ଚୋରା କାରବାର ଉପରେ ରୋକ୍ ଲଗାଇବା ସମ୍ଭବ ହୋଇ ପାରୁନାହିଁ।

ମୋରଡ଼ାରେ ସରକାରୀ ଅଫିସ ଯଥା ବ୍ଲକ୍ କାର୍ଯ୍ୟାଳୟ, ତହସିଲ ଅଫିସ, ଶିଶୁ ବିକାଶ, କୃଷି, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, କ୍ଷୁଦ୍ର ଜଳସେଚନ,ସପ୍ଲାଇ ଅଫିସ, ଦମକଳ ବାହିନୀ କାର୍ଯ୍ୟାଳୟ ରହିଛି। ସେହିପରି ଚିତ୍ରଡ଼ା ସରକାରୀ ମହାବିଦ୍ୟାଳୟ, ବେସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନ ସହିତ ଅନେକ ଛୋଟ ବଡ଼ ଶିକ୍ଷାନୁଷ୍ଠାନ ରହିଛି। ଚିତ୍ରଡ଼ା ଫାଣ୍ଡି ଉପରେ ଚିତ୍ରଡ଼ା, ହଳଦୀପାଳ,ଘୋଳମୁହାଁ, କୋହି, ଗଡ଼ିଆ, ବରକନ୍ଦ, ଗଡ଼ିଗାଁ, ଜୁଆଳିଭଙ୍ଗା ଆଦି ୮ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଉକ୍ତ ପଞ୍ଚାୟତଗୁଡ଼ିକ ମଧ୍ୟରୁ ଗଡ଼ିଗାଁ, ବରକନ୍ଦ ଏବଂ ଜୁଆଳିଭଙ୍ଗା ପଞ୍ଚାୟତ ଅତ୍ୟନ୍ତ ସମ୍ବେଦନଶୀଳ। କାରଣ ଏଠାରେ ବହୁ ମାତ୍ରାରେ ଲୋଧା ଜନଜାତି ବସବାସ କରନ୍ତି। ଦିନକୁ ଦିନ ଏହି ଫାଣ୍ଡି ଅଞ୍ଚଳରେ ହତ୍ୟା ମାମଲା, ଚୋରି ବୃଦ୍ଧି ପାଇବା ସହିତ ଖଣିଜ ସମ୍ପଦ ଯଥା ମୋରମ, ମାଟିର ଚୋରା କାରବାର ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଚୋରା ମଦ କାରବାର ମଧ୍ୟ ଅହେତୁକ ମାତ୍ରାରେ ବୃଦ୍ଧି ପାଉଛି। କିଛି ମାସ ତଳେ ଉକ୍ତ ଫାଣ୍ଡି ଅଞ୍ଚଳରେ ଜଣେ ଲୋଧା ମହିଳାଙ୍କ ଉଲଗ୍ନ ମୃତଦେହ ପୋଲିସ ଜବତ କରିଥିବା ବେଳେ ଏହାର କିଛି ଦିନ ପରେ ପୁଣି ଜଣେ ଅଜଣା ମହିଳାଙ୍କ ଉଲଗ୍ନ ମୃତଦେହ ପୋଲିସ ଜବତ କରିଥିଲା। ଏହାର କିଛି ମାସ ପରେ ଚିତ୍ରଡ଼ା ପେଟ୍ରୋଲ ପମ୍ପ ନିକଟରେ ରାଜୀବ ବେହେରା ନାମକ ଜଣେ ଯୁବକଙ୍କୁ ମାଡ଼ମାରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ମୋରଡ଼ା ଥାନାରେ ରୁଜୁ ହେଉଥିବା ମାମଲା ମଧ୍ୟରୁ ୬୦ରୁ ଊର୍ଦ୍ଧ୍ୱ ପ୍ରତିଶତ ମାମଲା ଚିତ୍ରଡ଼ା ଫାଣ୍ଡି ଅଞ୍ଚଳରେ ଘଟୁଥିବା ଜଣାପଡ଼ିଛି। ତେଣୁ ଉକ୍ତ ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ପରିତୋଷ ବାରିକ, ସେକ.ମୁସ୍ତଫା, ରାମାୟ ମାର୍ଣ୍ଡି, ଶୁଭ କୁମାର ମହାନ୍ତ,ସରୋଜ ଦାସ, ଦେବେନ୍ଦ୍ର ମହାନ୍ତଙ୍କ ସହିତ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡ଼ିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। -ଶ୍ରୀଅରବିନ୍ଦ



# ପର ପ୍ରୀତି

ପରକୀୟା ପ୍ରୀତିଜନିତ ହତ୍ୟାକାଣ୍ଡ ଦିନକୁ ଦିନ ବଢ଼ି ଚାଲିବା ଦେଖିବାକୁ ମିଳୁଛି। ନିଜ ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ସହ ପ୍ରେମ ସମ୍ବନ୍ଧ ନିବିଡ଼ ହେବା ବା ଶାରୀରିକ ସମ୍ପର୍କ ଗଭୀର ହେବା ପରେ ବିବାହ ବନ୍ଧନରେ ଆବଦ୍ଧ କୌଣସି ପକ୍ଷ ଭୟଙ୍କର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ପାଟିତୁଣ୍ଡରେ ତାହା ସୀମିତ ନ ରହି ହତ୍ୟାକାଣ୍ଡଯାଏ କଥା ଯାଉଛି। ପୁଣି ହତ୍ୟାରେ ଏକାଧିକ ଲୋକଙ୍କୁ ସାମିଲ କରି ଦିଆଯାଉଛି। ଘରେ ପିଲାଛୁଆଙ୍କୁ ମତେଇ ତତେଇ ମା' ସେମାନଙ୍କ ପିତାଙ୍କୁ କିମ୍ବା ପିତା ସେମାନଙ୍କ ମାତାଙ୍କୁ ହତ୍ୟା କରୁଛନ୍ତି। ୩୧ ମେ'ରେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜ୍‌ର ଫରେଷ୍ଟରଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅ ପେଟ୍ରୋଲ ଢାଳି ଜିଅନ୍ତା ଜାଳିଦେବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ସେହିପରି ସେହି ସମାନ ଦିନରେ ବିବାହ ବାହାର ସମ୍ପର୍କ ଯୋଗୁ ଅନୁଗୋଳ ଜିଲା କଣିହାଁ ଥାନା ମସୁରିହିତା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଗଳାକାଟି ହତ୍ୟା କରାଯାଇଛି। ପ୍ରାଣ ହରାଇଥିବା ବ୍ୟକ୍ତି ଅନ୍ୟ ଜଣଙ୍କ ସ୍ତ୍ରୀଙ୍କୁ ନେଇଆସି ୭ ମାସ ତଳେ ବିବାହ କରିଥିଲେ। ୨ ଜୁନ୍‌ରେ ଆଉ ଏକ ଘଟଣାରେ ଗଞ୍ଜାମ ଜିଲା ଗୋବିନ୍ଦପୁର ଗାଁରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର ପରକୀୟା ପ୍ରୀତି ଯୋଗୁ ହତ୍ୟା କରିଛନ୍ତି। ଏଭଳି ଘଟଣାର ତାଲିକା ପ୍ରସ୍ତୁତ କଲେ ତାହା ଲମ୍ବିଲା ଭଳି ଲାଗୁଛି।

୨୦୨୦ରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ସେହି ବର୍ଷ ଘଟିଥିବା ମୋଟ ହତ୍ୟାରୁ ୧୦ ପ୍ରତିଶତରୁ ଅଧିକ ପ୍ରେମ ଓ ପରକୀୟା ପ୍ରୀତିଜନିତ କାରଣରୁ ହୋଇଥିଲା। ଏହି ଧରଣର କାର୍ଯ୍ୟକଳାପ ବଢ଼ିଚାଲୁଥିବାରୁ ହିଂସାକାଣ୍ଡ ବୃଦ୍ଧି ପାଉଥିବା ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ବୁଝାପଡ଼ିଯାଉଛି। ସାଧାରଣତଃ କ୍ରୋଧର ବଶବର୍ତ୍ତୀ ହୋଇ ତତ୍‌କ୍ଷଣାତ୍ ଜଣଙ୍କୁ ମାରିଦେବାର ନିଷ୍ପତ୍ତି ନେଉଥିବା ବ୍ୟକ୍ତିଙ୍କୁ ସାହିପଡ଼ିଶା କିମ୍ବା ପରିବାର ସହ ପରିଚିତ ବ୍ୟକ୍ତି 'ସେ ଠିକ୍ କରିଛି' ବୋଲି କହିବାକୁ ପଛାଇ ନ ଥାଆନ୍ତି। କାରଣ ସେମାନେ ଏଭଳି ସମ୍ପର୍କକୁ ଖରାପ ଦୃଷ୍ଟିରେ ଦେଖିଥାଆନ୍ତି। ଏମିତି ମଧ୍ୟ ହୋଇଥାଏ ଯେ ପରକୀୟା ପ୍ରୀତିରେ ଜଡ଼ିତ ବ୍ୟକ୍ତିଙ୍କୁ ମାରିଦେବା ଲାଗି ଅନେକେ ଉସ୍‌କାଇଥାଆନ୍ତି। ଏଭଳି କରାଗଲେ ସମସ୍ୟାର ସମାଧାନ ହୋଇଗଲା ବୋଲି ସାଧାରଣରେ ଧରିନିଆଯାଇଥାଏ। ହେଲେ ସେତେବେଳେ ସେମାନେ ପରିସ୍ଥିତିର ଭୟାବହତାକୁ ଦେଖି ବୁଝିପାରନ୍ତି ନାହିଁ। ଗରମ ମସ୍ତିଷ୍କରେ ନିଷ୍ପତ୍ତି ନେଇଥାଆନ୍ତି। ଜଣଙ୍କୁ ମାରିଦେଲେ ମୃତକଙ୍କ ଜୀବନରେ ପରିସମାପ୍ତି ଘଟିଗଲା। କିନ୍ତୁ କ୍ରୋଧରେ ଯିଏ ହିଂସାତ୍ମକ କାଣ୍ଡ ଭିଆଇଥାଆନ୍ତି, ତାଙ୍କୁ ଆଜୀବନ ଜେଲ ଜୀବନ ବିତାଇବାକୁ ପଡ଼ିଥାଏ। ଏହି ଯନ୍ତ୍ରଣା ସେହି ବ୍ୟକ୍ତିଙ୍କ ବାକିତକ ଆୟୁଷକୁ କୋରି ଖାଇଦେଇଥାଏ। ଏଥିସହିତ ସ୍ତ୍ରୀ ହୁଅନ୍ତୁ ବା ସ୍ୱାମୀ ତାଙ୍କ ପରିବାରକୁ ଜାଣତରେ ନଷ୍ଟ କରିଦେଇଥାଆନ୍ତି।

ପରକୀୟା ପ୍ରୀତି ଯୋଗୁ ଉପୁଜୁଥିବା ଏଭଳି ସାମାଜିକ ତଥା ପାରିବାରିକ ବିଶୃଙ୍ଖଳାର ଅନ୍ୟତମ ସମାଧାନ ବାଟ କହିଲେ ସମ୍ଭବତଃ ବିବାହ ବିଚ୍ଛେଦ ହୋଇପାରେ। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନ ନ ମିଶିଲେ କିମ୍ବା ଉଭୟଙ୍କ ସମ୍ପର୍କରେ ଫାଟ ଦେଖାଦେଲେ ତାହା ସହଜରେ ବୁଜି ହୋଇ ନ ଥାଏ। ତେଣୁ ହିଂସାବାଟ ଅନୁସରଣ କରିବା ଅପେକ୍ଷା ପରସ୍ପରଠାରୁ ଦୂରେଇଯିବା ବିଜ୍ଞତାର ପରିଚୟ ହେବା କଥା। କେତେକ ଦମ୍ପତି ସ୍ଥଳବିଶେଷରେ ବିବାହ ବିଚ୍ଛେଦକୁ ଗ୍ରହଣ କରି ନେଇଥାଆନ୍ତି। ଅନ୍ୟପକ୍ଷରେ ଅପେକ୍ଷାକୃତ ଅନେକେ ଜିଦ୍‌ଖୋର ମନୋଭାବ ରଖି ହିଂସା ଘଟାଉଛନ୍ତି, ଯାହାର ପରିଣାମ ପର ପିଢ଼ିକୁ ଭୋଗିବାକୁ ପଡୁଛି।

**ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନ ନ ମିଶିଲେ କିମ୍ବା ଉଭୟଙ୍କ ସମ୍ପର୍କରେ ଫାଟ ଦେଖାଦେଲେ ତାହା ସହଜରେ ବୁଜି ହୋଇ ନ ଥାଏ। ତେଣୁ ହିଂସାବାଟ ଅନୁସରଣ କରିବା ଅପେକ୍ଷା ପରସ୍ପରଠାରୁ ଦୂରେଇଯିବା ବିଜ୍ଞତାର ପରିଚୟ ହେବା କଥା। କେତେକ ଦମ୍ପତି ସ୍ଥଳବିଶେଷରେ ବିବାହ ବିଚ୍ଛେଦକୁ ଗ୍ରହଣ କରି ନେଇଥାଆନ୍ତି। ଅନ୍ୟପକ୍ଷରେ ଅପେକ୍ଷାକୃତ ଅନେକେ ଜିଦ୍‌ଖୋର ମନୋଭାବ ରଖି ହିଂସା ଘଟାଉଛନ୍ତି, ଯାହାର ପରିଣାମ ପର ପିଢ଼ିକୁ ଭୋଗିବାକୁ ପଡୁଛି।**

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | 7 | 5 | | |
| | 1 | | | | | | 4 | |
| | | 5 | 2 | | | | | |
| | 9 | | | | 8 | 2 | | 1 |
| | | | | 9 | | | | |
| | | 8 | | 2 | 6 | 7 | | |
| | 3 | | 7 | | 5 | | | |
| 5 | | 1 | | 4 | | 8 | | |
| | | 4 | | | | 3 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 6 | 7 | 5 | 3 | 2 | 4 | 9 |
| 4 | 5 | 9 | 2 | 6 | 8 | 1 | 7 | 3 |
| 7 | 2 | 3 | 1 | 4 | 9 | 5 | 6 | 8 |
| 3 | 4 | 7 | 5 | 1 | 2 | 8 | 9 | 6 |
| 5 | 1 | 8 | 9 | 7 | 6 | 3 | 2 | 4 |
| 6 | 9 | 2 | 8 | 3 | 4 | 7 | 5 | 1 |
| 2 | 6 | 4 | 3 | 8 | 7 | 9 | 1 | 5 |
| 9 | 3 | 5 | 6 | 2 | 1 | 4 | 8 | 7 |
| 8 | 7 | 1 | 4 | 9 | 5 | 6 | 3 | 2 |

ଗତକାଲିର ଉତ୍ତର

# ସ୍ୱହସ୍ତେ ଜିହ୍ୱା ଛେଦନ




ଡ. ନିଖିଳାନନ୍ଦ ପାଣିଗ୍ରାହୀ

"ଇତ୍ୟବସରରେ ବହୁ ବର୍ଷ ବିତିଗଲାଣି। ଆମେ ପାର୍ବତୀ ବିଷୟରେ ଜାଣି ନାହୁଁ। ସେ କେଉଁ ଅବସ୍ଥାରେ ଏବେ ଅଛି, ତା' ଜୀବନରେ ଆଉ କ'ଣ ଘଟିଛି, ତାହା ଜାଣିବା ପାଇଁ ମୁଁ ଆଗ୍ରହୀ ନୁହେଁ। କିନ୍ତୁ ଦେବଦାସ ପାଇଁ ମୋ ହୃଦୟ ଫାଟି ଯାଉଛି। ଯିଏ ଏହି ଉପନ୍ୟାସଟି ପଢ଼ିବ, ସେ ମୋ ପରି ଯନ୍ତ୍ରଣାଦଗ୍ଧ ହେବ। ତୁମେ ଯଦି କେବେ ଜାଣିବ ଯେ, ଏପରି ଜଣେ ଦୁର୍ଭାଗା ବ୍ୟକ୍ତି ଅଛି, ଯିଏ କି ଦେବଦାସ ପରି ଅପରିଣାମଦର୍ଶୀ, ଏକଜିଦିଆ, ଅନିୟନ୍ତ୍ରିତ ଓ ପାପୀ, ତେବେ ଈଶ୍ୱରଙ୍କୁ ପ୍ରାର୍ଥନା କର ଯେ, ଯେପରି କି ତା'ର ଯାହା ହେଉ ନା କାହିଁକି, ଅନ୍ତତଃ ଦେବଦାସ ପରି ତା'ର ମୃତ୍ୟୁ ନ ହେଉ। ମରଣ ତ ଅନିବାର୍ଯ୍ୟ। କିନ୍ତୁ ଶେଷ ନିଃଶ୍ୱାସ ବେଳକୁ ତା' ମୁଣ୍ଡ ଉପରେ କେହି ଆଦରର ସହ କୋମଳତାରେ କର ସଞ୍ଚାଳନ କରୁ, ଯଦ୍ୱାରା ସେ ସମ୍ମୁଖରେ ଲୁହ ଗଡ଼ାଉଥିବା ଜଣେ ଦୟାର୍ଦ୍ର ବ୍ୟକ୍ତିକୁ ଦେଖି ଶାନ୍ତିରେ ମରଣ ଲଭିବି।"

ଏହା ହେଉଛି ଶରତ ଚନ୍ଦ୍ରଙ୍କ ପ୍ରସିଦ୍ଧ ରୋମାଣ୍ଟିକ ଉପନ୍ୟାସିକା 'ଦେବଦାସ'ର ଶେଷ ଅନୁଚ୍ଛେଦ। ଏହି ବହିରେ ତିନୋଟି ମୁଖ୍ୟ ଚରିତ୍ର ହେଉଛି ପାରୋ (ପାର୍ବତୀ ଚକ୍ରବର୍ତ୍ତୀ ଚନ୍ଦ୍ରମୁଖୀ ଓ ନାୟକ ଦେବଦାସ ମୁଖାର୍ଜୀ)। ପାରୋ ଓ ଦେବଦାସ ବାଲ୍ୟକାଳରୁ ପରସ୍ପର ସହ ନିବିଡ଼ ଭାବେ ସଂପୃକ୍ତ। ବଡ଼ ହେବା ପରେ ସେମାନେ ବିବାହ କରିବାକୁ ଅତ୍ୟନ୍ତ ଆଗ୍ରହୀ ଥିଲେ। କିନ୍ତୁ ଉଭୟ ପରିବାରର ସାମାଜିକ ସ୍ଥିତି ମଧ୍ୟରେ ଏତେ ପାର୍ଥକ୍ୟ ଥିଲା ଯେ, ଏହା ଘଟିଲା ନାହିଁ। ପାରୋ ଘଟଣା ଚକ୍ରରେ ଗୋଟିଏ ଧନୀ ସନ୍ତାନ ଥିବା ବିପତ୍ନୀକ ବୟସ୍କ ଜମିଦାରକୁ ବିବାହ କଲା। ଦେବଦାସ ବିଫଳ ମନୋରଥରୁ ନିରାଶ ଓ ଦୁଃଖ-ଜର୍ଜରିତ ହୋଇ ମଦିରା ଏବଂ ବେଶ୍ୟାଳୟର ଆଶ୍ରୟ ନେଲା, ଅସହନୀୟ ମାନସିକ ବେଦନାରୁ ନିସ୍ତାର ପାଇଁ। ଏହି ସ୍ଥିତିରେ ଚନ୍ଦ୍ରମୁଖୀ ନାମ୍ନୀ ଗୋଟିଏ ହିତକାରିଣୀ, ସମ୍ବେଦନଶୀଳ ବେଶ୍ୟା ତା' ଜୀବନରେ ପ୍ରବେଶ କଲା ଏବଂ କୁପଥରୁ ତାକୁ ରକ୍ଷା କରିବାକୁ ପତ୍ନୀ ଭାବେ ଗ୍ରହଣ କରିବା ପାଇଁ ନିବେଦନ କଲା। ତେବେ ଏହି ପ୍ରସ୍ତାବ ଦେବଦାସ ପ୍ରତ୍ୟାଖ୍ୟାନ କଲା ପାରୋକୁ ତଥାପି ଭଲ ପାଉଥିବା ଯୋଗୁ। ପରିଶେଷରେ ସାଂଘାତିକ ଭାବେ ରୋଗାକ୍ରାନ୍ତ ହେବାରୁ ମରିବା ଆଗରୁ ପୂର୍ବ ପ୍ରତିଜ୍ଞା ଗୁଣବାନ ପାରୋକୁ ଦେଖିବ ବୋଲି ପାରୋର ଶ୍ୱଶୁର ଘର ଗାଁକୁ ବାହାରିଲା ଏବଂ ପାରୋର ଘର ପାଖରେ ପହଞ୍ଚିଲେ ସୁଦ୍ଧା ତାକୁ ଦେଖି ନ ପାରି ମୃତ୍ୟୁବରଣ କଲା। ଏପରି କି ପାରୋର ବ୍ୟାକୁଳ ଆଗ୍ରହ ସତ୍ତ୍ୱେ ଦେବଦାସକୁ ଶେଷ ଥର ଦେଖିବା ପାଇଁ ତା'ର ଶ୍ୱଶୁର ପକ୍ଷ କୌଣସି ସୁଯୋଗ ପାରୋକୁ ଦେଇ ନ ଥିଲେ। ସେହି ଅତିଶୟ ଥଣ୍ଡା ପାଗରେ ତା'ର ପରିତ୍ୟକ୍ତ ଶବ ଦୟନୀୟ ଭାବେ ରହିଥିଲା। ଏଣୁ ସମସ୍ତଙ୍କ ଘୃଣାର ପାତ୍ର ହୋଇ ମରିବା ଥିଲା ତା' କପାଳ ଲିଖନ।

ଏହି ଜନପ୍ରିୟ ଉପନ୍ୟାସର ବୈଶିଷ୍ଟ୍ୟତା ହେଉଛି: ତ୍ରିକୋଣ ପ୍ରେମ, ପ୍ରେମରେ ବ୍ୟର୍ଥତା,



ମଦିରା, ବେଶ୍ୟାଳୟରେ ଆଶ୍ରୟ ଓ ଅନ୍ତରେ ଅପବାଦିତ, ଶୋଚନୀୟ ମରଣ। ଏହା ଏକ ଢାଞ୍ଚା, ଯାହାକୁ ଅପରିବର୍ତ୍ତିତ ରଖି ବିଭିନ୍ନ ସ୍ରଷ୍ଟା ସ୍ୱକୀୟ ବିବରଣୀ ଦ୍ୱାରା ନୂତନ ସଂସ୍କରଣମାନ ସୃଷ୍ଟି କରିଛନ୍ତି। ଏହି ଉପନ୍ୟାସିକାରେ ପାରୋ ଲୋକପ୍ରିୟତା ସମ୍ପର୍କରେ ଧାରଣା ଜନ୍ମେ ଏବଂ ଏହାର ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ମୁଦ୍ରିତ ହୋଇଛି ଏବଂ ଭାରତ ବାହାରେ ମଧ୍ୟ ଆଦର ରହିଛି। ଯେମିତି ୨୦୧୮ରେ ଚେକ୍ ଭାଷାରେ ଅନୁବାଦ।

ଏହି ବହିଟି ସମ୍ପର୍କରେ କିଛି ତଥ୍ୟ ଉପସ୍ଥାପନ କରାଯାଇପାରେ। ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୯୦୧ରେ 'ଦେବଦାସ' ରଚନା କରିଥିଲେ। କିନ୍ତୁ ଏହାକୁ ତୁରନ୍ତ ପ୍ରକାଶ କରି ନ ଥିଲେ। ପରେ ପରେ ୧୯୦୩ରେ ତାଙ୍କର ପ୍ରଥମ ଉପନ୍ୟାସ 'ମନ୍ଦିର' ମୁକ୍ତିଲାଭ କଲା। ଏହି ବହିଟି ସେ ନିଜ ନାମରେ ନ ଲେଖି ତାଙ୍କ ମାମୁ ସୁରେନ୍ଦ୍ର ନାଥ ଗାଙ୍ଗୁଲିଙ୍କ ନାମରେ ପ୍ରକାଶ କରିଥିଲେ। ପ୍ରଶ୍ନ ଉଠିପାରେ ଦେବଦାସ କ୍ଷେତ୍ରରେ ଏମିତି ବ୍ୟତିକ୍ରମ କାହିଁକି ଦେଖାହେଲା ? ତେବେ ଏହି ବିଳମ୍ବ ସମ୍ପର୍କରେ ଔପନ୍ୟାସିକଙ୍କ ଟିପ୍ପଣୀ ହେଉଛି ଯେ, ସେ ସେତେବେଳକୁ ଅପରିପକ୍ୱ ଥିଲେ। ପୁଣି ସେଥିରେ ସନ୍ନିବେଶିତ ଚରିତ୍ରମାନ, ବିଶେଷ ଭାବେ ଦେବଦାସ, ଅତ୍ୟଧିକ ଆବେଗର ବଶବର୍ତ୍ତୀ ହୋଇଥିବାରୁ ସେ ବହିଟି ଅଟକାଇ ରଖିଲେ। ସେ ଆଶଙ୍କା କରୁଥିଲେ ଯେ, ଏମିତି ଏକ ଅଭାବନୀୟ ପ୍ରତିକ୍ରିୟା ପାଠକମହଲରେ ଜାତ ହେବ, ଯେଉଁଥିପାଇଁ ତାଙ୍କୁ ଲଜ୍ଜିତ ହେବାକୁ ପଡ଼ିବ।

ବିଡ଼ମ୍ବନାର ବିଷୟ , ସେ ଯେଉଁ 'ଦେବଦାସ' ପୁସ୍ତକଟି ବଜାରରେ ଉପଲବ୍ଧ ହେବାକୁ ପଛଘୁଞ୍ଚା ଦେଇଥିଲେ, ପାଠକ ମହଲରେ ତାହା ଆଦୃତି ପାଇଲା। 'ଭାରତବର୍ଷ' ପତ୍ରିକାର ପ୍ରକାଶକ ଏବଂ ଶରତ ଚନ୍ଦ୍ରଙ୍କ ସାଙ୍ଗ ପ୍ରମଥନାଥ ଭଟ୍ଟ ପାଣ୍ଡୁଲିପିଟି ପଢ଼ିବା ପରେ ଶରତ ଚନ୍ଦ୍ରଙ୍କୁ ତାଙ୍କ ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ କରିବା ସକାଶେ ପ୍ରବର୍ତ୍ତାଇଲେ। ଫଳରେ ୧୯୧୬ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ଏହା ପାଠକ ମହଲରେ ପ୍ରବେଶ କଲା। ଏହାର ପ୍ରଭୂତ ଜନପ୍ରିୟତା ଅପ୍ରତ୍ୟାଶିତ ଓ ଆଶ୍ଚର୍ଯ୍ୟଜନକ ଥିଲା। ତା' ପରବର୍ଷ ଏହା ବହି ଆକାରେ ମୁଦ୍ରିତ ହେଲା।

'ଦେବଦାସ'ରେ ଗୋଟିଏ ଚରିତ୍ର ହେଉଛି 'ପାରୋ' (ପାର୍ବତୀ)। ସେ ହାଟିପୋତା ଗ୍ରାମର ଜମିଦାର ଭୁବନ ମୋହନ ଚୌଧୁରୀଙ୍କ ଦ୍ୱିତୀୟ ପତ୍ନୀ, ଯାହାଙ୍କର ପ୍ରଥମ ପତ୍ନୀଠାରୁ ଜନ୍ମିତ ତିନୋଟି ସନ୍ତାନ ଥିଲେ। କଥିତ ଅଛି ଯେ, ଶରତ ଚନ୍ଦ୍ରଙ୍କ ଉପନ୍ୟାସ ପାଇଁ ଖୋରାକ ଯୋଗାଇଥିଲା ଉକ୍ତ ବିବାହିତା ପାରୋ। ଏଥିପାଇଁ ସେ ବହୁବାର ସେଇ ଗ୍ରାମକୁ ଯାଇଥିଲେ। କିନ୍ତୁ ବାସ୍ତବତା ସହ କେବଳ ଏହି ଘଟଣାଟି ସୀମିତ ନ ଥିଲା। ହରିୟାଣାରୁ ପ୍ରଥମ ସାହିତ୍ୟ ଏକାଡେମି ପୁରସ୍କାର ବିଜେତା ବିଷ୍ଣୁ ପ୍ରଭାକର 'ଆୱାରା ମସୀହା' ନାମକ ଗୋଟିଏ ପୁସ୍ତକ ଶରତ ଚନ୍ଦ୍ରଙ୍କ ଜୀବନୀ ସମ୍ପର୍କରେ ଲେଖିଛନ୍ତି। ଏଥିପାଇଁ ସେ ବଙ୍ଗଳା, ବିହାର, ବର୍ମା, ମଧ୍ୟପ୍ରଦେଶର ଜବଲପୁରକୁ ଊଣଶ ବର୍ଷ ଧରି ଯାତ୍ରା କରିଥିଲେ ତଥ୍ୟ ସଂଗ୍ରହ କରିବାକୁ। ତାଙ୍କ ଅନୁସନ୍ଧାନ ଅନୁସାରେ ଶରତ ଚନ୍ଦ୍ରଙ୍କ କୈଶୋର ଓ ଆଦ୍ୟ ଯୌବନ ଭାଗଲପୁରରେ କଟିଥିଲା। ସେତେବେଳେ ଧୀରୁ ନାମ୍ନୀ ତାଙ୍କର ଗୋଟିଏ ବାଳିକା-ବନ୍ଧୁ ଥିଲା, ଯାହା ଉପନ୍ୟାସରେ ପାରୋ ଭାବେ ବର୍ଣ୍ଣିତ। ତା' ପ୍ରତି ତାଙ୍କର ଆକର୍ଷଣ ମାତ୍ରାତିରିକ୍ତ ଥିଲା। ତାକୁ ଦେଖିବା ପାଇଁ ତା' ଶ୍ୱଶୁର ଘର ଗାଁକୁ ଯାଇ ଦୀର୍ଘ ସମୟ ଅପେକ୍ଷା କରୁଥିଲେ। ଭାଗଲପୁର ଜିଲା (ସଂପ୍ରତି)ର ଜୋଗସର ଜନପଦରେ ରହୁଥିବା କାଳୀଦାସୀ ଉପନ୍ୟାସରେ ଚନ୍ଦ୍ରମୁଖୀ ଭାବେ ଅବତୀର୍ଣ୍ଣ ହୋଇଛି। ପ୍ରକାଶଥାଉ କି, ଆଠ ବର୍ଷ ବୟସରେ ଶରତ ଚନ୍ଦ୍ର ଭାଗଲପୁରସ୍ଥିତ ମାମୁ ଘରକୁ ଆସି ସେଠାରେ ଦୀର୍ଘ ପଚିଶ ବର୍ଷ କଟାଇଥିଲେ।

ଏହି ଦୃଷ୍ଟିରୁ 'ଦେବଦାସ' ସମ୍ପୂର୍ଣ୍ଣ ଭାବେ ଆତ୍ମଜୀବନୀମୂଳକ ଉପନ୍ୟାସ ନ ହେଲେ ସୁଦ୍ଧା, ଏହା ଅର୍ଦ୍ଧ-ଆତ୍ମଜୀବନୀ ସମ୍ବଳିତ ବୋଲି କୁହାଯାଇ ପାରିବ। ଏହି ଧାରାରେ ଅବଶ୍ୟ ଅନେକ ବିଶ୍ୱପ୍ରସିଦ୍ଧ କାହାଣୀ ରଚିତ ହୋଇଛି। ଏଥିରେ ବାସ୍ତବ ଜୀବନର ନାମଗୁଡ଼ିକୁ ପରିବର୍ତ୍ତନ କରି, କିଛି ଘଟଣାକୁ କଳ୍ପନା ମାଧ୍ୟମରେ ରଙ୍ଗିନ ଓ ବଳିଷ୍ଠ କରି ଉପସ୍ଥାପନ କରାଯାଇଥାଏ।

ତେବେ ଏମିତି କ୍ଷେତ୍ରରେ ଯେଉଁମାନେ ଲେଖନୀ ଚାଳନା କରନ୍ତି, ସେମାନେ ତ ଉପନ୍ୟାସଟିଏ ଜନସମାଜକୁ ଭେଟି ଦେଇଥାନ୍ତି। କିନ୍ତୁ ତତ୍ ସହ ନିଜ ଅଜ୍ଞାତସାରରେ ସୃଷ୍ଟି କରିଥାନ୍ତି ପ୍ରକୃତ ଜୀବନରୁ ସମ୍ଭୂତ ଗୋଟିଏ ଭସ୍ମାସୁର। ଯେତେ ଲୁଚାଇଲେ ମଧ୍ୟ ଗୋଡ଼ ଦି'ଟା ଲୁଚି ନ ଥାଏ। ଏହାର ଝଲକ ଲୋକେ ଦେଖିପାରନ୍ତି।

ପୁରାଣରେ ଶିବ ନିଜ ବର ଦ୍ୱାରା ଯେଉଁ ଭସ୍ମାସୁର ସୃଷ୍ଟି କଲେ, ସେ ତାଙ୍କୁ ଭସ୍ମ କରିବାକୁ ଗୋଡ଼ାଇ ଥିଲା ଓ ଶିବ ଧାଇଁ ଧାଇଁ ପ୍ରାଣରକ୍ଷା ପାଇଁ ଅଣନିଃଶ୍ୱାସୀ ହୋଇଯାଇଥିଲେ। କିନ୍ତୁ ଲେଖକଙ୍କ ଦ୍ୱାରା ସମ୍ଭୂତ ଭସ୍ମାସୁରଟି କେବଳ ପଛପଟୁ ଗୋଡ଼ାଇବ ବୋଲି ନିଶ୍ଚିତ ନୁହେଁ, ସେ ଯେଉଁ କୌଣସି ପଟରୁ, ଏପରି କି ଅଦୃଶ୍ୟ ବାୟୁମଣ୍ଡଳରୁ, ଅତର୍କିତ ଭାବେ ଲେଖକ ସାମନାରେ ଆବିର୍ଭୂତ ହୋଇ ତା' ମନରେ ଭୟ ଜାତ କରେ। ହୁଏତ ବିଚରା ଲେଖକଟି ପଳାୟନ ପରି କର୍ମରେ ଲିପ୍ତ ହୋଇ ନ ଥାଏ, ତା' ଶରୀର ଅବଶ ହୋଇ ନ ପାରେ। କିନ୍ତୁ ଘର ଭିତରେ ବସି ରହିଥିଲେ ମଧ୍ୟ ତା'ର ହୃତ୍‌ସ୍ପନ୍ଦନ ତୀବ୍ର ହୁଏ। ସେ ସେତେବେଳେ ଅନୁଶୋଚନା କରେ; ମୁଁ କାହିଁକି ଗୋଟିଏ ଆତ୍ମ-ଜୀବନୀମୂଳକ ଉପନ୍ୟାସ ଲେଖିଲି।

**ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ**
**ବ୍ରହ୍ମପୁର, ମୋ: ୯୦୭୮୭୪୩୮୪୩**

# ଗୃହଶତ୍ରୁ



ଲଳିତେନ୍ଦୁ ପଲାଉରୀ

ଇରାନର ଦକ୍ଷିଣ ପାର୍ଶ୍ୱ ଏବଂ ଆଫଗାନିସ୍ତାନର ଉତ୍ତର ପଶ୍ଚିମ ଭାଗରେ ଅବସ୍ଥିତ ପାକିସ୍ତାନର ସବୁଠୁ ବଡ଼ ପ୍ରଦେଶ ହେଉଛି ବେଲୁଚିସ୍ତାନ। ପାକିସ୍ତାନର ୪୪ ପ୍ରତିଶତ ଅଞ୍ଚଳ ପରିମିତ ବେଲୁଚିସ୍ତାନ ସୁନ୍ନି ମୁସଲମାନ ଓ ଆଦିବାସୀବହୁଳ। ବେଲୁଚିସ୍ତାନକୁ ଏକ ସ୍ୱତନ୍ତ୍ର ଦେଶ କରିବାକୁ ୧୯୪୭ ମସିହାରୁ ବେଲୁଚିବାସୀ ସଂଗ୍ରାମ କରୁଛନ୍ତି। ପାକିସ୍ତାନ ଏହି ଆନ୍ଦୋଳନକୁ ଭଣ୍ଡୁର କରିଚାଲିଛି। ଏହା ସହ ବେଲୁଚିସ୍ତାନରେ ପାକିସ୍ତାନ ସେନା ଓ ପୋଲିସର ଶୋଷଣ, ଦମନଲୀଳା, ମାନବାଧିକାର ଉଲ୍ଲଂଘନ ଜାରି ରହିଛି। ତେଣୁ ପାକିସ୍ତାନ ଭିତରେ ଥାଇ ମଧ୍ୟ ବେଲୁଚିବାସୀଙ୍କ ମନୋଭାବ ପାକିସ୍ତାନ ପ୍ରତି କଠୋର ରହିଆସିଛି। ପାକିସ୍ତାନ ଉପରେ ପ୍ରତିଶୋଧ ପାଇଁ ଏମାନେ ପାକିସ୍ତାନ ନେତା, ଆର୍ମି, ପୋଲିସ ଓ ଅଧିକାରୀଙ୍କ ଉପରେ ଆତ୍ମଘାତୀ ଆକ୍ରମଣ କରୁଛନ୍ତି। ଭାରତ ବିରୋଧରେ ପାକିସ୍ତାନର ପ୍ରାୟୋଜିତ ଆତଙ୍କବାଦକୁ ବିରୋଧ କରି ବେଲୁଚିବାସୀ ଭାରତକୁ ସମର୍ଥନ ଜଣାଇଛନ୍ତି। ପାକିସ୍ତାନ ତୁରନ୍ତ ପାକ୍ ଅଧିକୃତ କଶ୍ମୀର ଖାଲି କରୁ ଏନେଇ ଏମାନେ ଭାରତ ସହ ସ୍ୱର ମିଳାଇଛନ୍ତି। ସ୍ୱତନ୍ତ୍ର ବେଲୁଚିସ୍ତାନ ଗଠନ ପାଇଁ ଦୀର୍ଘ ବର୍ଷର ସଂଘର୍ଷ ସହ ଚଳିତ ବର୍ଷ ମେ ୯ରେ ବେଲୁଚିସ୍ତାନ ମୁକ୍ତିସେନା ବେଲୁଚିସ୍ତାନକୁ ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରିଛି। ଯଦିଓ ଏହାକୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିନି କିନ୍ତୁ ଆଗକୁ ସେମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସହ ଭାରତ ସମେତ ଜାତିସଂଘ ଓ ପାକିସ୍ତାନ ବିରୋଧୀ ରାଷ୍ଟ୍ରକୁ ସମର୍ଥନ ମାଗିଛନ୍ତି। ନୂଆଦିଲ୍ଲୀରେ ବେଲୁଚିସ୍ତାନର ଦୂତାବାସ ଖୋଲିବା ପାଇଁ ଅନୁରୋଧ କରିଛି ବେଲୁଚି ଲିବରେଶନ ଆର୍ମି (ବିଏଲ୍‌ଏ)।

ପାକିସ୍ତାନ ୧୯୪୭ରୁ ବେଲୁଚିସ୍ତାନବାସୀଙ୍କ ସହ ଶଠତା କରିଛି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ଓ ବାଂଲାଦେଶ ଗଠନ ପରେ ଏମାନେ ମଧ୍ୟ ସେହି ମିଶନକୁ ଜୋରଦାର କରିଛନ୍ତି। ଏବେ ପାକିସ୍ତାନ ପାଇଁ ଭସ୍ମାସୁର ପାଲଟିଛନ୍ତି ବେଲୁଚିସ୍ତାନ ନିବାସୀ। ବେଲୁଚିସ୍ତାନ ପ୍ରାକୃତିକ ସମ୍ପଦ ଓ ଖଣିଜ ସମ୍ପଦରେ ଭରପୂର। ପାକିସ୍ତାନର ଅର୍ଥନୀତି ପାଇଁ ବେଲୁଚିସ୍ତାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପାକିସ୍ତାନ ଜାଣିଶୁଣି ଏହି ପ୍ରଦେଶକୁ ଅବହେଳିତ କରିରଖିଛି। ପାକିସ୍ତାନର ଅନ୍ୟ ୩ ପ୍ରଦେଶ ପଞ୍ଜାବ, ସିନ୍ଧ, ଖାଇବର ପଖତୁନଖ୍ୱା ପାକିସ୍ତାନ ଜାତୀୟ ରାଜନୀତିରେ ଗୁରୁତ୍ୱ ବହନ କରୁଥିବା ବେଳେ ବେଲୁଚିସ୍ତାନର ପ୍ରତିନିଧିତ୍ୱ ନଗଣ୍ୟ ରହିଛି। ଛୋଟ ପ୍ରଦେଶ ପଞ୍ଜାବ ପାକିସ୍ତାନ ରାଜନୀତିରେ ସର୍ବାଗ୍ରେ ରହିଛି। ପାକିସ୍ତାନର ପଞ୍ଜାବ ପ୍ରଦେଶରୁ ହିଁ ସର୍ବାଧିକ ରାଜନେତା ଏବଂ ସେନା ପ୍ରମୁଖ ପାକିସ୍ତାନକୁ ନିୟନ୍ତ୍ରଣ କରିଆସୁଛନ୍ତି। ଯାହାକି ବେଲୁଚିସ୍ତାନବାସୀଙ୍କୁ ଅସହ୍ୟ ହେଉଛି। ବେଲୁଚି ନେତା ତଥା ଲେଖକ ମୀର ୟାର ବଲୁଚ ବେଲୁଚିସ୍ତାନକୁ ସ୍ୱାଧୀନ ରାଷ୍ଟ୍ରଭାବେ ସ୍ୱୀକୃତି ଦେବାକୁ ବିଶ୍ୱବାସୀଙ୍କୁ ଅନୁରୋଧ କରିଛନ୍ତି। ବେଲୁଚିସ୍ତାନର ସ୍ୱତନ୍ତ୍ର ଜାତୀୟ ପତାକା ଓ ଏହାର ଭୌଗୋଳିକ ମ୍ୟାପ ଜାରି ହୋଇଛି। ମୀର ୟାର ବଲୁଚ କହିଛନ୍ତି ଆମକୁ ଆଉ କେହି ଅଟକାଇ ପାରିବେ ନାହିଁ।




ଏବେ ବିଶ୍ୱ ଚୁପ ନ ରହୁ। ବେଲୁଚିସ୍ତାନ ନାଗରିକଙ୍କୁ ପାକିସ୍ତାନୀ ନାଗରିକ କହିବା ବନ୍ଦ କରାଯାଉ। ବେଲୁଚିସ୍ତାନକୁ ଶାନ୍ତି ସେନା ପଠାଇବା ଲାଗି ଜାତିସଂଘ ପାଖରେ ଦାବି ରଖିଛନ୍ତି ବେଲୁଚିବାସୀ। ଏହା ସହ ପାକିସ୍ତାନୀ ସେନା ବେଲୁଚିସ୍ତାନ ଛାଡିବାକୁ ବିଏଲ୍‌ଏ ଚରମବାଣୀ ଶୁଣାଇଛି।

ବିଏଲ୍‌ଏ ବେଲୁଚିସ୍ତାନର ୬ଟି ଅଞ୍ଚଳକୁ ନିଜ ଦଖଲକୁ ନେଇଥିବା ଦାବି କରିଛି। ଏହା ସହ ବେଲୁଚିସ୍ତାନ ଛାଡ଼ି ଚାଲିଯାଅ ବୋଲି ଚାଇନାର ଯନ୍ତ୍ରୀ ଓ ପାକିସ୍ତାନ ସେନାକୁ ଚେତାବନୀ ଦେଇଛି । କିଛିଦିନ ପୂର୍ବେ ବିଏଲ୍‌ଏ ପାକିସ୍ତାନରେ ଟ୍ରେନ୍ ଅପହରଣଠାରୁ ଆରମ୍ଭ କରି ପାକିସ୍ତାନ ସେନା ଉପରେ ଆକ୍ରମଣ ଜାରିରଖିଛି। ପାକିସ୍ତାନର ୫୧ଟି ସ୍ଥାନରେ ୭୧ରୁ ଅଧିକ ଆକ୍ରମଣ କରିଥିଲା ବିଏଲ୍‌ଏ। ପାକିସ୍ତାନ ଅର୍ଦ୍ଧ ସାମରିକ ବାହିନୀ କେନ୍ଦ୍ର, ପୋଲିସ ଷ୍ଟେଶନ, ଖଣିଜ ପରିବହନ ମାର୍ଗ, ଜାତୀୟ ରାଜପଥକୁ ବିଏଲ୍‌ଏ ଟାର୍ଗେଟ୍ କରୁଛି। ଜାଣିଶୁଣି ପାକିସ୍ତାନ ଏହି ଅଞ୍ଚଳକୁ ଅଣବିକଶିତ କରି ରଖିଛି। ବେଲୁଚିବାସୀ ମଧ୍ୟ ପାକିସ୍ତାନ ସହ କୌଣସି ଦ୍ୱିପାକ୍ଷିକ ଆଲୋଚନା ଚାହୁଁନାହାନ୍ତି। ସେମାନଙ୍କର ଗୋଟିଏ ଉଦ୍ଦେଶ୍ୟ ରହିଛି ସ୍ୱତନ୍ତ୍ର ବେଲୁଚିସ୍ତାନ ଦେଶ। ଏହା ସହ ବେଲୁଚିସ୍ତାନର ସ୍ୱତନ୍ତ୍ର ମୁଦ୍ରା, ସରକାରୀ ପ୍ରତିଷ୍ଠାନ ପାଇଁ ସେମାନେ ଜାତିସଂଘକୁ ସହାୟତା ମାଗିଛନ୍ତି।

ବେଲୁଚିସ୍ତାନରେ ପାକିସ୍ତାନ ସେନା ଓ ପୋଲିସର ବର୍ବରତା ବିରୋଧରେ ଅନ୍ତର୍ଜାତୀୟ ହସ୍ତକ୍ଷେପ ଦାବି କରିଆସୁଛି ବିଏଲ୍‌ଏ। ପାକିସ୍ତାନ ବିରୋଧରେ ସେମାନଙ୍କ ଆକ୍ରମଣ ଓ ମିଶନକୁ ବିଏଲ୍‌ଏ ଅପରେଶନ ହେରୋଫର ନାଁ ଦେଇଛି। କେବଳ ସେତିକି ନୁହେଁ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର, ୱାନ ବେଲ୍ଟ ୱାନ ରୋଡ ପରିଯୋଜନାରେ ଚାଇନାର ଜନ୍ତାରେ ଫସିଥିବା ପାକିସ୍ତାନ ଓ ଏହି ଅଞ୍ଚଳରେ ବିକାଶ ନାଁରେ ଦମନଲୀଳାରେ ସାମିଲ ଥିବା ଚାଇନା ସେନା ମଧ୍ୟ ବିଏଲ୍‌ଏ ଟାର୍ଗେଟ୍‌ରେ ରହିଛି। ବେଲୁଚିସ୍ତାନର ଚାଇନା ନିୟୋଜିତ କରିଥିବା ଯନ୍ତ୍ରୀମାନଙ୍କୁ ବେଲୁଚି ଲିବରେଶନ ଆର୍ମି ଖୋଜିଖୋଜି ହତ୍ୟା କରୁଛି। କାରଣ ଭିତ୍ତିଭୂମି ବିକାଶ ନାଁରେ ପାକିସ୍ତାନ ଚାଇନାକୁ ବେଲୁଚିସ୍ତାନ ଭିତରେ ପୂରାଇ ବେଲୁଚିମାନଙ୍କ ଦୀର୍ଘଦିନର ଦାବିକୁ ପାଣିଚିଆ କରିବାକୁ ଚେଷ୍ଟା କରୁଛି। କିନ୍ତୁ ଏସବୁକୁ ଖାତିର ନ କରି ବେଲୁଚିବାସୀ ଉଭୟ ପାକିସ୍ତାନ ଓ ଚାଇନାକୁ କଡ଼ା ଜବାବ ଦେଉଛନ୍ତି। ତେବେ ବିଶ୍ୱ ଦରବାରରେ ପାକିସ୍ତାନ ନିଜର ବଦନାମ୍‌କୁ ଲୁଚାଇବାକୁ ବେଲୁଚି ଆନ୍ଦୋଳନକୁ ଭାରତ ଦ୍ୱାରା ପ୍ରାୟୋଜିତ ବୋଲି କହିଆସୁଛି। କିନ୍ତୁ ପ୍ରକୃତ ପକ୍ଷେ ଆତଙ୍କବାଦୀଙ୍କୁ ପାଳିପୋଷି ଭାରତକୁ ପ୍ରରଣ କରୁଥିବା ପାକିସ୍ତାନ ପାଇଁ ବେଲୁଚିସ୍ତାନ ଏବେ ଗୃହଶତ୍ରୁ ପାଲଟିଛି ।

**ବାଲିପନ୍ତାଳ,ନଗର, ଅସ୍ତରଙ୍ଗ, ପୁରୀ**
**ମୋ:୯୭୭୮୬୯୭୦୩୬**

## ଏଇ ଭାରତରେ

ପ୍ରଥମେ ୧୦ଟି ଗାଈ ରଖି ତାଙ୍କ ଡାଏରି ବ୍ୟବସାୟରେ ସଫଳ ହୋଇପାରିଛନ୍ତି ଗୋଆ ଇବ୍ରାହମପୁରର ଅମିତା ନାୟକ। ଏ କ୍ଷେତ୍ରରେ ଅମିତାଙ୍କ ସ୍ୱାମୀ ତାଙ୍କୁ ସହଯୋଗ କରୁଛନ୍ତି। ଅମିତା ପ୍ରଥମେ ଫୁଲ ଚାଷ କରିଥିଲେ। କିନ୍ତୁ ସେଥିରେ ବିଫଳ ହେବାରୁ ୨୦୧୭ରେ ଗୋପାଳନ ଆରମ୍ଭ କରିଥିଲେ ଏବଂ ସ୍ଥାନୀୟ ଅଞ୍ଚଳରେ କ୍ଷୀର ବିକ୍ରି କରିବା ସହ ବଳକା କ୍ଷୀରକୁ ଗୋଆ ଡାଏରିକୁ ଦେଉଥିଲେ। ପରେ ଅମିତା ଲୁପିନ୍ ଫାଉଣ୍ଡେଶନରୁ ପ୍ରଶିକ୍ଷଣ ନେଇ ପନିର, ଘିଅ, ଲସି ପ୍ରସ୍ତୁତ କଲେ ଏବଂ ତାହାକୁ ପ୍ୟାକେଜିଂ କରି ବଜାରରେ ବିକ୍ରି କରିବା ପାଇଁ ବିଭିନ୍ନ ବିଭାଗ ସହ ପଞ୍ଚାୟତ ଓ ଫୁଡ୍ ଆଣ୍ଡ୍ ଡ୍ରଗ ଆଡ୍‌ମିନିଷ୍ଟ୍ରେଶନ (ଏଫ୍‌ଡିଏ)ର ଅନୁମତି ହାସଲ କରିବା ପରେ ୨୦୨୩ରେ ବିଜ୍‌ନେସ୍ ବଢ଼ାଇଥିଲେ। ଏବେ ଗାଈ ସଂଖ୍ୟା ୨୦ରେ ପହଞ୍ଚିଛି। ଦିନକୁ ୧୫୦ ଲିଟର କ୍ଷୀର ଉତ୍ପାଦନ ହେଉଛି। ଏହା ସହ ସେଥିରୁ ଲସି ଓ ଦହି ତିଆରି କରି ଦୈନିକ ଏହି ଉତ୍ପାଦରୁ ୧୦୦୦ ଲିଟର ବିକ୍ରି କରୁଛନ୍ତି। କେବଳ ଏତିକି ନୁହେଁ, ଅମିତା ଜିଆଖତ ପ୍ରସ୍ତୁତ କରି ମାସକୁ ୧୫,୦୦୦ ଆୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଜୁନ୍ ୧୯୭୬

- ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ପୁରୀଠାରେ ଜଗନ୍ନାଥ ଏକ୍ସପ୍ରେସ୍ ନାମକ ନୂତନ ରେଳଗାଡ଼ି ଚଳାଚଳ ଉଦ୍‌ଘାଟନ କରିଛନ୍ତି।
- ବିହାରରେ ପ୍ରବାହିତ ହେଉଥିବା ପ୍ରଚଣ୍ଡ ତାପ ପ୍ରବାହ ଫଳରେ ୩୧ ଜଣଙ୍କ ମୃତ୍ୟୁ।
- ଭାରତ ଓ ଆଲ୍‌ଜେରିଆ ମଧ୍ୟରେ ଅଧିକ ଘନିଷ୍ଠ ସହଯୋଗ ପାଇଁ ଏକ ସାଂସ୍କୃତିକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ବିରାଟ ଯେ ଆତ୍ମା ଏହି
ପାଷାଣେ ନିହିତ
ଉଦ୍ଦେଶ୍ୟେ ତାହାର ଆଜି
ନମ୍ର ମୋର ଚିତ୍ତ।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁ ଉଦ୍ୟାନ ଅବହେଳିତ

ମହାଶୟ,

ଓଡ଼ିଶା ରାଜ୍ୟର ଏକାଧିକ ସହରାଞ୍ଚଳ ମଧ୍ୟସ୍ଥଳରେ ଥିବା ନୂତନ ଓ ପୁରାତନ ଶିଶୁ ଉଦ୍ୟାନ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ସହିତ ଅବହେଳିତ ଓ ପ୍ରହେଳିକାରେ କ୍ଷତବିକ୍ଷତରେ ଦଣ୍ଡାୟମାନ। ସତେ ଯେମିତି ଦାୟିତ୍ୱହୀନତାର ଗତିଶୀଳ। ସୁତରାଂ ଜନସାଧାରଣଙ୍କ ମୁଖ୍ୟ ଆଲୋଚ୍ୟ ଓ ସମାଲୋଚନା ଉପରୋକ୍ତ ଶିଶୁ ଉଦ୍ୟାନ କାହା ପାଇଁ ? କେଉଁଥି ପାଇଁ ? ଶିଶୁ ଓ ବାଲ୍ୟଶିଶୁଙ୍କ ଉଦ୍ୟାନ ଏବଂ ଏକାଧିକ ପରିଦର୍ଶନ, ପର୍ଯ୍ୟଟକ ପାର୍କଗୁଡିକର ସୌନ୍ଦର୍ଯ୍ୟ ହାନି ସହିତ ନିମ୍ନତା ଦେଖିବାକୁ ମିଳିଲାଣି। ଛୁଟି ସମୟକୁ ଉପଭୋଗ ଓ ପାର୍କ ପରିଦର୍ଶନ ସହିତ ଚିତ୍ତବିନୋଦନ ଗୌରବମୟ ସ୍ଥଳ କେବଳ ମୂକସାକ୍ଷୀ ସଦୃଶ ସମାନ। ବିଭିନ୍ନ ଶିଶୁ ଉଦ୍ୟାନ ଏବଂ ମନୋରଞ୍ଜନର ଗୌରବ ଗରିମାଲୁପ୍ତ। ଏଣୁ ରାଜ୍ୟ ସରକାର ଓ ପ୍ରଶାସନିକ ସ୍ତରରେ ରାଜ୍ୟର ସମସ୍ତ ଶିଶୁ ଉଦ୍ୟାନ ଓ ପାର୍କଗୁଡିକର ନବୀକରଣ ସହିତ ଉପଯୁକ୍ତ ପଦକ୍ଷେପ ନିଆଗଲେ ଜନତାଙ୍କ ଆଲୋଚନା ସମାଲୋଚନା ଫିକା ପଡିଯିବ। ରାଜ୍ୟ ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଶେଷ ଅନୁରୋଧ।

**-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ପ୍ରସୂତିଙ୍କ ମୃତ୍ୟୁ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅର୍ଥ ଆତ୍ମସାତ୍ ଘଟଣା

# ନ୍ୟାୟ ନ ମିଳିଲେ ଆନ୍ଦୋଳନ

### ଚେତାବନୀ ଦେଲା ଜେଏମ୍ଏମ୍

ବାରିପଦା,୨।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ପ୍ରସୂତି ମହିଳାଙ୍କ ମୃତ୍ୟୁ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅର୍ଥ ଆତ୍ମସାତ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍ଏମ୍) ପକ୍ଷରୁ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ସହିତ ଅର୍ଥ ଆତ୍ମସାତରେ ଜଡ଼ିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉପରୋକ୍ତ ଦୁଇ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।



ଜେଏମ୍ଏମ୍ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୂଚନାଯୋଗ୍ୟ, ଜିଲାର ବଜାତଳା ବ୍ଲକ୍ ଅଧୀନ ମଦନଶୀଳା ଗ୍ରାମର ନନ୍ଦିନୀ ନାୟକ(୨୫)ଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ସ୍ୱାମୀ ଶଙ୍କର ନାୟକ ଗତ ୨୦ ତାରିଖରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଏକ ଶିଶୁ କନ୍ୟା ଜନ୍ମଦେବା ପରେ ପ୍ରଚୁର ରକ୍ତସ୍ରାବ ହେବାରୁ ନନ୍ଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା । ଏନେଇ ସ୍ୱାମୀ ଶଙ୍କର ବାରମ୍ବାର ନର୍ସିଂ ଅଫିସର ଓ ଡାକ୍ତରଙ୍କୁ ଅବଗତ କରିଥିଲେ ମଧ୍ୟ ଚିକିତ୍ସାରେ ଅବହେଳା ପ୍ରଦର୍ଶନ କରିଥିଲେ। ଫଳରେ ୨୧ତାରିଖ ଅପରାହ୍ନରେ ନନ୍ଦିନୀଙ୍କ ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ପରିବାର ଲୋକେ ଚିକିତ୍ସା ଅବହେଳାରୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ କରିଥିଲେ। ନନ୍ଦିନୀଙ୍କ ଅବସ୍ଥା ଗୁରୁତର ହେବା ପରେ ମଧ୍ୟ ଜିଲା ମୁଖ୍ୟାଳୟକୁ ସ୍ଥାନାନ୍ତର ନ କରି ଏପରି ରକ୍ତସ୍ରାବ ହୁଏ ବୋଲି କହି ସ୍ୱାସ୍ଥ୍ୟକର୍ମୀମାନେ ଘଟଣାକୁ ଏଡ଼ାଇଯାଇଥିଲେ। ଫଳରେ ଦାୟିତ୍ୱହୀନତା ପାଇଁ ଜଣେ ପ୍ରସୂତିଙ୍କ ଜୀବନ ଚାଲିଗଲା ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗରେ ପ୍ରକଳ୍ପ କାର୍ଯ୍ୟ କରା ନ ଯାଇ ଅର୍ଥ ଆତ୍ମସାତ ଘଟଣାରେ ତଦନ୍ତ କରାଯାଇ ନାହିଁ । ଅଧିକାରୀମାନେ ନିର୍ବାଚିତ ପ୍ରତିନିଧିଙ୍କ ଛତ୍ରଛାୟା ତଳେ ରହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି। ଦଳର ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ଶ୍ରୀଧର ଚନ୍ଦ୍ର ନାୟକଙ୍କୁ ଭେଟି ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଜିଲା ଉପସଭାପତି ରାଜା ହେମ୍ବ୍ରମ, ରାଜ୍ୟ ପରିଷଦ ସଦସ୍ୟ ସନ୍ତୋଷ ମୁର୍ମୁ, ପୂଜିତ ବେହେରା, ହେମନ୍ତ ମହାନ୍ତ, ପାରାନ ସୋରେନ, ସଉନା ହେମ୍ବ୍ରମ, ସରୋଜ ଦାସ, ଲକ୍ଷଣ ଚପିଆର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବାଳକ ମୃତ

ଉଦଳା,୨।୬(ସନ୍ତୋଷ କୁମାର ବାଞ୍ଛିନୀ) – ଶରତ ଥାନା ଧପଡ଼ା ଗ୍ରାମସ୍ଥିତ ଏକ ପୋଖରୀରେ ବୁଡ଼ି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଳକ ଜଣକ ହେଲେ ଗ୍ରାମର ବିଭୀଷଣ ସେନାପତିଙ୍କ ପୁଅ କାର୍ତ୍ତିକ(୭)। ସୋମବାର ପୂର୍ବାହ୍ନ ୧୧ଟା ସମୟରେ ସାଙ୍ଗମାନଙ୍କ ସହିତ ଖେଳୁଥିଲା ବେଳେ ସେ ପାଣିରେ ପଡ଼ି ଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଉଦଳା ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଶରତ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।


भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान

**I.C.A.R-Central Institute of Freshwater Aquaculture**

कौशल्यागंग, भुवनेश्वर-751002, ओड़ीशा

Kausalyaganga, Bhubaneswar-751002, Odisha

Advertisement No. 10/2025-26 Date of Insertion : 02.06.2025

**वॉक-इंन-इंटरव्यू**

भा.कृ.अनु.प-केंद्रीय मीठाजल जीवपालन अनुसंधान संस्थान सीफ, कौशल्यागंग, भुवनेश्वर, ओडिशा में **01((एक)) यंग प्रोफेशनल-I** पद भर्ती के लिए दिनांक **18.06.2025 को पू.10.00 बजे** चल-साक्षात्कार आयोजित किया जायेगा। अधिक जानकारी हेतु कृपया भा.कृ.अनु.प-सीफा वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **18.06.2025 at ICAR-CIFA, Bhubaneswar** at 10.00 A.M for **01 (One) no. of Young Professional -I (YP-I),** (purely on contractual basis) to work under the TSP project at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: **http://www.cifa.nic.in**

**Coordinator**


## ଯୁବକଙ୍କୁ ଅପହରଣ ଉଦ୍ୟମ

### ୩ ଅଭିଯୁକ୍ତଙ୍କୁ ମାଡ଼ିବସିଲେ ଗ୍ରାମବାସୀ

ବୈଶିଙ୍ଗା,୨।୬(ରତନ ଦାଶ)– ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଶିଖରଖୁଣ୍ଟା ଗ୍ରାମରେ ରବିବାର ରାତି ୯ଟା ସମୟରେ ଏକ ଅପହରଣ ଉଦ୍ୟମ ପଣ୍ଡ କରିଦେଇଛନ୍ତି ଗ୍ରାମବାସୀ।

ସୂଚନା ଅନୁଯାୟୀ, ନିକଟସ୍ଥ ମା' ଲକ୍ଷ୍ମୀ ରାଇସ ମିଲ୍‌ରେ ଯଶିପୁର ଅଞ୍ଚଳର ରାଜୁ ମହାରଣା ଚାକିରି କରୁଥିବା ବେଳେ ଶିଖରଖୁଣ୍ଟା ଗ୍ରାମରେ ନୀଳାମ୍ବର ମହାନ୍ତଙ୍କ ଘରେ ଭଡ଼ାରେ ରୁହନ୍ତି। ତେବେ ରବିବାର ରାତିରେ ୭ ଜଣ ଯୁବକ ଆସି ତାଙ୍କଠାରୁ ବଟି ଆଦାୟ ପାଇଁ ଧମକ ଚମକ ଦେଇଥିଲେ। ତେବେ ବଟି ଦେବାକୁ ସେ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ସେମାନେ ଜୋରଜବରଦସ୍ତ ଅପହରଣ କରିନେଉଥିବା ବେଳେ ଗୃହମାଲିକ ନୀଳାମ୍ବର ଡାକ ପକାଇଥିଲେ। ସଙ୍ଗେସଙ୍ଗେ ଗ୍ରାମବାସୀ ଠୁଳହୋଇ ଦୁର୍ବୃତ୍ତମାନଙ୍କୁ ମାଡ଼ି ବସିଥିଲେ। ସେମାନଙ୍କ ମଧ୍ୟରୁ ସୌମ୍ୟ ରଞ୍ଜନ ସେଠୀ, ଧନଞ୍ଜୟ ସିଂ ଓ ଅର୍ଜୁନ ପଣ୍ଡିତଙ୍କୁ ଧରିଥିବା ବେଳେ ଅନ୍ୟ ଚାରିଜଣ ବାଇକ ଯୋଗେ ଫେରାର ହୋଇଯାଇଥିଲେ।

ଖବରପାଇ ବୈଶିଙ୍ଗା ଥାନା ଏସ୍‌ଆଇ ଅଶୋକ କୁମାର ପାତ୍ର ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ୩ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ଦୁଇଟି ବାଇକ୍ ଜବତ କରି ଥାନାକୁ ନେଇ ଆସିଥିଲେ। ସୋମବାର ଅପରାହ୍ନରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଖୁବଶୀଘ୍ର ଫେରାର ହୋଇଯାଇଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ବାରିଣୀ ଦାସ କହିଛନ୍ତି।

## ଅଶୋକ ପାଣି ନୂଆ ଡିଆର୍‌ସିଏସ୍

ବାରିପଦା,୨।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଖଣ୍ଡ ସମବାୟ ସମିତି ସମୂହ ଯୁଗ୍ମ ନିବନ୍ଧକ(ଡିଆରସିଏସ) ଭାବେ ଅଶୋକ କୁମାର ପାଣି ସୋମବାର ସକାଳ ୯ଟାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବ ଡିଆରସିଏସ କୃଷ୍ଣଚନ୍ଦ୍ର ଦାସ ପଦୋନ୍ନତି ପରେ ଯୁଗ୍ମ ସଚିବ ଭାବେ ଭୁବନେଶ୍ୱର ଯୁଗ୍ମ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଯୋଗ ଦେବା ପରେ ପାଣି ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ବାରିପଦା ମଣ୍ଡଳ ବରିଷ୍ଠ ସହକାରୀ ନିବନ୍ଧକ ଭାବେ କାର୍ଯ୍ୟ ତୁଲାଉଥିଲେ। କାର୍ଯ୍ୟରେ ଯୋଗଦେବା ପରେ ପାଣିଙ୍କୁ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି । ପାଣି ନୂତନ ଦାୟିତ୍ୱ ନେବା ପରେ ଜିଲାର ସମବାୟ ସମିତି ସମୂହର ଉନ୍ନତି ସହିତ କୃଷି ଓ କୃଷକମାନଙ୍କ ବିକାଶକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତିସେହିପରି ତୁଷାରକାନ୍ତି ମହାନ୍ତି ପାଣିଙ୍କ ପୂର୍ବ ପଦବୀ ଅର୍ଥାତ ବାରିପଦା ମଣ୍ଡଳ ବରିଷ୍ଠ ସହକାରୀ ନିବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ଥାନା ଆଗରେ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ

### ଗାଡ଼ି ଭଙ୍ଗାରୁଜା କଲେ ବାଲି ଚାଲାଣକାରୀ

ଉଦଳା,୨।୬(ସନ୍ତୋଷ କୁମାର ବାଞ୍ଛିନୀ)

ବେଆଇନ ବାଲି ଚାଲାଣ ରୋକିବାକୁ ଚଢ଼ାଉ କରିବା ବେଳେ ମୟୂରଭଞ୍ଜ ଜିଲା କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀ ଚୋରାଚାଲାଣକାରୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଥାନା ସମ୍ମୁଖରେ ମାରପିଟ କରାଯିବା ସହ ତାଙ୍କ ଗାଡ଼ି ଭଙ୍ଗାରୁଜା କରାଯାଇଥିବା ଅଭିଯୋଗ ହୋଇଛି। ଉପଖଣ୍ଡ ପୋଲିସ ଅଧିକାରୀ ଓ କପ୍ତିପଦା ଥାନା ଅଧିକାରିଣୀ ବବିତା ପୁହାଣ ତଦନ୍ତ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ସକାଳ ୫ଟା ସମୟରେ ନଦୀଘାଟରୁ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ଅତିରିକ୍ତ ତହସିଲଦାର ମାଝୀ ଚଢ଼ାଉ କରିବାକୁ ବାହାରିଥିଲେ। ତହସିଲ ଗାଡ଼ିର ଡ୍ରାଇଭର ନ ଥିବାରୁ ନିଜ କାର୍‌ରେ ବାଲିଘାଟରେ ପହଞ୍ଚିଥିଲେ। ଏହି ସମୟରେ ଚୋରାନ୍‌ଚାଲାଣକାରୀମାନେ ତାଙ୍କୁ ଅଟକାଇବା ସହିତ ଗାଳିଗୁଲଜ କରିଥିଲେ। ସେଠାରୁ ଅତିରିକ୍ତ ତହସିଲଦାର ସିଧା କପ୍ତିପଦା ଥାନାକୁ ଅଭିଯୋଗ କରିବା ନିମନ୍ତେ ଯାଇଥିଲେ। ହେଲେ ଥାନା ଗେଟରେ ତାଲା ପଡ଼ିଥିବା କାରଣରୁ ସେ ଭିତରକୁ ଯାଇ ନ ପାରି ବାହାରେ ଅପେକ୍ଷା କରିଥିଲେ। ଏହି ସମୟରେ ୧୫ରୁ ୨୦ଜଣ ବାଲି ଚାଲାଣକାରୀ ଥାନା ସମ୍ମୁଖରେ ପହଞ୍ଚି ତାଙ୍କ କାର୍‌କୁ ଭଙ୍ଗାରୁଜା କରିବା ସହିତ ମାରପିଟ କରିଥିଲେ। ଇଟା, ପଥର ମାଡ଼ କରି କାର୍ କାଚ ଭାଙ୍ଗିଦେଇ ସେଠାରୁ ପଳାଇ ଯାଇଥିଲେ। ପରେ ଅତିରିକ୍ତ ତହସିଲଦାର ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ଅତିରିକ୍ତ ତହସିଲଦାରଙ୍କ କାର୍ କାଚ ଭାଙ୍ଗିଯାଇଛି।


No.C-420

**WATCO**

**OFFICE OF THE GENERAL MANAGER, WATCO DIVISION-II, BHUBANESWAR**

Near Rajiv Bhawan, Unit-V, Bhubaneswar-751001, Odisha, India

Telefax : +91-674-2390322, E-mail - gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

**Invitation for Bids (IFB)**

**Dtd.28.05.2025**

| | | |
|---|---|---|
| 01 | Name of the Work | : **11 Nos. (Eleven nos. works)** |
| 02 | Estimate cost | : Rs.19.80 Lakhs to 79.66 Lakhs |
| 03 | Period of completion | : 12 (Twelve Months) |
| 04 | Class of contractor | : C & B Class |
| 05 | Date & Time of availability of bid document In the portal | : From 11.00 A.M. of Dt. 02.06.2025 to 5.00 P.M. of 17.06.2025 |
| 06 | Last date / time of receipt of bids in the portal | : 5.00 P.M. of 17.06.2025 |
| 07 | Last date & time of seeking clarification | : 5.00 P.M. of 06.06.2025 |
| 08 | Date & Time of opening of bids | : At 12.30 P.M. of 18.06.2025 |
| 09 | Name and Address of the Officer Inviting Bid | : General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in".

Sd./- GENERAL MANAGER (SEPH)
WATCO DIVISION-II, BHUBANESWAR

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ସିଗ୍‌ନାଲ ଓ ଟେଲିକମ୍ ଯନ୍ତ୍ରୀ/ସିଓଏନ୍/ଏଚ୍‌କ୍ୟୁ/ଗାର୍ଡେନ ରିଚ୍ – ୭୦୦୦୪୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ଏନ୍‌ଆଇଟି ନଂ.: ଏସ୍‌ଟି-ସିଓଏନ୍-ଆରଓୟୁ-ଟିଏଟିଆଇ-କେଏନ୍‌ଆର୍‌ଏନ୍-ଏଏଲ୍‌ଟି ସମାପ୍ତି ତାରିଖ/ସମୟ: ୨୫।୦୬।୨୦୨୫, ୧୫.୦୦; କାର୍ଯ୍ୟର ନାମ: ଦକ୍ଷିଣ ପୂର୍ବ ରେଳପଥର ରାଞ୍ଚି ଡିଭିଜନରେ ହାଟିଆ (ଏଚ୍‌ଟିଇ) – ଓର୍ଗା (ଓଆରକିଏ) ସେକ୍ସନରେ କେଏନ୍‌ଆର୍‌ଏନ୍-ଟିଏଟିଆଇ-ପିବିବି ମଧ୍ୟରେ ଦୋହରୀକରଣ ସଂକ୍ରାନ୍ତରେ ୟାର୍ଡ ରିମଡେଲିଂ କାର୍ଯ୍ୟ ସମେତ କନରୋଆଁ (କେଏନ୍‌ଆର୍‌ଏନ୍), ତାତି (ଟିଏଟିଆଇ) ଏବଂ ପରବାଟୋନିଆ (ପିବିବି) ଷ୍ଟେଶନଠାରେ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମରେ ଉଭୟ ଇନ୍‌ଡୋର୍ ଓ ଆଉଟ୍‌ଡୋର୍ ଏସ୍ ଆଣ୍ଡ ଟି କାର୍ଯ୍ୟର ଡିଜାଇନ, ଯୋଗାଣ, ସ୍ଥାପନ, ନିର୍ବାହ, ପରୀକ୍ଷଣ ଏବଂ କମିଶନିଂ । ଟେଣ୍ଡରର ବିଜ୍ଞାପିତ ମୂଲ୍ୟ: ₹୭,୨୪,୪୯,୦୬୦.୯୪; ଅମାନତ ରାଶି: ₹୫,୧୨,୩୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦.୦୦; ଟେଣ୍ଡର ପ୍ରକାର: ଖୋଲା; ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୫।୦୬।୨୦୨୫, ୧୫.୦୦ । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।(PR-224)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ; ଇଏମ୍‌ଡି ମୂଲ୍ୟ; [୧]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୩୬-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ ଏଲ୍‌ଏଡି ଅଧୀନରେ ଅନ୍ୟାନ୍ୟ ଭିତ୍ତିଭୂମିଗତ ସୁବିଧା ସହିତ ବିଭିନ୍ନ ୟାର୍ଡଗୁଡ଼ିକର ୟାର୍ଡ ଉନ୍ନତୀକରଣ/ଅପ୍‌ଗ୍ରେଡେଶନ୍ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ ସାଇଡିଂର ବିକାଶ; ₹୯,୦୦,୪୨,୬୫୬.୩୮; ₹୬,୦୦,୨୦୦.୦୦; ୨୩।୦୬।୨୦୨୫, ୧୫.୦୦ ଘଟିକାରେ । [୨]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୩୭-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ ଜିବିଏକ୍ସ ଅଧୀନରେ ଅନ୍ୟାନ୍ୟ ଭିତ୍ତିଭୂମିଗତ ସୁବିଧା ସହିତ ବିଭିନ୍ନ ୟାର୍ଡଗୁଡ଼ିକର ୟାର୍ଡ ଉନ୍ନତୀକରଣ/ଅପ୍‌ଗ୍ରେଡେଶନ୍ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ ସାଇଡିଂର ବିକାଶ; ₹୮,୯୬,୩୧,୩୨୬.୯୪; ₹୫,୯୮,୨୦୦.୦୦; ୨୩।୦୬।୨୦୨୫, ୧୫.୦୦ ଘଟିକାରେ । ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ।(PR-226)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.12-SBP-TRD-OT-2025-26 ତା.28.05.2025ରିଖ

କାର୍ଯ୍ୟର ନାମ : (1) ସମ୍ବଲପୁର ମଣ୍ଡଳର ସରଲା-ଦେଓଗାଁ ରୋଡ୍ ସେକ୍ସନରେ PSC ସ୍ଲାବ୍ ଦ୍ୱାରା 12.20 ମିଟର ସ୍ପାନ୍ ବିଶିଷ୍ଟ 13 ଗୋଟି ଷ୍ଟିଲ୍ ଗର୍ଡର ପୋଲଗୁଡ଼ିକର ସ୍ଥାନାନ୍ତରଣ। (2) ସମ୍ବଲପୁର ମଣ୍ଡଳରେ ଅତାବିରା-ଦେବାହାଲ ମଧ୍ୟରେ କି.ମି.587/37-39 ଠାରେ JT-36, ଖଲିଆପାଲି-ଲୋଇସିଂହା ମଧ୍ୟରେ କି.ମି.658/13-14 ଠାରେ JT-80, ସରଲା-ସମ୍ବଲପୁର ମଧ୍ୟରେ କି.ମି.557/20-22 ଠାରେ JT-24, ଦେବାହାଲ-ବରଗଡ଼ ରୋଡ୍ ମଧ୍ୟରେ କି.ମି.619/32-34 ଠାରେ JT-56, ଅତାବିରା-ଦେବାହାଲ ମଧ୍ୟରେ କି.ମି.592/3-5 ଠାରେ JT-39, ଅତାବିରା-ଦେବାହାଲ ମଧ୍ୟରେ କି.ମି.588/28-30 ଠାରେ JT-37, ଦେବାହାଲ-ବରଗଡ଼ ରୋଡ୍ ମଧ୍ୟରେ କି.ମି. 595/05-07 ଠାରେ JT-41, ହୀରାକୁଦ-ଗୋଡ଼ଭଗା ମଧ୍ୟରେ କି.ମି.572/08-10 ଠାରେ JT-29, ବରପାଲି-ଡୁଙ୍ଗୁରିପାଲି ମଧ୍ୟରେ କି.ମି.637/10-11 ଠାରେ JT-69, ବରଗଡ଼ ରୋଡ୍-ବରପାଲି ମଧ୍ୟରେ କି.ମି.609/13-14 ଠାରେ JT-51 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 42,87,202.20, EMD (ଟଙ୍କାରେ) : 85,800/-, ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.06.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-189/Q/25-26

GOVT. OF ODISHA No.A-240

DEPARTMENT OF WATER RESOURCES

**OFFICE OF THE CHIEF ENGINEER, DRAINAGE CUTTACK, GANDARPUR-753003**

E-PROCUREMENT NOTICE NO.CE-DR-CTC-02/2025-26

email Id : cedrainage@gmail.com

| | | |
|---|---|---|
| 1. | Name of Works | : **Clearing of water way and Construction of river training wall with associated structure in Bahadanalla near Haripur** |
| 2. | Total number of Packages | : 1No. individual package. |
| 3. | Estimated Cost | : **Rs.5955.91 Lakh** |
| 4. | Bid Identification No. | : CE-DR-CTC/DD-BAM-02/2025-26 |
| 5. | Period of completion | : 30(Thirty) Calendar months |
| 6. | Availability of Tender On-Line | : 05.06.2025, 16.30 hours to 04.07.2025, 17.00 hours. |
| 7. | Date of Opening of Technical Bid | : 05.07.2025 at 11.30 hours in the O/o the Chief Engineer, Drainage, Cuttack |
| 8. | Class of Contractor | : Super Class |
| 9. | Bid Security/EMD | : **Rs.59,56,000/- (To be remitted online)** |
| 10. | Cost of Tender paper | : Rs.10,000/- |
| 11. | Procurement Officer | : Chief Engineer, Drainage, Cuttack, Gandarpur-753003 |

Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in

Sd./- Chief Engineer, Drainage Cuttack

OIPR-32174/11/0027/2526

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**

ସୁନା ନିଲାମ ବିକ୍ରୟ ବିଜ୍ଞପ୍ତି

କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨/(ପଶ୍ଚିମ) ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍-୦୬୭୪-୨୫୪୧୪୦୬/୨୫୪୦୦୩୨/୨୫୪୬୧୬୮

ନିମ୍ନଲିଖିତ ଋଣଗ୍ରହୀତା, ସେମାନଙ୍କର ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ଋଣଗ୍ରହୀତାମାନେ ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି। ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ଋଣଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ସୁନା ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ଋଣ ସହିତ ତତ୍‌ପରବର୍ତ୍ତୀ ସୁଧ ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ସହିତ ପରିଶୋଧ ନ କରନ୍ତି ତେବେ ସେମାନେ ବନ୍ଧକ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ସ୍ଥିର କରାଯାଇଥିବା ନିମ୍ନ ଦର୍ଶିତ ତାରିଖରେ ସର୍ବସାଧାରଣରେ ନିଲାମ କରାଯିବ ଏବଂ ବ୍ୟାଙ୍କ ଏ ସମ୍ବନ୍ଧୀୟ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ଦାୟୀ ହେବନାହିଁ ଏବଂ ଯଦି କିଛି ବକେୟା ରହିଯାଏ ତାହା ଆଇନ ଅନୁସାରେ ଋଣଗ୍ରହୀତାଙ୍କ ଠାରୁ ଆଦାୟ କରାଯିବ।

| କ୍ର. ନଂ. | ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. | ଏନ୍‌ପିଏ ତାରିଖ | ଋଣଗ୍ରହୀତାମାନଙ୍କ ନାମ | ବର୍ତ୍ତମାନ ବକେୟା ରାଶି | ସୁନା ମୋଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|---|
| **୧. ସତ୍ୟ ନଗର ଶାଖା, ଫୋନ: ୮୯୨୫୯୫୧୦୬୦** | | | | | |
| ୧ | ୧୦୬୦୦୩୪୬୨୦୦୦୫୭୩ | ୧୪.୦୩.୨୦୨୫ | ମୀରା ଦାଶ | ଟ.୨,୮୧,୩୯୭.୪୨ | ୭୩.୮୦୦ |
| ୨ | ୧୦୬୦୦୩୪୬୨୦୦୦୫୭୪ | ୧୫.୦୩.୨୦୨୫ | ମନୋଜ କୁମାର ସାହୁ | ଟ.୧୬,୮୯୯.୯୯ | ୫.୪୦୦ |
| **୨. କଣ୍ଟୋଲ ଶାଖା, ଫୋନ: ୮୯୨୫୯୫୧୦୯୫** | | | | | |
| ୧ | ୧୦୯୫୦୩୨୧୪୦୦୦୮୫୨ | ୧୩.୧୦.୨୦୨୪ | ପ୍ରଶାନ୍ତ ସାହୁ | ଟ.୬୨,୧୩୫/- | ୧୩.୧୦୦ |
| ୨ | ୧୦୯୫୦୩୨୧୪୦୦୧୨୨୦ | ୨୭.୦୭.୨୦୨୪ | ସୁଧୀର କୁମାର ସ୍ୱାଇଁ | ଟ.୫୫,୦୦୦/- | ୧୨.୪୦୦ |
| **୩. ମୂଳି ସିଂହ ଶାଖା, ଫୋନ: ୮୯୨୫୯୫୩୪୭୮** | | | | | |
| ୧ | ୩୪୭୮୦୩୨୧୪୦୦୨୦୬୮ | ୨୪.୦୬.୨୦୨୪ | ହରପ୍ରିୟା ମହାନ୍ତି | ଟ.୫୩,୧୬୧/- | ୧୨.୨୦୦ |
| **୪. ଯୋଡା ଶାଖା, ଫୋନ: ୮୯୨୫୯୫୨୬୨୧** | | | | | |
| ୧ | ୨୬୨୧୦୩୧୩୨୦୦୦୦୮୮ | ୦୨.୦୬.୨୦୨୩ | ଲିପୁ ଦାସ | ଟ.୧୦,୪୭୦/- | ୨.୮୫୦ |
| ୨ | ୨୬୨୧୦୩୧୩୨୦୦୦୧୯୦ | ୦୨.୦୯.୨୦୨୨ | ସୁନୀତା କରୁଆଁ | ଟ.୧୧,୧୨୯/- | ୪.୧୬୦ |
| ୩ | ୨୬୨୧୦୩୧୩୨୦୦୦୩୫୮ | ୦୬.୦୮.୨୦୨୪ | ଜୟ ବଦେଇ | ଟ.୧୬,୦୯୪/- | ୪.୮୧୦ |
| ୪ | ୨୬୨୧୦୩୪୬୨୦୦୦୭୨୨ | ୧୪.୦୨.୨୦୨୫ | ଅନୀକେତ ବରୁଆ | ଟ.୧୩,୮୦୯/- | ୫.୦୯୦ |
| ୫ | ୨୬୨୧୦୩୪୬୨୦୦୦୫୩୪ | ୧୧.୦୩.୨୦୨୪ | କୌଶଲ୍ୟା ପାତ୍ର | ଟ.୭,୭୫୬/- | ୨.୭୨୦ |
| **୫. ଯାଜପୁର ରୋଡ୍ ଶାଖା, ଫୋନ: ୮୯୨୫୯୫୧୨୮୬** | | | | | |
| ୧ | ୧୨୮୬୦୩୧୩୨୦୦୦୩୩୩ | ୧୮.୧୨.୨୦୨୨ | ସିଲୁ ରାଉତ | ଟ.୩୬,୧୨୨/- | ୮.୬୨୦ |
| **୬. ଧୁରୁକୁଡିଆ ଶାଖା, ଫୋନ: ୮୯୨୫୯୫୧୧୨୪** | | | | | |
| ୧ | ୧୧୨୪୦୩୨୧୪୦୦୦୫୫୮ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୨୪,୭୨୪/- | ୨୮.୪୦୦ |
| ୨ | ୧୧୨୪୦୩୨୧୪୦୦୦୮୩୭ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୮୨,୦୦୦/- | ୩୯.୧୦୦ |
| ୩ | ୧୧୨୪୦୩୨୧୪୦୦୦୮୩୯ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୨୭,୦୦୦/- | ୨୭.୪୦୦ |
| ୪ | ୧୧୨୪୦୩୨୧୪୦୦୦୮୪୧ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୬୪,୦୦୦/- | ୧୩.୬୦୦ |
| ୫ | ୧୧୨୪୦୩୨୧୪୦୦୦୮୪୪ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୩୮,୦୦୦/- | ୮.୨୦୦ |
| ୬ | ୧୧୨୪୦୩୨୧୪୦୦୦୯୭୯ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୫୪,୦୦୦/- | ୧୧.୪୦୦ |
| ୭ | ୧୧୨୪୦୩୨୧୪୦୦୦୯୮୦ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୬୭,୦୦୦/- | ୧୫.୬୦୦ |
| ୮ | ୧୧୨୪୦୩୨୫୭୦୦୧୦୮୧ | ୦୧.୦୫.୨୦୨୫ | ହରେକୃଷ୍ଣ ସାହୁ | ଟ.୧,୧୮,୦୦୦/- | ୨୪.୧୦୦ |
| **୭. ବାଲୁଗାଁ ଶାଖା, ଫୋନ: ୮୯୨୫୯୫୦୯୨୭** | | | | | |
| ୧ | ୦୯୨୭୦୩୧୩୨୦୦୦୫୪୧ | ୧୮.୦୨.୨୦୨୪ | ଶୁଭାଶିଷ ପ୍ରଧାନ | ଟ.୧୯,୩୩୧/- | ୫.୪୦୦ |
| **୮. କଣାସ ଶାଖା, ଫୋନ: ୮୯୨୫୯୫୧୧୯୪** | | | | | |
| ୧ | ୧୧୯୪୦୩୧୩୨୦୦୦୪୬୫ | ୨୧.୦୩.୨୦୨୫ | ରମେଶ ଚନ୍ଦ୍ର ମଣ୍ଡଳ | ଟ.୬୬,୫୨୭/- | ୧୯.୩୫୦ |
| ୨ | ୧୧୯୪୦୩୪୬୨୦୦୩୪୪୭ | ୨୧.୦୩.୨୦୨୫ | ରମେଶ ଚନ୍ଦ୍ର ମଣ୍ଡଳ | ଟ.୭୩,୬୮୮/- | ୧୯.୯୫୦ |
| **୯. ଖୋର୍ଦ୍ଧା ଶାଖା, ଫୋନ: ୮୯୨୫୯୫୨୨୯୧** | | | | | |
| ୧ | ୨୨୯୧୦୩୧୩୨୦୦୧୫୬୨ | ୦୯.୦୪.୨୦୨୫ | ମନୋଜ କୁମାର ସେଠୀ | ଟ.୫୦,୫୩୨/- | ୧୪.୩୦୦ |

**ନିଲାମ ତାରିଖ : ୨୦.୦୬.୨୦୨୫**

ନିଲାମ ସ୍ଥାନ: ସମ୍ପୃକ୍ତ ଶାଖା ପରିସରରେ | ସମୟ : ଅପରାହ୍ନ ୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା

**୧.** ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ନିଲାମ ତାରିଖ ଦିନ ଉପରୋକ୍ତ ଶାଖାରେ ସେମାନଙ୍କର ପାନ୍ କାର୍ଡ ଏବଂ ଆଧାର କାର୍ଡ ସହିତ ଫଟୋଗ୍ରାଫ, ବୈଧ ଫଟୋ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଉପସ୍ଥିତ ରହିବେ। **୨.** ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଅଳଙ୍କାର ଗୁଡ଼ିକର ଓଜନ ଏବଂ ବିଶୁଦ୍ଧତା ଇତ୍ୟାଦି ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ ଏବଂ ଏ ବିଷୟରେ କୌଣସି ଆପତ୍ତି/ଅଭିଯୋଗ/ଦାବି ନିଲାମ ପରେ ପ୍ରଶ୍ରୟ ଦିଆଯିବ ନାହିଁ। **୩.** ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅମାନତ ରାଶି **ଟ.୫,୦୦୦/- (ପାଞ୍ଚ ହଜାର ଟଙ୍କା)** କ୍ୟାସ/ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ଆକାରରେ ଶାଖା ପ୍ରବନ୍ଧକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। **୪.** ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଳଙ୍କାର ନିମନ୍ତେ ଏକରୁ ଅଧିକ ନିଲାମଧାରୀ ଅଂଶଗ୍ରହଣ କରନ୍ତି ତେବେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। **୫.** ସଫଳ ନିଲାମଧାରୀମାନେ ସେମାନଙ୍କ ସପକ୍ଷରେ ନିଲାମ ଚୂଡ଼ାନ୍ତ ହେବା ପରେ ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସ ଦିନ ସମସ୍ତ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ / କ୍ୟାସ୍ ଆକାରରେ ସମ୍ପୃକ୍ତ ଶାଖାରେ ଦାଖଲ କରିବେ। **୬.** ଯଦି ସଫଳ ନିଲାମଧାରୀ ଧାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ନିଲାମ ରାଶି ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କୁ କୌଣସି ସୂଚନା ନ ଦେଇ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତି କରାଯିବ। **୭.** ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ କରିବା ପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ **୭ ଦିନ** ମଧ୍ୟରେ ଅଳଙ୍କାର ହସ୍ତାନ୍ତରିତ କରାଯିବ। **୮.** ସଫଳ ନିଲାମଧାରୀଙ୍କୁ ଅଳଙ୍କାର ଥରେ ବିକ୍ରି ହୋଇଯିବା ପରେ କୌଣସି ପରିସ୍ଥିତିରେ ବ୍ୟାଙ୍କ ଦ୍ୱାରା ତାହା ଫେରସ୍ତ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବି/ ଅଭିଯୋଗ/ ବିବାଦକୁ ପ୍ରଶ୍ରୟ ଦିଆଯିବ ନାହିଁ। **୯.** ଅସଫଳ ନିଲାମଧାରୀଙ୍କୁ ନିଲାମ ପରେ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ। **୧୦.** ବିଳମ୍ବିତ ତାରିଖରେ ନିଲାମ ରାଶି ଗ୍ରହଣ କରିବା ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ଅଟେ।**୧୧.** ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। **୧୨.** ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି କିମ୍ବା ସମସ୍ତ ଅଳଙ୍କାରର ନିଲାମକୁ ଗ୍ରହଣ/ବାତିଲ/ସ୍ଥଗିତ/ରଦ୍ଦ/ବନ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛି ଏବଂ ବ୍ୟାଙ୍କ ଏ ବାବଦରେ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି ଏବଂ ଅମାନତ ରାଶି ନିଲାମଧାରୀଙ୍କୁ ଫେରସ୍ତ କରାଯିବ। **୧୩.** ଦ୍ରଷ୍ଟବ୍ୟ ଏହି କି ଯେ ଋଣଗ୍ରହୀତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନ ଦେଇ ନିଲାମ ହୋଇନଥିବା ଅଳଙ୍କାରଗୁଡ଼ିକ ଅନ୍ୟ କୌଣସି ତାରିଖରେ ନିଲାମ କରାଯିବ। **୧୪.** ବ୍ୟାଙ୍କ ଅଳଙ୍କାର / କଏନ୍‌ର ବିଶୁଦ୍ଧତା / ଓଜନର କୌଣସି ଗ୍ୟାରେଣ୍ଟି ଦିଏନାହିଁ। **୧୫.** ଆଗ୍ରହୀ ନିଲାମଧାରୀମାନେ ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖା କିମ୍ବା କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୨.୦୬.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

**झारखण्ड सरकार**
**पेयजल एवं स्वच्छता विभाग**

**अल्पकालीन ई–प्रोक्योरमेन्ट सूचना**

निविदा सूचना संख्या – DHN-1/12/2025-26 दिनांक – 02.06.2025

| Name of Work | प्राक्कलित राशि (लाख में) | अग्रधन की राशि (लाख में) | परिमाण विपत्र का मूल्य (रूपये में) | कार्य पूर्ण करने की अवधि |
|---|---|---|---|---|
| SUPPLYING AND LAYING OF DIFFERENT DIA D.I PIPE K-9 FROM WTP BHELATAND TO EXISTING SUMP AT IIT ISM DHANABD UNDER D.W. & S. DIVISION NO.1, DHANBAD | 496.19932 | 4.97 | 10000.00 | 6 माह |

| | | |
|---|---|---|
| 2 | वेबसाइट पर निविदा प्रकाशन की तिथि | 06.06.2025 समय 04.00 बजे अपराहन् तक |
| 3 | प्री बीड मीटिंग की तिथि एवं समय | 11.06.2025, 11.30 बजे पूर्वाह्न क्षेत्रीय मुख्य अभियन्ता का कार्यालय, पेयजल एवं स्वच्छता विभाग, दुमका प्रक्षेत्र, दुमका |
| 4 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 21.06.2025 समय 05.00 बजे अपराहन् तक |
| 5 | सरकार के सचिव, सूचना प्रौद्योगिकी एवं ई– गवर्नेस, झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 21.06.2025 समय 05.00 बजे अपराहन् तक |
| 6 | तकनीकी बिड खोलने की तिथि एवं समय | 23.06.2025 समय 05.00 बजे अपराहन् |
| 7 | तकनीकी बिड खोलने का स्थान | कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद |
| 8 | निविदा आमंत्रित करने वाले पदाधिकारी का नाम/पदनाम :- रणजीत कुमार ठाकुर, कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद | |
| 9 | निविदा आमंत्रित करने वाले कार्यालय का टेलिफोन नं0 : 0326-3148874 | |
| 10 | ई– प्रोक्यूरमेन्ट सेल का हेल्प लाईन सं0 : 0651-2480345 | |

नोट – (1) केवल ई निविदा ही स्वीकार किये जायेंगे।
(2) प्राक्कलित राशि घट–बढ़ सकती है तदनुसार अग्रधन की राशि एवं परिमाण विपत्र का मूल्य भुगतेय होगी।
अधिक जानकारी के लिए वेवसाईट http://jharkhandtenders.gov.in पर देखा जा सकता है।

कार्यपालक अभियन्ता
पेयजल एवं स्वच्छता प्रमंडल सं.1, धनबाद

PR 354103 (Drinking Water and Sanitation) 25-26 (D)

**भारतीय रिज़र्व बैंक**

पर्यवेक्षण विभाग
पं. जवाहरलाल नेहरु मार्ग, भुवनेश्वर – 751 001
www.rbi.org.in

**सार्वजनिक सूचना**

**अधिकार माइक्रोफाइनेंस प्राइवेट लिमिटेड को जारी पंजीकरण प्रमाणपत्र (सीओआर) रद्द किया जाना**

भारतीय रिज़र्व बैंक अधिनियम, 1934 (अधिनियम) की धारा 45-IA (6) के तहत प्रदत्त शक्तियों का प्रयोग करते हुए, भारतीय रिज़र्व बैंक ने 20 मई, 2025 के अपने आदेश द्वारा भारतीय रिज़र्व बैंक अधिनियम की धारा 45-I(a) के तहत परिभाषित गैर-बैंकिंग वित्तीय संस्थान के कारोबार को निष्पादित करने के लिए **'अधिकार माइक्रोफाइनेंस प्राइवेट लिमिटेड'** (CIN No: U65923OR1997PTC010452) जिसका पंजीकृत कार्यालय प्लॉट नंबर-77/180/970, सुबुद्धिपुर, टोमांडो, भुवनेश्वर, ओडिशा, भारत, 752054 में स्थित है, को जारी पंजीकरण प्रमाणपत्र (सीओआर) संख्या 04.00021 दिनांकित 22 अक्टूबर, 2013 को रद्द कर दिया है। इसके परिणामस्वरुप उक्त अधिनियम के तहत यह कंपनी गैर-बैंकिंग वित्तीय संस्थान का कारोबार नहीं कर सकती है।

यह सूचना जनहित में जारी की गई है।

**स्थान: भुवनेश्वर**
**दिनांक: 03 जून, 2025**

हस्ता/-
**(सीमा बेहेरा)**
**महाप्रबंधक**

See Career Appointment on every Wednesday & Saturday

# ଆଦିବାସୀ ନୃତ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ


ହେଲିପ୍ୟାଡ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ କରୁଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।


ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ପାଇଁ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

ଭଦ୍ରକ,୨।୬ (ସନାତନ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭଦ୍ରକ ଗସ୍ତ କରିଥିଲେ। ହେଲିପ୍ୟାଡ୍‌ରୁ ସଡ଼କ ପଥରେ କାର୍ ଯୋଗେ ମୁଖ୍ୟମନ୍ତ୍ରୀ ଭଦ୍ରକ ବ୍ଲକର ରମ୍ଭିଲା ପଞ୍ଚାୟତ ବଳିଆପଦା ପଡ଼ିଆରେ ଅନୁଷ୍ଠିତ ସଭାସ୍ଥଳକୁ ଯିବା ରାସ୍ତାରେ ଆଦିବାସୀ ନୃତ୍ୟରେ ସ୍ୱାଗତ କରାଯାଇଛି। ବିଭିନ୍ନ ସ୍ଥାନରେ ଆଦିବାସୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରି ସ୍ୱାଗତ ଜଣାଇଥିଲେ। ଜଣେ ଆଦିବାସୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିବାରୁ ଖୁସି ପ୍ରକାଶ କରିବା ସହ ପ୍ରଥମଥର ଭଦ୍ରକ ଆସିଥିବାରୁ ସ୍ୱାଗତ ପାଇଁ ନୃତ୍ୟ ପରିବେଷଣ କରୁଥିବା ସେମାନେ କହିଥିଲେ।

## ଭାଜପା ପକ୍ଷରୁ ଭଦ୍ରକାଳୀଙ୍କ ଫଟୋ ଉପହାର


ମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭଦ୍ରକାଳୀଙ୍କ ଫଟୋଚିତ୍ର ପ୍ରଦାନ କରାଯାଉଛି।

ଭଦ୍ରକ,୨।୬ (ସନାତନ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭଦ୍ରକ ଗସ୍ତରେ ଆସି ୨୭୪ କୋଟି ୪୭ ଲକ୍ଷ ମୂଲ୍ୟର ୧୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସଭା ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କୁ ଜିଲା ଭାଜପା ପକ୍ଷରୁ ଏକ ବଡ଼ ପୁଷ୍ପହାର ଦେଇ ସ୍ୱାଗତ କରାଯିବା ସହ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ଫଟୋଚିତ୍ର ଉପହାର ଦିଆଯାଇଛି। ଜିଲା ସଭାପତି ଭଗବାନ ପଣ୍ଡା, ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳ, ହେମନ୍ତ ପାଢ଼ୀ, ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ନେତା ଡ. ସୁଧାଂଶୁ ଶେଖର ନାୟକ, ମନୋଜ ମଲ୍ଲିକ, ନିରଞ୍ଜନ ବାରିକ୍‌ଙ୍କ ସମେତ କର୍ମକର୍ତ୍ତା ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଉପହାର ପ୍ରଦାନ କରିଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

## ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ନେଇ ବିବାଦ

ତିହିଡ଼ି,୨।୬ (ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତର କାଳିମେଘା ଗ୍ରାମରେ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ନେଇ ଉପୁଜିଥିବା ବିବାଦ ସୋମବାର ସକାଳେ ଉଗ୍ର ରୂପ ନେଇଛି। ଏହାକୁ କେନ୍ଦ୍ରକରି ସୌମିତ୍ରୀ ପ୍ରଧାନ ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ସୌମିତ୍ରୀଙ୍କ ସାନଭାଇ ସୁଜିତଙ୍କ ଅଭିଯୋଗକ୍ରମେ ତିହିଡ଼ି ଥାନା ପୋଲିସ ଉକ୍ତ ଗ୍ରାମର ଧନେଶ୍ୱର ସାହୁଙ୍କ ନାଁରେ ଏକ ମାମଲା (ନଂ.୨୦୦/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, କାଳିମେଘା ଗ୍ରାମରେ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଥିଲା। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ସୋମବାର ଶେଷ ହେବାର କାର୍ଯ୍ୟକ୍ରମ ଥିଲା। ଏହି ଉତ୍ସବକୁ ନେଇ ବିବାଦ ଉପୁଜିଥିଲା। ସକାଳ ୬ଟା ୩୦ ବେଳେ ଏହି ବିବାଦକୁ ନେଇ ଧନେଶ୍ୱର ଏକ ଧାରୁଆ ଅସ୍ତ୍ରରେ ସୌମିତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସୌମିତ୍ରୀ ଗୁରୁତର ହୋଇଥିଲେ। କେତେକ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଧନେଶ୍ୱର ସେଠାରୁ ଫେରାର ହୋଇଯାଇଥିଲେ। ପରେ ଗୁରୁତର ସୌମିତ୍ରୀଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ ପରଲୋକ

ଭଣ୍ଡାରିପୋଖରୀ,୨।୬(ରାଜେନ୍ଦ୍ର ଶତପଥୀ)


କାମପାଳ ଚନ୍ଦ।

ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଭଣ୍ଡାରିପୋଖରୀ ବ୍ଲକ ଚନ୍ଦ୍ରଭାନୁପୁର ଗ୍ରାମର କାମପାଳ ଚନ୍ଦ(୮୪)ଙ୍କ ରବିବାର ରାତି ୨ଟା ୪୦ରେ ପରଲୋକ ହୋଇଯାଇଛି। ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ମାସେ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ୨ ନାତି ଓ ପରିବାର ଲୋକେ ଉପସ୍ଥିତ ଥିଲେ। ସୋମବାର ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଭଣ୍ଡାରିପୋଖରୀ ବଜାର ଓ ଚନ୍ଦ୍ରଭାନୁପୁର ଗ୍ରାମ ପରିକ୍ରମା କରାଯାଇଥିଲା। ଭଣ୍ଡାରିପୋଖରୀ ରାମଦୟା ପରିଷଦ କର୍ମକର୍ତ୍ତା ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସମେତ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ବିଜୟ ଶଙ୍କର ମହାନ୍ତି, କଂଗ୍ରେସର ବ୍ଲକ ସଭାପତି ରଜନୀକାନ୍ତ ଚନ୍ଦ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଓ ଭାଜପା ନେତା ବଦ୍ରି ନାରାୟଣ ଧଳ ଶୋକବାର୍ତ୍ତା ଦେଇ ଶୋକବ୍ୟକ୍ତ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁଅ ଇଂ. ସତ୍ୟବ୍ରତ ଚନ୍ଦ ମୁଖାଗ୍ନି ଦେଇଥିଲେ। କାମପାଳ କ୍ଷୁଦ୍ର ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରି ୨୦୦୧ରେ ଅବସର ନେଇଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ।

## ରାସ୍ତାରେ ପାର୍କିଂ ଯୋଗୁ ଟ୍ରାଫିକ ଜାମ୍

ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳକୁ ଜିଲାର ବିଭିନ୍ନ ବ୍ଲକରୁ ବସ୍, ବୋଲେରୋ, ଅଟୋ, ବାଇକ୍‌ରେ ବହୁ ସଂଖ୍ୟାରେ ଲୋକେ ଆସିଥିଲେ। ରାଣୀତାଲରୁ ଜଗଦଳପୁର ରାସ୍ତାରେ ବସ୍, ବୋଲେରୋଗୁଡ଼ିକ ପାର୍କିଂ କରିଥିବାରୁ ଟ୍ରାଫିକ ସମସ୍ୟା ଉତ୍କଟ ହୋଇଥିଲା। ସଭା ସରିବା ପରେ ଉଭୟପାର୍ଶ୍ୱରେ ଗାଡ଼ି ଜାମ୍ ରହିବା ଦ୍ୱାରା ଭିଡ଼ ଭିତରେ ଦୀର୍ଘ ସମୟ ଧରି ଲୋକେ ଫସି ରହିଥିଲେ। ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ପରେ ରାସ୍ତା ମଝିରେ ପୋଲିସ କର୍ମଚାରୀ ଧାଡ଼ି ହୋଇ ଠିଆ ହୋଇ ଉଭୟ ପାର୍ଶ୍ୱରେ ଗାଡ଼ିଗୁଡ଼ିକୁ ପାସ୍ କରାଇଥିଲେ।


ରାଣୀତାଲ- ଜଗଦଳପୁର ରାସ୍ତାରେ ଟ୍ରାଫିକ୍ ଜାମ୍ ଯୋଗୁ ଗାଡ଼ିଗୁଡ଼ିକ ଅଟକି ରହିଛି।

## ବସ୍‌କୁ ଧକ୍କା ଦେଲା ହାଇୱା

ଭଣ୍ଡାରୀପୋଖରୀ/ଧାମନଗର,୨।୬ (ରାଜେନ୍ଦ୍ର ଶତପଥୀ/ ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ୧୬ନଂ. ଜାତୀୟ ରାଜପଥର ଧାମନଗର ଛକ ନିକଟରେ ସୋମବାର ପ୍ରାତଃ ସମୟରେ ଏକ ବସ୍‌କୁ ଧକ୍କା ଦେଇଛି ହାଇୱା। ବସ୍‌ର ପଛପଟ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ସମସ୍ତ ଯାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ, ସ୍ୱର୍ଣ୍ଣଲତା ନାମକ ବସ୍ (ଓଡି ୧୪ ବି ୭୫୭୫) ପ୍ରାୟ ୫୦ ଯାତ୍ରୀଙ୍କୁ ନେଇ ରାଉରକେଲାରୁ ଭଦ୍ରକ ଫେରୁଥିଲା। ପ୍ରାତଃ ୫ଟା ବେଳେ ଧାମନଗର ଛକରେ ଯାତ୍ରୀଙ୍କୁ ଓହ୍ଲାଉଥିବା ବେଳେ ପଛପଟୁ ଏକ ହାଇୱା (ଓଡି ୨୨ ଏସ୍ ୫୦୪୪) ଧକ୍କା ଦେଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ଖବରପାଇ ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଯାତ୍ରୀମାନେ ଅନ୍ୟ ବ୍ୟବସ୍ଥାରେ ଗନ୍ତବ୍ୟସ୍ଥଳକୁ ଫେରିଥିଲେ।

## ସାହିତ୍ୟିକ ବିଶ୍ୱନାଥଙ୍କୁ 'ସୃଜନ ଶ୍ରୀ' ସମ୍ମାନ


ବାଲେଶ୍ୱରଠାରେ 'ଅପରାହ୍ନ'ର ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ସାହିତ୍ୟିକ ବିଶ୍ୱନାଥ କିଙ୍କର ରାଉତଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ଭଦ୍ରକ,୨।୬ (ସନାତନ ରାଉତ)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବେନ୍ତାଳ ଗ୍ରାମର ଶିକ୍ଷାବିତ୍, ସାହିତ୍ୟିକ ବିଶ୍ୱନାଥ କିଙ୍କର ରାଉତଙ୍କୁ 'ସୃଜନୀ ଶ୍ରୀ–୨୦୨୫' ସମ୍ମାନ ପ୍ରଦାନ କରାଯାଇଛି। ରବିବାର ବାଲେଶ୍ୱରସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ 'ଅପରାହ୍ନ'ର ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସେ ରାଜ୍ୟର ବହୁ ସାହିତ୍ୟ ଅନୁଷ୍ଠାନ ସହ ଜଡ଼ିତ ଅଛନ୍ତି। ସେ ତିହିଡ଼ି ଓଡ଼ିଆ ସାହିତ୍ୟ ପରିବାରର ସମ୍ପାଦକ, ଭଦ୍ରକ କାନ୍ତକବି ସାହିତ୍ୟ ପରିଷଦର ରାଜ୍ୟ ସଂଯୋଜକ, ବସନ୍ତିଆର ମୋ ଭାଷା ମୋ ସାହିତ୍ୟ ସଙ୍ଗଠନ ସଭାପତି, ଯାଜପୁର ଅଭିମନ୍ୟୁ ସାହିତ୍ୟ ଓ ସଂସ୍କୃତି ପରିଷଦର ସହ ସମ୍ପାଦକ ଦାୟିତ୍ୱ ତୁଲାଉଛନ୍ତି। 'କୃଷ୍ଣାଞ୍ଜଳି' ନାମରେ ତାଙ୍କର ତ୍ରିଭାଷୀ କବିତା ଓ ଗଳ୍ପ ସଙ୍କଳନ ପ୍ରକାଶିତ ହୋଇଛି। ସମ୍ମାନ ପ୍ରଦାନ ବେଳେ 'ଅପରାହ୍ନ'ର ସମ୍ପାଦକ ବଂଶୀଧର ଜେନା, ସହସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସଙ୍କ ସମେତ ଅତିଥିମାନେ ଉପସ୍ଥିତ ଥିଲେ।

## 'ବାସୁଦେବପୁର ନିର୍ବାଚନମଣ୍ଡଳୀର ବିକାଶର ବିନ୍ଧାଣି ଥିଲେ ବିଜୟଶ୍ରୀ'

### ପୂର୍ବତନ ମନ୍ତ୍ରୀଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ

ବାସୁଦେବପୁର,୨।୬(ନାରାୟଣ ପ୍ରସାଦ ବାରିକ୍)


ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଶ୍ରାଦ୍ଧବାର୍ଷିକୀରେ ଅନୁଷ୍ଠିତ ସ୍ମୃତିସଭାରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

ପୂର୍ବତନ ମନ୍ତ୍ରୀ ତଥା ବାସୁଦେବପୁରର ପୂର୍ବତନ ବିଧାୟକ ବିଜୟଶ୍ରୀ ରାଉତରାୟ ଏହି ନିର୍ବାଚନମଣ୍ଡଳୀର ବିକାଶର ବିନ୍ଧାଣି ଥିଲେ ବୋଲି ସୋମବାର ତାଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀରେ ଅନୁଷ୍ଠିତ ସ୍ମୃତିସଭାରେ କୁହାଯାଇଛି। ଏହି ନିର୍ବାଚନମଣ୍ଡଳୀରୁ କ୍ରମାଗତ ୬ ଥର ବିଧାୟକ ହୋଇଥିବା ସ୍ୱର୍ଗତ ରାଉତରାୟଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ସକାଳେ ତିଳତର୍ପଣ ସହ ବାସୁଦେବପୁର ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ବିଜେଡି କାର୍ଯ୍ୟାଳୟ ତଥା ବାସୁଦେବପୁରସ୍ଥିତ ତାଙ୍କ ବାସଭବନରେ ପୂର୍ବତନ ସରପଞ୍ଚ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଦଳଗତ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବାସୁଦେବପୁର ଅଞ୍ଚଳର ବିକାଶ ପାଇଁ ବିଜୟଶ୍ରୀ ସଦାସର୍ବଦା କାର୍ଯ୍ୟ କରିଆସୁଥିଲେ। କେବଳ ବାସୁଦେବପୁର ରାଜନୀତି ନୁହେଁ ଓଡ଼ିଶା ରାଜନୀତିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଜଣେ ପରିବେଶବିତ୍, ସଫଳ ମନ୍ତ୍ରୀ ଓ ବିଧାୟକ ଭାବେ ସେ ଯେଉଁ ସୁନାମ ଅର୍ଜନ କରିଛନ୍ତି, ତାହା ତାଙ୍କୁ ଚିରକାଳ ପାଇଁ ସ୍ମରଣୀୟ କରି ରଖିବ ବୋଲି ସଭାରେ ସ୍ୱର୍ଗତ ରାଉତରାୟଙ୍କ ପୁଅ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ନଗର ବିଜେଡି ସଭାପତି ଶ୍ୟାମସୁନ୍ଦର ମହାନ୍ତି, ଯୁବନେତା ଅଶୋକ ନାୟକ ପ୍ରମୁଖ କହିଥିଲେ। ପୂର୍ବତନ ସରପଞ୍ଚ ଜଗବନ୍ଧୁ ଖିଲାର, ପ୍ରଫୁଲ୍ଲ ବିଶ୍ୱାଳ, ପୂର୍ବତନ କାଉନସିଲର ମାନସ ରଞ୍ଜନ ସାହୁ, ଦେବଦର୍ଶନ ଦାଶ, ଜିଲା ପରିଷଦ ସଭ୍ୟ ଯଦୁନାଥ ନାୟକ, ପୌରପାଳିକା ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ, ଶାରଦା ପ୍ରସନ୍ନ ନାୟକ, ସରପଞ୍ଚ ଅଗଣି ପ୍ରସାଦ ଜେନା, ସମିତିସଭ୍ୟ ରମାକାନ୍ତ ଦାସ, ଛାତ୍ରନେତା କାଳନ୍ଦୀ ସାହୁ, ରବି ନାୟକ, ଗୌତମ ସେଠୀ, କୃଷ୍ଣଚନ୍ଦ୍ର ଘଡ଼େଇ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ,୨।୬(ରବିନାରାୟଣ ଖିଲାର)

ଭଦ୍ରକ ଜିଲାସ୍କୁଲର ହିନ୍ଦୀ ଶିକ୍ଷୟିତ୍ରୀ ଡ. ଜୟନ୍ତୀ କରଶର୍ମାଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲାସ୍କୁଲ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ପାନରାଣୀ ବେସ୍ରା, ସହକାରୀ ପ୍ରଧାନଶିକ୍ଷୟିତ୍ରୀ ମିଲି ପରିଡ଼ା, ସୁଷମା ବେହେରା, ସତ୍ୟନାରାୟଣ ମଲ୍ଲିକ, ଜିତେନ୍ଦ୍ର ନାୟକ, ସିପୁ କୁମାର ସାହୁ, ସ୍ୱର୍ଣ୍ଣଲତା ପ୍ରଧାନ, ଅମରେନ୍ଦ୍ର ରାଉତ ପ୍ରମୁଖ ଶିକ୍ଷକଙ୍କ ସହ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ଗହଣରେ ଡ. କରଶର୍ମାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଡ. କରଶର୍ମା ଏକାଧାରରେ ଜଣେ ସୁଗାୟିକା, ସୁଲେଖିକା ଓ ଛାତ୍ରବତ୍ସଳା ହିନ୍ଦୀ ଶିକ୍ଷୟିତ୍ରୀ ବୋଲି ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ମତବ୍ୟକ୍ତ କରିଥିଲେ।


ଜିଲାସ୍କୁଲରେ ଶିକ୍ଷୟିତ୍ରୀ ଡ. ଜୟନ୍ତୀ କରଶର୍ମାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ

ଭଦ୍ରକ,୨।୬ (ରବିନାରାୟଣ ଖିଲାର)


ଶିବିରରେ ଅଂଶଗ୍ରହଣ କରିଥିବା ଶିବିରାର୍ଥୀମାନେ।

ଜିଲା କ୍ରିକେଟ ଆସୋସିଏଶନ, ଜିଲା ପ୍ରଶାସନ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନର ମିଳିତ ସହଯୋଗରେ ସୋମବାର ସକାଳ ୮ଟାରେ ଭଦ୍ରକ ରେଲୱେ କ୍ରୀଡ଼ାଙ୍ଗନରେ ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲାର ବନ୍ତ, ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି, ଚାନ୍ଦବାଲି, ବାସୁଦେବପୁର ଓ ଭଦ୍ରକ ବ୍ଲକରୁ ମୋଟ ୧୦୭ଜଣ ୧୫ ବର୍ଷରୁ କମ୍ ଓ ୧୨ ବର୍ଷରୁ କମ୍ ବର୍ଗରେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା କ୍ରିକେଟ ଏକାଡେମୀର ନିର୍ଦ୍ଦେଶକ ଭି. ଭେଙ୍କଟରାମ, ପୂର୍ବତନ ଭାରତ-ଏ ଖ୍ୟାତି ସମ୍ପନ୍ନ କ୍ରିକେଟର ସଞ୍ଜୟ ଶତପଥୀ, ପୂର୍ବତନ ଓଡ଼ିଶା ରଣଜୀ କ୍ରିକେଟର ଦେବଦତ୍ତ ଲେଙ୍କା, ଟିମ୍ ଓଡ଼ିଶାର କୋଚ୍ କେ.ଭି. ପ୍ରସାଦ, ଓସିଏ ସଂଯୋଜକ ଅଭିଳାଷ ହରିଚନ୍ଦନ ପ୍ରଶିକ୍ଷଣ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭଦ୍ରକ ଜିଲାର ୩ ପ୍ରମୁଖ ପ୍ରଶିକ୍ଷକ ଚନ୍ଦନ ନାୟକ, ଅସିତ ଦାସ ଓ ରାଜେଶ ନାୟକ ସହଯୋଗୀ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନେଇଛନ୍ତି। କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତିଙ୍କ ନେତୃତ୍ୱରେ ଗଠିତ ଶିବିର ପରିଚାଳନା କମିଟିରେ ରବିନାରାୟଣ ଓଝା, ଶମ୍ଭୁ ଜେନା ଓ ସଂଗ୍ରାମୀ ଦେବୀଦତ୍ତ ନାୟକ ସଦସ୍ୟ ଅଛନ୍ତି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ।

ଶିବିର ଉଦ୍‌ଘାଟନ ଅବସରରେ ଅନୁଷ୍ଠିତ ସଭାରେ ଜିଲା କ୍ରିକେଟ ଆସୋସିଏଶନର ସଭାପତି ବିଜୟ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଧୀରେନ ପଲାଇ ଶିବିର ଆୟୋଜନ ସମ୍ପର୍କରେ ସମ୍ୟକ ସୂଚନା ଦେବା ସହ ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ ନିକଟରେ ଆସୋସିଏଶନ ପକ୍ଷରୁ କୃତଜ୍ଞତା ଜଣାଇଥିଲେ। ମୁଖ୍ୟ ପ୍ରଶିକ୍ଷକ ଭେଙ୍କଟରାମ ଶିବିରାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଜିଲା କ୍ରୀଡ଼ା ଅଧିକାରୀ ରମେଶ କୁମାର ମହାନ୍ତି କ୍ରିକେଟ ସମେତ ଅନ୍ୟ ସମସ୍ତ କ୍ରୀଡ଼ାର ପ୍ରସାର ପାଇଁ ଜିଲା ପ୍ରଶାସନ ସବୁ ପ୍ରକାର ସହାୟତା ଓ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ବରିଷ୍ଠ ଅଧିବକ୍ତା ରୋଟାରିଆନ ଅତିଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆସୋସିଏଶନର ଯୁଗ୍ମ ସମ୍ପାଦକ ସୁଦାମ ନାୟକ ଓ ସଦସ୍ୟ ସୁଶୀଳ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶଥାଉ କି, ଏହି ଶିବିର କାଳରେ ପ୍ରତ୍ୟେକ କିଶୋର ଶିବିରାର୍ଥୀଙ୍କ ପ୍ରତିଭା ଓ ପ୍ରଦର୍ଶନର ମୂଲ୍ୟାୟନ କରାଯିବ। ମା' ବାପାଙ୍କ ସମ୍ମତି ଥିଲେ ମନୋନୀତ କିଶୋରମାନଙ୍କ ପାଇଁ କଟକସ୍ଥିତ ସ୍କୁଲରେ ଅଧ୍ୟୟନ ବ୍ୟବସ୍ଥା ସହ ଓଡ଼ିଶା କ୍ରିକେଟ ଏକାଡେମୀରେ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ଅଧ୍ୟୟନ ଓ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇଁ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ।

## କଷଟି ଗ୍ରାମରେ ପୋଲିସ ଛାଉଣୀ

### ଆକ୍ରମଣରେ ଗୁରୁତର ଯୁବକଙ୍କ ଅବସ୍ଥା ଉଦ୍‌ବେଗଜନକ, ୨ ଗିରଫ

ତିହିଡ଼ି, ୨।୬ (ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ କୁବେରା ପଞ୍ଚାୟତର କଷଟି ଗ୍ରାମରେ ଏବେ ପୋଲିସ ଛାଉଣୀ। ଆକ୍ରମଣ ଘଟଣାକୁ ନେଇ ସାମ୍ପ୍ରଦାୟିକ ସଂଘର୍ଷ ସୃଷ୍ଟି ହେବା ଆଶଙ୍କାରେ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କଷଟି ଗ୍ରାମର ସନ୍ତୋଷ ପରିଡ଼ା ନାମ୍ନୀ ଯୁବକଙ୍କୁ ଶୁକ୍ରବାର ମଧ୍ୟାହ୍ନରେ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ଆକ୍ରମଣ କରିଥିଲେ। ଏବେ ସନ୍ତୋଷ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଥିବାବେଳେ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ଗ୍ରାମରେ ଉତ୍ତେଜନା କୁହୁଳିବାରେ ଲାଗିଛି। ଏହି ଘଟଣାରେ ଶନିବାର ତିହିଡ଼ି ଥାନାରେ ଏକାଧିକ ଲୋକଙ୍କ ନାଁରେ ୨ଟି ମାମଲା ରୁଜୁ ହୋଇଛି। ପୋଲିସ ରବିବାର ଗୁଜିଦରଡ଼ା ଗ୍ରାମର ଶେଖ୍ ମୁଜାଫର ଓ ସୋମବାର ସେହି ଗ୍ରାମର ଶେଖ୍ କାଦିରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସନ୍ତୋଷଙ୍କ ସ୍ତ୍ରୀ ମିନତି ବେହେରାଙ୍କ ଅଭିଯୋଗକ୍ରମେ ତିହିଡ଼ି ଥାନାରେ ଏକ ମାମଲା (ନଂ.୧୯୭/୨୫) ଏବଂ ଅପରପକ୍ଷରୁ ଶେଖ୍ ସମିରୁଦ୍ଦିନଙ୍କ ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା (ନଂ.୧୯୮/୨୫) ରୁଜୁ ହୋଇଛି।

ଶେଖ୍ ସମିରୁଦ୍ଦିନଙ୍କ ସମେତ କେତେଜଣ ଗୋରୁ ବେପାରୀ ଶୁକ୍ରବାର ମଧ୍ୟାହ୍ନରେ କଷଟି ଗ୍ରାମରୁ ଗୋରୁ ନେଇ ଗୁଜିଦରଡ଼ା ଗ୍ରାମକୁ ଯାଉଥିଲେ। ଭୂଆଁବାଟିଟିଙ୍କିଠାରେ କଷଟି ଗ୍ରାମର ସନ୍ତୋଷଙ୍କ ସମେତ କେତେଜଣ ବ୍ୟକ୍ତିଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ପରେ ସେମାନେ ସନ୍ତୋଷଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷେ ସନ୍ତୋଷଙ୍କ ସମେତ ଅନ୍ୟମାନେ ଗୋରୁ ବେପାରୀଙ୍କୁ ମଧ୍ୟ ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଆକ୍ରମଣରେ ଗୁରୁତର ସନ୍ତୋଷଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଭଦ୍ରକ ଡାକ୍ତରଖାନା ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ସୋମବାର ସକାଳୁ ଉକ୍ତ ଗ୍ରାମରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।





# ପୋଖରୀରେ ବିଷ ପକାଇ ମାଛ ଧରିଲେ ଦୁର୍ବୃତ୍ତ

ଜଳେଶ୍ୱର, ୨।୬(ନବୀନ ସାହୁ)– ଜଳେଶ୍ୱର ବ୍ଲକ କାଳିକ ଗାଁରେ ଥିବା ବ୍ରାହ୍ମଣ ପୋଖରୀରେ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ବିଷ ପକାଇବା ଫଳରେ ମାଛ ମରିଯିବା ସହିତ ପାଣି ବିଷାକ୍ତ ହୋଇଯାଇଛି। ଏନେଇ ଗ୍ରାମବାସୀ ରାଇବଣିଆ ଥାନାରେ ଅଭିଯୋଗ କରିଛନ୍ତି।କାଳିକ ଗାଁରେ ଥିବା ପଞ୍ଚାୟତ ପୋଖରୀ 'ବ୍ରାହ୍ମଣ ପୋଖରୀ'କୁ ବାବା ତପନେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ ବର୍ଷ ପାଇଁ ମାଛଚାଷ କରିବା ଲାଗି ନିଲାମ ଦିଆଯାଇଥିଲା। ଗତ ମେ' ୩୧ତାରିଖ ଅବଧି ଶେଷ ହେଉଥିବାରୁ ପୋଖରୀକୁ ଶୁଖାଇ ମାଛ ଧରିବାକୁ ପ୍ରୟାସ କରାଯାଇଥିଲା। ଗ୍ରାମର ଅର୍ଦ୍ଧାଧିକ ଲୋକ ପୋଖରୀ ଶୁଖାଇବାକୁ ବିରୋଧ କରିଥିଲେ। ଫଳରେ ଏସ୍‌ଏଚଜି ସଭାପତି, ସମ୍ପାଦକ ଦୁଇଜଣ ବ୍ୟକ୍ତିଙ୍କ ସହାୟତାରେ ବିଷ ପକାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଖରୀ ପାଣି ବିଷାକ୍ତ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବା ନେଇ ଚିତ୍ତରଞ୍ଜନ ବିଶ୍ୱାଳ, ସତ୍ୟନାରାୟଣ ବିଶ୍ୱାଳ, ଜୟରାମ ରାଉତ, ଅଭିମନ୍ୟୁ ଦଣ୍ଡପାଟ ଓ ଶଙ୍କର ଦଣ୍ଡପାଟ ପ୍ରମୁଖ ଅଭିଯୋଗ କରିଛନ୍ତି।

# ମୌସୁମୀ ବର୍ଷା ପୂର୍ବରୁ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

## ମହାନାଳ ସଫେଇ କାର୍ଯ୍ୟ ତଦାରଖ କଲେ ବିଧାୟକ

ବାଲେଶ୍ୱର, ୨।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ସମସ୍ୟା ଦୀର୍ଘବର୍ଷ ପୁରୁଣା। ଏହି ସମସ୍ୟାର ଦୀର୍ଘମିଆଦୀ ନିରାକରଣ ପାଇଁ ମହାନାଳ ପୁନରୁଦ୍ଧାର ଯୋଜନା ସମ୍ପ୍ରତି ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ବିଚାରାଧୀନ ରହିଛି। ତେବେ ଆସନ୍ତା ମୌସୁମୀ ବାୟୁ ପ୍ରବାହ ଜନିତ ବର୍ଷାଋତୁକୁ ଦୃଷ୍ଟିରେ ରଖି ଉଦ୍‌ବୃତ୍ତ ବର୍ଷା ଜଳ ସୁଚାରୁ ରୂପେ ନିଷ୍କାସନ ପାଇଁ ପୌରପାଳିକା ପକ୍ଷରୁ ସମସ୍ତ ମହାନାଳର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ଏହି କାର୍ଯ୍ୟକୁ ବିଧାୟକ ମାନସ କୁମାର ଦତ୍ତ ତଦାରଖ କରିଥିଲେ।

ସହରର ଚିଡ଼ିଆପୋଲ ନିକଟସ୍ଥ ମହାନାଳର ଅବସ୍ଥା ଦେଖିବା ସହ ଠିକ୍ ଢଙ୍ଗରେ ସଫେଇ କାର୍ଯ୍ୟ ସାରିବାକୁ ବିଧାୟକ ପୌରପାଳିକା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ୨୬ନଂ. ୱାର୍ଡ ଅନ୍ତର୍ଗତ ସୁଏଲପୁରର ବ୍ରହ୍ମସମାଜ ମନ୍ଦିର ନିକଟ ଓ ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ମହାନାଳର ଜଳ ନିଷ୍କାସନ ବ୍ୟବସ୍ଥାର ସାମ୍ପ୍ରତିକ ଅବସ୍ଥା ଅନୁଧ୍ୟାନ ସହ ଆବଶ୍ୟକ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ କହିଥିଲେ। ମହାନାଳଗୁଡ଼ିକୁ ମେଶିନ୍ ସାହାଯ୍ୟରେ ସଫେଇ କରାଯାଉଥିବା ବେଳେ ଯେଉଁ ସ୍ଥାନରେ ମେଶିନ ନ ପହଞ୍ଚି ପାରୁଛି ସେଠାରେ ଅଧିକସଂଖ୍ୟକ ଶ୍ରମିକ ନିୟୋଜନ ସହ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ସାରିବାକୁ ପରାମର୍ଶ ଦେଇଥିଲେ। ତେବେ ପୋତି ହୋଇପଡ଼ିଥିବା ମହାନାଳର ଆବଶ୍ୟକସ୍ଥଳେ ଖନନ କରିବାକୁ ମଧ୍ୟ ସେ କହିଥିଲେ। ମହାନାଳ ସଙ୍କୁଚିତ ହୋଇଥିବା ସ୍ଥାନରେ ସଫେଇ ପାଇଁ ବ୍ୟକ୍ତିଗତ ମାଲିକାନାରେ ଥିବା ଜାଗା ମାଲିକଙ୍କ ସହ ଆଲୋଚନା କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନକୁ ନେଇ ସହରବାସୀ ଦୀର୍ଘଦିନ ଧରି ଯେଉଁ ସମସ୍ୟା ଭୋଗୁଛନ୍ତି, ଆଗାମୀ ଦିନରେ ଯେପରି ତାହାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ପ୍ରାଥମିକତା ଦେବାକୁ ବିଧାୟକ ଦତ୍ତ କହିଛନ୍ତି। ଏହି ଅବସରରେ ବାଲେଶ୍ୱର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରିଣୀ ନିର୍ଲିପ୍ତା ମହାନ୍ତି ଓ ପୌରପାଳିକା ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, କାଉନ୍‌ସିଲର ସତ୍ୟଶିବ ସୁନ୍ଦର ଦାସ, ନିରୂପମା ଦାଶ, ଗୌରାଙ୍ଗ ଦାସ, ଉପେନ୍ଦ୍ର ଶତପଥୀ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ରାଜେନ୍ଦ୍ର ଚାଟାର୍ଜୀ, ଧୀରଜ ମହାନ୍ତି, ବିବେକ ମହାନ୍ତି ଓ ଅବିନାଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ଯେ, ବାଲେଶ୍ୱର ସହରର ଆଖପାଖ ଅଞ୍ଚଳ ଓ ସହର ମଧ୍ୟ ଦେଇ ଯାଇଥିବା ମୋଟ୍ ୬ଟି ମହାନାଳର ସଂସ୍କାର ଯୋଜନା ପାଇଁ ସମ୍ପ୍ରତି ଡିପିଆର ପ୍ରସ୍ତୁତ ହୋଇଥିବା ବେଳେ ଏହା ଏବେ ରାଜ୍ୟ ସରକାରଙ୍କ ବିଚାରାଧୀନ ରହିଛି।



ଚିଡ଼ିଆପୋଲ ନିକଟସ୍ଥ ମହାନାଳ ସଫେଇ କାର୍ଯ୍ୟକୁ ବିଧାୟକ ତଦାରଖ କରୁଛନ୍ତି।

# ଦନେଇପୁରକୁ ରାଜସ୍ୱ ଗ୍ରାମ ମାନ୍ୟତା



ଧନ୍ୟବାଦ ସଭାରେ ଉପସ୍ଥିତ ଗ୍ରାମବାସୀ।

ଲଙ୍ଗଳେଶ୍ୱର, ୨।୬(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ସିଂଲା ପଞ୍ଚାୟତ ଅଧୀନ ଦନେଇପୁରକୁ ମିଳିଲା ରାଜସ୍ୱ ଗ୍ରାମ ମାନ୍ୟତା। ଏହା ପଡ଼ା ଗ୍ରାମ ହୋଇଥିବାରୁ ଏହାକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଗ୍ରାମବାସୀ ଦୀର୍ଘବର୍ଷ ଧରି ଦାବି କରିଆସୁଥିଲେ। ଗୋଟିଏ ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ୧୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଲୋକସଂଖ୍ୟା ୭୦୦ରୁ ଊର୍ଦ୍ଧ୍ୱ। ପୂର୍ବରୁ ଏହି ଗାଁଟି ଏକ ପଡ଼ା ଗ୍ରାମ ଥିବାରୁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପାନୀୟଜଳ ଆଦି ମୌଳିକ ସୁବିଧା ସିଧାସଳଖ ଭାବେ ପାଇବାରୁ ବଞ୍ଚିତ ହେଉଥିଲା। ଏହି ପଡ଼ା ଗ୍ରାମ ବନ୍ଧୁଳି ରାଜସ୍ୱ ଗ୍ରାମ ଅଧୀନରେ ରହିଥିଲା। ସରକାରୀସ୍ତରରେ ଏହି ଗାଁଟି ରାଜସ୍ୱ ଗ୍ରାମ ମାନ୍ୟତା ପାଇବା ପରେ ଗ୍ରାମବାସୀ ଏକ ଧନ୍ୟବାଦ ସଭା ଆୟୋଜନ କରି ଓଡ଼ିଶା ସରକାର ଏବଂ ସରପଞ୍ଚଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମରେ ସରପଞ୍ଚ ବିପିନ ବିଶ୍ୱାଳ, ଗ୍ରାମ ମୁଖ୍ୟ ଅମୂଲ୍ୟ ପାତ୍ର, ଶିତୀକଣ୍ଠ ବାରିକ, ଗଗନ ବେହେରା, ପବିତ୍ର ରାଜ, ରାମଚନ୍ଦ୍ର ବାରିକ, ପଦ୍ମଲୋଚନ ସାହୁ, ରାଜେନ୍ଦ୍ର ରାଜ, ଅରୁଣ ବିଶ୍ୱାଳ, ନିରଞ୍ଜନ ଜେନାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ

# ନୀଳଗିରିରେ ଘୋଷଯାତ୍ରା ଉପଲକ୍ଷେ ପ୍ରସ୍ତୁତି ଚୂଡ଼ାନ୍ତ

ନୀଳଗିରି, ୨।୬(ପ୍ରଶାନ୍ତ କୁମାର ବିଶ୍ୱାଳ): ନୀଳଗିରିରେ ଶ୍ରୀଜଗନ୍ନାଥଙ୍କ ଆଗାମୀ ଘୋଷଯାତ୍ରା ଉପଲକ୍ଷେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନ ୬ଟାରେ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରିଥିବା ବେଳେ ସ୍ଥାନୀୟ ଉପଜିଲାପାଳ ଶୁଭଶ୍ରୀ ରଥ ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ଏନଏସି ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ସେବାୟତ, ମହାରଣାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତ ରହି ରଥଯାତ୍ରା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ଉପଖଣ୍ଡର ପ୍ରତ୍ୟେକ ବିଭାଗ ନିଜ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ ନିବେଦନ କରିଥିଲେ। ଆଗାମୀ ରଥଯାତ୍ରା ଉପଲକ୍ଷେ ବିଦ୍ୟୁତ ଓ ପାନୀୟଜଳ ନିରବଚ୍ଛିନ୍ନ ଯୋଗାଣ, ସ୍ୱାସ୍ଥ୍ୟ ପରିମଳ ସହ ରଥଦାଣ୍ଡରେ ଭକ୍ତଙ୍କ ସୁରକ୍ଷା, ଅସ୍ଥାୟୀ ପରିସ୍ରାଗାର, ରଥଉପରେ ରହୁଥିବା ବ୍ୟକ୍ତିଙ୍କ ତାଲିକା ସଂଖ୍ୟା, ଗମନାଗମନ, ପ୍ରାଥମିକ ଚିକିତ୍ସା ସହିତ ସାଇକେଲ ଷ୍ଟାଣ୍ଡ, ସିସିଟିଭି, ଅଗ୍ନିଶମ ସେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଏବଂ ଭକ୍ତମାନଙ୍କ ମନୋରଞ୍ଜନ ପାଇଁ ପ୍ରଦର୍ଶନୀ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିଲା।

# 'ପ୍ରତିଭା ବଳରେ ରାଷ୍ଟ୍ର ବିକଶିତ ହୁଏ'

## ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ, ସମ୍ବର୍ଦ୍ଧନା ସଭା



ସମାରୋହରେ ମନ୍ତ୍ରୀ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ବାଲେଶ୍ୱର,୨।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତବର୍ତ୍ତୀ ରୁପସା ଏଫ୍‌ସିଆଇସ୍ଥିତ ଭଗବାନପୁର ବୈଠକ ବଙ୍ଗଳାରେ ରବିବାର ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆମ୍ବଗଡ଼ିଆ ବିକାଶ ପରିଷଦ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ଏହି ସମାରୋହରେ ସଭାପତିତ୍ୱ କରିଥିଲେ।

ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିଦ୍ୟାର୍ଥୀଙ୍କ ପ୍ରତିଭା ବଳରେ ରାଷ୍ଟ୍ରର ବିକାଶ ଘଟିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସୁମନ୍ତ କୁମାର ଜେନା, ସମ୍ମାନନୀୟ ଅତିଥି ଭାବେ ଅଧ୍ୟକ୍ଷ ଡ. ତପନ କୁମାର ବେହେରା, ପୂର୍ବତନ ଅର୍ଥ ପରାମର୍ଶଦାତା ଛୋଟରାୟ ମୁର୍ମୁ, ଭଗବାନପୁର ଗ୍ରାମ ପ୍ରତିଷ୍ଠାତା ଭଗବାନ ମହାପାତ୍ର, ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମ ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ, ପ୍ରଧାନ ଶିକ୍ଷୟିତ୍ରୀ କାପୁରାମଣି ମାରାଣ୍ଡି, ପୂର୍ବତନ ବ୍ୟାଙ୍କ ଅଧିକାରୀ ଯୋଗେଶ୍ୱର ମହାପାତ୍ର, ପୂର୍ବତନ ସେନା ଅଧିକାରୀ ଭୀମଚରଣ ମାଝି, ପୂର୍ବତନ ଜିଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା ଓ ଭାଜପା ନେତା ପ୍ରଦୀପ ମହାନ୍ତି ମଞ୍ଚାସୀନ ହୋଇ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ନିର୍ମାଣ କରିଥାଏ ବୋଲି କହିଥିଲେ। ଏହି ଅବସରରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ବ୍ଲକର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପ୍ରତିଭାବାନ ଗଣେଶ ଜେନା, ରଶ୍ମିରେଖା ସୁଭାସିନୀ, ଆଦର୍ଶ କୁମାର ରାଉତ, ଗଗନ ବିହାରୀ ସ୍ୱାଇଁ ଓ ଗତିକୃଷ୍ଣ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ। ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କୁଳ ମହାନ୍ତ ଧନ୍ୟବାଦ ଦେଇଥିଲେ। ପରିଷଦ ସଦସ୍ୟ ଚନ୍ଦନ ବାସ୍କେ, ସୁଦର୍ଶନ ମହାପାତ୍ର, ମନୋରଞ୍ଜନ ଉପାଧ୍ୟାୟ, ଉତ୍ତମ ପଣ୍ଡା, କାଳିଚରଣ ସୋରେନ ଓ ବିଶ୍ୱନାଥ ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ରେଳ ଦୁର୍ଘଟଣା ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବିର

ବାହାନଗା, ୨।୬( ଅରୂପ୍ କୁମାର ଦାସ)

୨୦୨୩ ଜୁନ୍ ୨ ତାରିଖ ସନ୍ଧ୍ୟାରେ ବାହାନଗାରେ ଘଟିଥିଲା ଭୟଙ୍କା ରେଳ ଦୁର୍ଘଟଣା। ଦୁର୍ଘଟଣାରେ ଆହତମାନଙ୍କୁ ରକ୍ତ ଦେଇ ଜବୀନ ବଞ୍ଚାଇବାକୁ ବିଭିନ୍ନ ଅଞ୍ଚଳରୁ ଲୋକେ କଟକ, ବାଲେଶ୍ୱର ଓ ଭୁବନେଶ୍ୱର ଆଦି ହସ୍‌ପିଟାଲକୁ ଦୌଡିଆସିଥିଲେ। ସେଦିନର ସେହି ଅନୁଭୂତିକୁ ପାଥେୟ କରି ସ୍ଥାନୀୟ ସମାଜ ଦର୍ପଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବାହାନଗା ଷ୍ଟେଶନ କ୍ଲବ ସହଯୋଗରେ ରକ୍ତଦାନ ଶିବିର କରାଯାଇଥିଲା। ଏଥିରେ ଜିଲା ବ୍ଲଡ୍ କ୍ୟାମ୍ପ ଡାକ୍ତର ବସନ୍ତ ଉପାଧ୍ୟାୟ ଯୋଗଦେଇ ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ରକ୍ତ ସଂଗ୍ରହ କରିଥିଲେ। ସବ୍‌ନମ ଦାସ, ମୋନାଲିସା ମହାନ୍ତି, ଅଜୟ ମହାପାତ୍ର, ବିଦ୍ୟାଧର ସାହୁ ପ୍ରମୁଖ ସହାୟତା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ମୁଖ୍ୟ ଉଦ୍ୟୋକ୍ତା ବିଜୟ କୁମାର ବାରିକଙ୍କ ନେତୃତ୍ୱରେ ବିଜୟ ଶ୍ୟାମସୁନ୍ଦର ବାରିକ୍ ,ତାରାକାନ୍ତ ଆଚାର୍ଯ୍ୟ, ରଜତ ବାରିକ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ଷ୍ଟେଶନ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।



ଶିବିରରେ ଯୁବକମାନେ ରକ୍ତଦାନ କରୁଛନ୍ତି।

# ଶଙ୍ଖ ହୁଳହୁଳିରେ କମ୍ପିଲା ମହତୀପୁର ଗ୍ରାମ

## ମା' ବୁଢୀ ଜାଗୁଳାଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଖଇରା, ୨।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ଗ୍ରାମର ଆରାଧ୍ୟା ମା' ବୁଢୀ ଜାଗୁଳାଇଙ୍କ ମନ୍ଦିର ପ୍ରତିଷ୍ଠା ରବି ଓ ସୋମବାର ୨ଦିନ ଧରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶଙ୍ଖ, ଘଣ୍ଟା, ହୁଳହୁଳି ଧ୍ୱନିରେ ଗ୍ରାମ ପ୍ରକମ୍ପିତ ହୋଇଥିଲା। ରବିବାର ୧୪୦ରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷଙ୍କ କଳସ ଶୋଭାଯାତ୍ରା ଗୋପାଳବେଡା ପୋଖରୀରୁ ଆସି ଯଜ୍ଞମଣ୍ଡପରେ ପହଞ୍ଚିଥିଲେ। ସୋମବାର ପଣ୍ଡିତ ପ୍ରହଲ୍ଲାଦ ଶତ୍ପଥୀ, ଉମାକାନ୍ତ ପଣ୍ଡା, ରମାକାନ୍ତ ପଣ୍ଡା, ରାଜେଶ ଶନ୍ନିଗ୍ରହ ଓ ଅରବିନ୍ଦ ଦାଶଙ୍କ ସମେତ ୧୦ଜଣ ଆଚାର୍ଯ୍ୟଙ୍କ ଦ୍ୱାରା ଯଜ୍ଞ ଓ ପ୍ରତିଷ୍ଠା କର୍ମ ସମ୍ପୂର୍ଣ୍ଣ ହୋଇଥିଲା। ଗ୍ରାମର ନରହରିପାତ୍ର, ଗୋପବନ୍ଧୁମହାପାତ୍ର, ଉମାକାନ୍ତ ନାୟକ, ମନୋଜ ପାତ୍ର, ଭଗବାନ ନାୟକ, ବସନ୍ତ ପାତ୍ର, ରଶ୍ମିରଞ୍ଜନ ମହାପାତ୍ର, ଅଶୋକ ମହାପାତ୍ର, ରମାକାନ୍ତ ମହାରଣା, ପ୍ରମୋଦ ମହାପାତ୍ର ଓ ବୈକୁଣ୍ଠ ନାୟକଙ୍କ ସମେତ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରତିଷ୍ଠା ଉପଲକ୍ଷେ ଅନୁଷ୍ଠିତ ଯଜ୍ଞକର୍ମ।

# ବସ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଖଇରା,୨।୬(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁପାରୀ ଅମ୍ବିକା ଛକରେ ଏକ ବସ୍ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ଚିକିତ୍ସା ପାଇଁ ପ୍ରଥମେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଭଦ୍ରକ ଓ କଟକ ସ୍ଥାନାନ୍ତର କରାଯାଇଛି। ଉକ୍ତ ଯୁବକ ହେଲେ ପ୍ରମୋଦ କୁମାର ଗାହାଣ(୨୭)। ଘର ଗଡପୋଖରୀ ପଞ୍ଚାୟତ ଅଧୀନ ବାରାଯୋଡି ଗ୍ରାମରେ । ରବିବାର ଅପରାହ୍ନରେ ଗଜପତି ନାମକ ବସ ସୋରରୁ କୁପାରୀ ଦେଇ ଆଗରପଡା ଅଭିମୁଖେ ଯାଉଥିବା ବେଳେ ବରପଦାରୁ ଅମ୍ବିକା ଛକ ଦେଇ କୁପାରୀ ଆସୁଥିବା ପ୍ରମୋଦଙ୍କ ବୁଲେଟ ସହ ଧକ୍କା ହୋଇଥିଲା।

# ପ୍ରଧାନମନ୍ତ୍ରୀ ଆବାସ ସାରିବା ପରେ ବି ମିଳୁନି ଅର୍ଥ

କାଳିପଦା, ୨।୬(ରାଜଶ୍ରୀ ପାଣିଗ୍ରାହୀ)

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ହିତାଧିକାରୀମାନଙ୍କୁ ପକ୍କା ଘର ଯୋଗାଇ ଦେବା ସହିତ ୩ ମାସ ମଧ୍ୟରେ ଗୃହ କାର୍ଯ୍ୟ ସାରିଲେ ବୋନସ୍ ବାବଦକୁ ପ୍ରୋତ୍ସାହନ ରାଶି ଯୋଗାଇ ଦେଇଥାନ୍ତି। ଅଧିକାଂଶ ହିତାଧିକାରୀ ବୋନସ୍ ଟଙ୍କାକୁ ଆଖି ଆଗରେ ରଖି ଧାର କରଜ କରି ଅବଧି ପୂର୍ବରୁ ଗୃହ ନିର୍ମାଣ କାର୍ଯ୍ୟ ସାରିଥାନ୍ତି। ମାତ୍ର ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତର ନାଭଡ଼ା, କାଠଶଗଡ଼ା, ପାକମୁଣ୍ଡି, ତାହାଲିଆ, ବଡ଼ାଶ ଆଦି ଗ୍ରାମରେ ୭୦ ପ୍ରତିଶତ ହିତାଧିକାରୀ ଅବଧି ପୂର୍ବରୁ ଗୃହ କାର୍ଯ୍ୟ ଶେଷ କରି ଗୃହ ନିର୍ମାଣ ଏବଂ ବୋନସ ଟଙ୍କାକୁ ଚାହିଁ ବସିଛନ୍ତି। ବଡ଼ାଶ ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀ ସହଯୋଗ ନ କରିବାରୁ ହିତାଧିକାରୀମାନେ ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ସୋମବାର ବଡ଼ାଶ ପଞ୍ଚାୟତର ହିତାଧିକାରୀମାନେ ଏବିଡିଓ ଶରତ ଚନ୍ଦ୍ର ମୁଦୁଲିଙ୍କୁ ଭେଟି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ, ଗୃହ ନିର୍ମାଣ କରୁଥିବା ହିତାଧିକାରୀଙ୍କୁ ବକେୟା ଥିବା ଅର୍ଥରାଶି ଯୋଗାଇ ଦେବା ପାଇଁ କବିତା ବେହେରା, ମିତାଲି ବିଶ୍ୱାଳ, ସୁବାସିନୀ ବେହେରା, ସରୋଜ ନାୟକ, ପଞ୍ଚାନନ ଦେ, ସମର ଦଳାଇ, ଚୈତନ୍ୟ ଦେ ଓ ଗଙ୍ଗାଧର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

ଏ ସମ୍ପର୍କରେ ଏବିଡିଓ ମୁଦୁଲି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ଲୋକଙ୍କୁ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି।

# 'ନବୋନ୍ମେଷ ଓ ପ୍ରଯୁକ୍ତି ମାଧ୍ୟମରେ ସ୍ଥାୟୀ ଉନ୍ନତି'

- ଆଇଏଆର୍‌ଏର ୧୫ତମ ଆନ୍ତର୍ଜାତିକ ସମ୍ମିଳନୀ
- ଉପସ୍ଥାପନ ହେଲା ୧୦୦ରୁ ଊର୍ଦ୍ଧ୍ୱ ଗବେଷଣା ସନ୍ଦର୍ଭ
- ଅଂଶଗ୍ରହଣ କଲେ ୧୭୦ରୁ ଊର୍ଦ୍ଧ୍ୱ ଗବେଷକ

ବାଲେଶ୍ୱର, ୨।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭାରତୀୟ ଅକାଦେମିକ ଗବେଷଣାକାରୀ ସଂଘ (ଆଇଏଆରଏ)ର ୧୫ତମ ଅନ୍ତର୍ଜାତୀୟ ସମ୍ମିଳନୀ ଓ ସମାବର୍ତ୍ତନ ଉତ୍ସବ–୨୦୨୫ ଶନିବାର ଅନୁଷ୍ଠିତ ହୋଇଯାଇଛି। 'ନବୋନ୍ମେଷ ଓ ପ୍ରଯୁକ୍ତି ମାଧ୍ୟମରେ ସ୍ଥାୟୀ ଉନ୍ନତି' ପ୍ରସଙ୍ଗ ସମ୍ବନ୍ଧୀୟ ସମ୍ମିଳନୀକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ।

ଆଇଏଆରଏର ସର୍ବଭାରତୀୟ ଡ. ସି. ପରମଶିଭନ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଆଇଏଆର୍‌ଏର ସର୍ବଭାରତୀୟ ସାଧାରଣ ସଚିବ ପ୍ରଫେସର ପ୍ରଣମ ଧର ଯୋଗଦେଇ ଗବେଷଣା କ୍ଷେତ୍ରରେ ସାମଗ୍ରିକ ବିକାଶ ସମ୍ପର୍କରେ କହିଥିଲେ। ମୁଖବକ୍ତା ଭାବେ ଭୁବନେଶ୍ୱର ଇଣ୍ଟରନ୍ୟାଶନାଲ୍ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଡିନ୍ ପ୍ରଫେସର ସୁପ୍ରୀତି ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଏନସିଇଆରଟିର ପ୍ରଫେସର ରାମକାନ୍ତ ମହାଳିକ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ କୋଲକାତା ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ପ୍ରଫେସର ସିଦ୍ଧାର୍ଥ ଶଙ୍କର ସାହା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଗବେଷଣା ସନ୍ଦର୍ଭ ଉପସ୍ଥାପନ କରାଯିବା ସହ ୧୭୦ରୁ ଊର୍ଦ୍ଧ୍ୱ ଗବେଷକ ଅଂଶଗ୍ରହଣ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଅମୂଲ୍ୟ କୁମାର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା, ସହକାରୀ ପ୍ରଫେସର ପ୍ରଗତିକା ସିଂ ସଞ୍ଚାଳନା କରିଥିଲେ।



ପ୍ରଫେସର ପ୍ରଣମ ଧରଙ୍କୁ କୁଳପତି ସମ୍ବର୍ଦ୍ଧିତ କରୁଛନ୍ତି।

# ପାନୀୟଜଳ ସମସ୍ୟାରେ ୧୫୦ରୁ ଊର୍ଦ୍ଧ୍ୱ ଗାଁ

ଭୋଗରାଇ, ୨।୬(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ୧୫୦ରୁ ଊର୍ଦ୍ଧ୍ୱ ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହା ଓଡ଼ିଶାର ସର୍ବବୃହତ ବ୍ଲକ ହୋଇଥିବା ବେଳେ ୫୦ ପଞ୍ଚାୟତର ୩ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପିଇବା ପାଣିର ସମସ୍ୟା ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଅଞ୍ଚଳରେ ପାନୀୟଜଳର ବ୍ୟାପକ ଅପଚୟ ମଧ୍ୟ କରାଯାଉଛି। ମେଗା ପାନୀୟଜଳ ପ୍ରକଳ୍ପରୁ ଘରକୁ ସଂଯୋଗ ହୋଇଥିବା ଟ୍ୟାପରୁ ବିଦ୍ୟୁତ୍ ମୋଟର ଲଗାଇ ବଗିଚାରେ ପାଣିଦେବା, ପନିପରିବା ଚାଷରେ ପାଣି ମଡ଼ାଇବା ସହିତ ସଚେତନତା ଅଭାବରୁ ଟ୍ୟାପ ପାଣି ରାସ୍ତାକୁ ଖୋଲି ଦିଆଯାଉଥିବା ଯୋଗୁ ୯୦ ପ୍ରତିଶତ ପାଣି ଅପଚୟ ହେଉଛି। ୨୦୩୦ ବେଳକୁ ଲୋକଙ୍କ ଜଳ ଚାହିଦା ୨ଗୁଣ ବୃଦ୍ଧି ପାଇବ ବୋଲି ସରକାରୀ ରିପୋର୍ଟରେ ଦର୍ଶାଯାଇଥିବାରୁ ଜଳ ଅପଚୟ ଗମ୍ଭୀର ଭାବେ ଉଭା ହୋଇଛି।

ଭୋଗରାଇ ବ୍ଲକ୍‌ରେ ଦୀର୍ଘବର୍ଷ ହେବ ପିଇବା ପାଣି ଅଭାବ ଯୋଗୁ ଲୋକେ ଗାଡ଼ିଆ ପୋଖରୀରୁ ଦୂଷିତ ପାଣି ପିଇବା ସହ ସମୁଦ୍ରକୂଳିଆ ଅଗଭୀର ନଳକୂପରୁ ଲବଣମିଶ୍ରିତ ଫ୍ଲୋରାଇଡଯୁକ୍ତ ପାଣି ପିଇ ଆସୁଥିଲେ। ଫଳରେ ବହୁ ଲୋକ ଝାଡ଼ାବାନ୍ତି, ପେଟଜନିତ ଓ ଦାନ୍ତ ଖାଇଯିବା ଭଳି ରୋଗରେ ପୀଡ଼ିତ ହୋଇ ଆସୁଥିଲେ। ଅଞ୍ଚଳରେ ପାନୀୟ ଜଳର ଆବଶ୍ୟକତାର ଗୁରୁତ୍ୱ ଉପଲବ୍ଧି କରି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସ୍ୱର୍ଗତ ଅନନ୍ତ ଦାସଙ୍କ ଉଦ୍ୟମ ଯୋଗୁ ୨୦୧୭ରେ କେନ୍ଦ୍ର ସରକାରଙ୍କ ୭୩କୋଟି ୭୫ଲକ୍ଷ ଟଙ୍କା ଅନୁଦାନରେ ଆରୁହାବୃତ୍ତିଠାରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଏହି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଏଲ୍‌ଏନଟି କମ୍ପାନୀ ହାତକୁ ନେଇଥିଲା। ଜଳେଶ୍ୱରପୁର ଗ୍ରାମରେ ସୁବର୍ଣ୍ଣରେଖା ନଦୀଜଳକୁ ବିଶୋଧନ କରାଯାଉଛି। ୨୦ ପଞ୍ଚାୟତର ୯୨ଟି ଗ୍ରାମକୁ ୯୯ଟି ବସୁଧା ପାଣିଟାଙ୍କିରୁ ଲକ୍ଷାଧିକ ଲୋକଙ୍କ ପିଇବା ପାଣି ସମସ୍ୟା ଦୂରୀଭୂତ କରାଯାଇଥିବା ଦାବି କରାଯାଇଛି। ହେଲେ ଏହି ପାନୀୟ ଜଳରେ ଅତ୍ୟଧିକ ବ୍ଲିଚିଂ ମିଶାଯାଉଥିବାରୁ ପାନୀୟ ଉପଯୋଗୀ ହେଉ ନ ଥିବା ଅଭିଯୋଗ ହୋଇଛି।

ଅପରପକ୍ଷରେ କେନ୍ଦ୍ର ସରକାର ପକ୍ଷରୁ ୨୦୨୧ରେ ଜଳଜୀବ ମିଶନ ଅଧୀନରେ ଅନ୍ୟ ଏକ ମେଗା ପାନୀୟ ଜଳପ୍ରକଳ୍ପ ନିମନ୍ତେ ୨୧୨ କୋଟିର ଅର୍ଥ ଅନୁଦାନ ମିଳିଥିଲା। ଏହି ଅନୁଦାନରେ ଦେଉଳା ପଞ୍ଚାୟତ ଅଭିମହଲ ଗ୍ରାମରେ ଜେଏମ୍‌ସି ନାମକ ଘରୋଇ ସଂସ୍ଥା ଦ୍ୱାରା ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ପାନୀୟ ଜଳ ପ୍ରକଳ୍ପ ଅଧୀନରେ ୧୯ ବସୁଧା ପାଣିଟାଙ୍କିରୁ ୧୯ ପଞ୍ଚାୟତର ୧୨୩ ଗାଁର ଲକ୍ଷାଧିକ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦିଆଯିବା ସହିତ ଡିସେମ୍ବରେ ଏହି ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ହେବ ବୋଲି ଗ୍ରାମ ପାଇପ୍ ଜଳ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

ଅନାବଶ୍ୟକ ପାଣି ଅପଚୟ ବନ୍ଦ ପାଇଁ ଡାକବାଜି ଯନ୍ତ୍ରରେ ସଚେତନ କରାଯିବା ସହିତ ଅଭିଯୋଗ ଆସିଲେ ଘରୋଇ ପାଣି ଟ୍ୟାପ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ଭୋଗରାଇ ଗ୍ରାମ ପାଇପ୍ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ହରପ୍ରିୟା ମହାନ୍ତ ସୂଚନା ଦେଇଛନ୍ତି।

ଏ ସଂକ୍ରାନ୍ତରେ ସ୍ଥାନୀୟ ବିଧାୟକ ଗୌତମ ବୁଦ୍ଧ ଦାସ କୁହନ୍ତି, ଭୋଗରାଇରେ ପିଇବା ପାଣି ସମସ୍ୟା ଉତ୍କଟ ନୁହେଁ। ୧୪ଟି ପଞ୍ଚାୟତରେ କିଛି ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିଲା। ବିଭାଗୀୟ ଅଧିକାରୀଙ୍କୁ କହି ସେହି ପଞ୍ଚାୟତଗୁଡ଼ିକରେ ୪୦ଟି ନଳକୂପ ବସାଯାଇଛି। ଏହା ସହିତ ପିଇବା ପାଣି ଯୋଗାଇ ସମସ୍ୟା ଦୂରୀଭୂତ କରାଯାଇଥିବା ସେ କହିଛନ୍ତି। ଖୁବ୍ ଶୀଘ୍ର ଦ୍ୱିତୀୟ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହିତ ପ୍ରଥମ ମେଗା ପାନୀୟଜଳ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରି ପିଇବା ଉପଯୋଗୀ କଲେ ଲୋକଙ୍କର ସମସ୍ୟା ଦୂର ହେବ ବୋଲି ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

# ବାପାଙ୍କ ସହ ମିଶି ସ୍ୱାମୀଙ୍କୁ ଛୁରି ଭୁସି ହତ୍ୟା କଲେ ସ୍ତ୍ରୀ

**ବଢ଼ିବାରେ ଲାଗିଛି ପାରିବାରିକ ହିଂସା। କୌଣସି ଘଟଣାକୁ ସହ୍ୟ କରିବାର ମାନସିକତା ଲୋକଙ୍କ ମଧ୍ୟରେ ଆଉ ଦେଖିବାକୁ ମିଳୁନାହିଁ। ଯାହାଫଳରେ ନିଜର ସମ୍ପର୍କୀୟଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାଉ ନାହାନ୍ତି। ଗତ ୩ ଦିନ ତଳେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜର ଫରେଷ୍ଟର ଶିଶିର କୁମାର ସାହୁଙ୍କୁ ସ୍ତ୍ରୀ ଏବଂ ପୁଅ ପେଟ୍ରୋଲ୍ ଢାଳି ଜିଅନ୍ତା ଜାଳି ଦେଇଥିଲେ। ସୋମବାର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ରବିବାର ରାତିରେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ସ୍ତ୍ରୀ ଓ ଶ୍ୱଶୁର(ବାପଝିଅ) ମିଶି ତାଙ୍କୁ ଏପରି ହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ କାଳିଆ ସେଠୀ। ପୋଲିସ ମୃତଦେହ ଜବତ କରିଛି। ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ୱାମୀଙ୍କୁ ହତ୍ୟା କରିବାକୁ ସ୍ତ୍ରୀ ପଛାଇଲେ ନାହିଁ ବୋଲି ଅଭିଯୋଗ ହୋଇଛି।**

## ପରକୀୟା ପ୍ରୀତିକୁ ବିରୋଧ କରିବାରୁ ହତ୍ୟାକାଣ୍ଡ

କବିସୂର୍ଯ୍ୟନଗର, ୨।୬(କୃପାସିନ୍ଧୁ ସ୍ୱାଇଁ)

ଗୋବିନ୍ଦପୁର ଗ୍ରାମର କାଳିଆ ସେଠୀ ଗତ ୧୩ ବର୍ଷ ତଳେ ପୋଲସରା ଥାନା ଡିମ୍ବିରିଆ ଗ୍ରାମର ମୋଚିରାମ ସେଠୀଙ୍କ ଝିଅ ପୂଜା ସେଠୀଙ୍କୁ ଭଲ ପାଇ ବିବାହ କରିଥିଲେ । କିଛି ଦିନ ଭଲରେ ଚଳିବା ପରେ ଉଭୟଙ୍କ ମଧ୍ୟରେ ଅଶାନ୍ତି ଆରମ୍ଭ ହୋଇଥିଲା। ସ୍ୱାମୀ କାମ କରିବାକୁ ଯିବା ପରେ ପୂଜା ଅନ୍ୟ କାହା ସହ ଫୋନରେ ଦୀର୍ଘ ସମୟ ଧରି କଥା ହେଉଥିବା ଜାଣି କାଳିଆ ବାରଣ କରିଥିଲେ। ଏହାକୁ ନେଇ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହୋଇଥିଲା। ଏପରି କି ଦୁଇଥର ବାଲିଛାଇ ଫାଣ୍ଡିରେ ଘଟଣା ପହଞ୍ଚି ସମାଧାନ ମଧ୍ୟ ହୋଇଥିଲା। ତଥାପି କଥା ସେତିକିରେ ସରି ନ ଥିଲା। ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଚିନ୍ତା କରିଥିଲେ ସ୍ତ୍ରୀ ଏବଂ ଶ୍ୱଶୁର। ଶେଷରେ କାଳିଆଙ୍କ ସ୍ତ୍ରୀ ପୂଜା ଓ ଶ୍ୱଶୁର ମୋଚିରାମ ପୁଅକୁ ହତ୍ୟା କରିଥିବା ବାପା ଅଭିମନ୍ୟୁ ସେଠୀ କହିଛନ୍ତି।

ଅଭିମନ୍ୟୁଙ୍କ ଅଭିଯୋଗ ଅନୁସାରେ, ଗତ ଫେବୃଆରୀ ମାସରେ ପୂଜା ବାପଘରକୁ ଯାଇ ଆଉ ଶାଶୁଘରକୁ ଫେରି ନ ଥିଲେ। ସେ ବାରମ୍ବାର ଫୋନରେ କାଳିଆଙ୍କୁ ଧମକଚମକ ଦେଉଥିଲେ। ଗତ ରବିବାର ରାତିରେ କାଳିଆ ଘରେ ଶୋଇଥିଲେ। ଘରର କବାଟ ଆଉଜା ହୋଇଥିଲା। ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ପୂଜା ଓ ତାଙ୍କ ବାପା ଆସି ଛୁରିରେ କାଳିଆଙ୍କ ଛାତି ଏବଂ ହାତକୁ ଭୁସି ଫେରାର ହୋଇଯାଇଥିଲେ। ଖବର ପାଇ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଅଭିମନ୍ୟୁଙ୍କ ଅଭିଯୋଗ ଆଧାରରେ ପୋଲିସ ବିଏନ୍ଏସ୍ ଦଫା ୧୦୩(ହତ୍ୟା) ର ଏକ ମାମଲା(ନଂ. ୩୯୫/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୁଷୋତ୍ତମପୁର ଏସ୍ଡିପିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବାପା ନିଜ ଝିଅର ସିନ୍ଦୂର ପୋଛିଦେବା ପରି ସ୍ୱର୍ଣ୍ଣକାତର ଘଟଣା ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ମୃତ କାଳିଆଙ୍କ ୧୦ ବର୍ଷର ଏକ ପୁଅ ରହିଛି।



ପୋଲିସ ତଦନ୍ତ କରୁଥିବା ବେଳେ ଅଭିମନ୍ୟୁ ଏତଲାପତ୍ର ଦେଉଛନ୍ତି।

# ୫୦ ଲକ୍ଷ ଟଙ୍କାର ୨ ହାତୀଦାନ୍ତ ଜବତ, ଜଣେ ଗିରଫ

## ବୌଦ୍ଧରେ ଏସ୍ଟିଏଫ୍ ଚଢ଼ାଉ

ବୌଦ୍ଧ,(ଅଜିତ କୁମାର ବାରିକ)/ ଭୁବନେଶ୍ୱର,୨।୬ (ସତ୍ୟଜିତ୍ ରାଉତ)

କ୍ରାଇମ୍ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍ଟିଏଫ୍) ବୌଦ୍ଧରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କଠାରୁ ୫୦ଲକ୍ଷ ଟଙ୍କାର ଦୁଇଟି ହାତୀଦାନ୍ତ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ଚରଦା ଗ୍ରାମର ପ୍ରମୋଦ ପରିଡ଼ା (୪୫)। ଜବତ ହାତୀଦାନ୍ତ ମଧ୍ୟରେ ଗୋଟିଏ ୪୨ ଇଞ୍ଚ ଓ ଅନ୍ୟଟି ୪୮ ଇଞ୍ଚ ବୋଲି ଜଣାପଡ଼ିଛି। ବୌଦ୍ଧ-ସୋନପୁର ରୋଡ(ଜାତୀୟ ରାଜପଥ-୫୭)ର ତେଲିବନ୍ଧ ଛକ ନିକଟରେ ରବିବାର ସନ୍ଧ୍ୟାରେ ଏସ୍ଟିଏଫ୍ ଟିମ୍ ବୌଦ୍ଧ ଫରେଷ୍ଟ ରେଞ୍ଜ ଅଧିକାରୀଙ୍କ ସହ ମିଳିତ ଚଢ଼ାଉରେ ଏହି ସଫଳତା ପାଇଛି। ଅଭିଯୁକ୍ତ ପ୍ରମୋଦଙ୍କୁ ବୌଦ୍ଧ ବନ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ବନ ବିଭାଗ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ପ୍ରମୋଦଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରମୋଦ କିଛିଦିନ ହେଲା ହାତୀଦାନ୍ତ ଦୁଇଟିକୁ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିଲେ। ଏନେଇ ଏସ୍ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ପ୍ରମୋଦ ହାତୀଦାନ୍ତକୁ ନେଇ ଜାତୀୟ ରାଜପଥ ପାର୍ଶ୍ୱରେ ଯାଉଥିବାବେଳେ ମିଳିତ ଟିମ୍ ଚଢ଼ାଉ କରିଥିଲା। ତେବେ ହାତୀଦାନ୍ତ ଦୁଇଟି କେତେବର୍ଷ ହାତୀର ଓ କେଉଁ ହାତୀର ଦାନ୍ତ ତାହା ଜଣାପଡ଼ିନାହିଁ। ଏପରିକି ବହୁ ପୁରୁଣା ଦାନ୍ତ ବୋଲି ସନ୍ଦେହ କରାଯାଉଛି। ଏନେଇ ଏସ୍ଟିଏଫ୍ ଡିଆଇଜି ପିନାକ ମିଶ୍ର କହିଛନ୍ତି, ଜବତ ହାତୀଦାନ୍ତକୁ ଫରେନ୍ସିକ୍ ଲ୍ୟାବକୁ ପଠାଯାଇ ତଥ୍ୟ ହାସଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଲିଙ୍କ୍ରେ ଅନ୍ୟ କାହାର ସମ୍ପୃକ୍ତି ରହିଛି, ସେନେଇ ତଦନ୍ତ ହେବାପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।



ଅଭିଯୁକ୍ତ ପ୍ରମୋଦ ପରିଡ଼ା ଧରିଥିବା ହାତୀ ଦାନ୍ତ।

# ହତ୍ୟାର ଡେମୋ ଦେଖାଇଲେ ଅଭିଯୁକ୍ତ ବୁଲୁ

## ବିଲ୍ଡର ସସ୍ମିତ ବିଶ୍ୱାଳ ହତ୍ୟା ଘଟଣା

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)

ଜମି ବିବାଦକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୧୧ରେ ଏୟାରଫିଲ୍ଡ ଥାନା ଅଞ୍ଚଳ ପ୍ରଧାନସାହି ନିକଟ କାଜୁ ଜଙ୍ଗଲରେ ବିଲ୍ଡର ସସ୍ମିତ ବିଶ୍ୱାଳ ଓରଫ ଟିନୁ(୪୭)ଙ୍କୁ ହତ୍ୟା ଘଟଣାରେ ପୋଲିସ ଅଧିକ ଖୋଳତାଡ଼ କରୁଛି। ଏହି ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପ୍ରଧାନସାହିର ଦେବଦତ୍ତ ପରିଡ଼ା ଓରଫ ବୁଲୁଙ୍କୁ ପୋଲିସ ହତ୍ୟାକାଣ୍ଡସ୍ଥଳକୁ ନେଇ ସୋମବାର କ୍ରାଇମ୍ ସିନ୍ ରିକ୍ରିଏଟ୍ କରିଛି। ବୁଲୁ ହତ୍ୟାକାଣ୍ଡ ପରେ ଫେରାର ହୋଇଯାଇଥିଲେ। ସେ ଗତ ୨୭ ତାରିଖରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପୋଲିସ ତାଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାରେ ଲାଗିଛି। ବୁଲୁଙ୍କୁ ପୋଲିସ ଟିମ୍ କାଜୁଜଙ୍ଗଲକୁ ନେଇଥିଲା। ବୁଲୁ ହାତଠାରି ହତ୍ୟାର ଡେମୋ ଦେଖାଇଥିଲେ। ଏଥିସହ ହତ୍ୟାରେ ବ୍ୟବହୃତ ବାଡ଼ିକୁ ସେ ଯେଉଁଠି ଫିଙ୍ଗିଥିଲେ, ଉକ୍ତ ସ୍ଥାନ ଚିହ୍ନାଇଥିଲେ। ପୋଲିସ ସେଠାରୁ ଉକ୍ତ ବାଡ଼ିକୁ ଜବତ କରିଛି।

ଏୟାରଫିଲ୍ଡ ଥାନାଧିକାରୀ ଶଶିକାନ୍ତ ରାଉତ କହିଛନ୍ତି, କେମିକାଲ୍ ଟେଷ୍ଟ ପାଇଁ ଜବତ ବାଡ଼ିକୁ ଷ୍ଟେଟ୍ ଫରେନ୍ସିକ୍ ସାଇନ୍ସ ଲାବରେଟୋରି (ଏସ୍ଏଫ୍ଏସ୍ଏଲ୍)କୁ ପଠାଯିବ। ଏହି ମାମଲାରେ ଗତ ମାର୍ଚ୍ଚ ୧୨ରେ ହୋମଗାର୍ଡ ସୁକାନ୍ତ ବେହେରାଙ୍କ ସମେତ ୪ଜଣ ଗିରଫ ହୋଇ ଜେଲରେ ଥିବାବେଳେ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଛି। ତେବେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପ୍ରଧାନସାହିର ଟୁଲୁ ମହାନ୍ତିଙ୍କ ସମେତ ୮ରୁ ୯ ଜଣ ଅଦ୍ୟାବଧି ଫେରାର ଅଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଜମି ବ୍ୟବସାୟରେ ସସ୍ମିତଙ୍କ ପାର୍ଟନର ଥିଲେ ଟୁଲୁ। କିଛିମାସ ତଳେ ପ୍ରଧାନସାହି ମୌଜାରେ ସସ୍ମିତ ଏକ ବଡ଼ ଜମି କିଣିଥିଲେ। ଉକ୍ତ ଜମିକୁ ଲାଗି ହୋମଗାର୍ଡ ସୁକାନ୍ତଙ୍କ ଏକ ପ୍ଲଟ୍ ଥିବା ବେଳେ ସେଥିରୁ ସସ୍ମିତଙ୍କୁ ରାସ୍ତା ଦେବେ ବୋଲି ଏଗ୍ରିମେଣ୍ଟ ହୋଇଥିଲା। ଏଥିପାଇଁ ସୁକାନ୍ତ ଲକ୍ଷାଧିକ ଟଙ୍କା ଦାବି କରି ନେଇଥିଲେ। ହେଲେ ଟୁଲୁଙ୍କ କଥାରେ ପଡ଼ି ସୁକାନ୍ତ ଆଉ ଧରା ଛୁଆଁ ଦେଇ ନ ଥିଲେ। ସସ୍ମିତ ସେଠାରେ ରାସ୍ତା ସହ ପାଚେରି କରିବା ବେଳେ ସୁକାନ୍ତ ଓ ଟୁଲୁ ବିରୋଧ କରିଥିଲେ। ଘଟଣା ଦିନ ସକାଳେ ସସ୍ମିତ ସ୍କୁଟି ଯୋଗେ ସେଠାକୁ ଯାଇଥିବାବେଳେ ସୁକାନ୍ତ, ଟୁଲୁ, ବୁଲୁ ଓ ଅନ୍ୟମାନେ ତାଙ୍କୁ ପିଟି ହତ୍ୟା କରିଥିଲେ।

# ୬ ଆନ୍ତଃରାଜ୍ୟ ଡକାୟତ ଗିରଫ

## ଡକାୟତି ଯୋଜନା ବେଳେ ଚଢ଼ାଉ

ବନ୍ଧମୁଣ୍ଡା/ରାଉରକେଲା,୨।୬ (ସୁବ୍ରତ ଡେ/ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବନ୍ଧମୁଣ୍ଡା ମଶାଣି ନିକଟସ୍ଥ ପ୍ରେମନଗର ଖେଳପଡ଼ିଆରେ ରବିବାର ବିଳମ୍ବିତ ରାତିରେ ଡକାୟତିଯୋଜନା କରୁଥିବାବେଳେ ପୋଲିସ ଏକ ଡକାୟତ ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଟୁ ତନ୍ତି (୨୬), ଅଂଶୁ କୁମାର (୨୧), ୱାଇ. କ୍ରିଷ୍ଣା(୨୬), ଅଜୟ ପଟ୍ଟନାୟକ(୩୦), ବିବେକ ମୋଦକ(୩୬) ଏବଂ ଅତନୁ ମୁଖୀ(୪୩)। ଏ ନେଇ ବନ୍ଧମୁଣ୍ଡା ଥାନାରେ ଏକ ମାମଲା (ନଂ.୧୨୫/୨୫) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କଠାରୁ ୪ଟି ଦେଶୀ ପିସ୍ତଲ, ଗୋଟିଏ ଦେଶୀ ରିଭଲବର, ୪ଟି ଖାଲି ମାଗାଜିନ୍, ୧୫ ଜୀବନ୍ତ ଗୁଳି, ଦୁଇଟି ଖଣ୍ଡା, ଗୋଟିଏ ରଡ୍, ଗୋଟିଏ ଟର୍ଚ୍ଚ, ୫ଟି ମୋବାଇଲ୍ ଫୋନ୍ ଏବଂ ୬ଟି ଖାଲି ବିୟର ବୋତଲ ଜବତ କରାଯାଇଛି। ଏ ନେଇ ସୋମବାର ମଧ୍ୟାହ୍ନ ସାଢେ ୧୨ଟାରେ ବନ୍ଧମୁଣ୍ଡା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍ପି ରାଜକିଶୋର ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

ଅତିରିକ୍ତ ଏସ୍ପି ମିଶ୍ର ସୂଚନା ଦେଇ କହିଲେ, ରବିବାର ବିଳମ୍ବିତ ରାତିରେ ବନ୍ଧମୁଣ୍ଡା ମଶାଣି ନିକଟସ୍ଥ ପ୍ରେମନଗର ଖେଳପଡ଼ିଆରେ ଅଭିଯୁକ୍ତମାନେ ସଶସ୍ତ୍ର ଡକାୟତିପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ବନ୍ଧମୁଣ୍ଡା ଥାନାଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରିଥିଲା। ଡକାୟତ ଗ୍ୟାଙ୍ଗ୍ର ମୁଖ୍ୟ ବିଟୁ ଚୋରି, ଡକାୟତି, ହତ୍ୟା, ଆକ୍ରମଣ ଏବଂ ମହିଳା ବିରୋଧୀ ଅପରାଧ ସମେତ ମୋଟ ୩୪ରୁ ଅଧିକ ମାମଲାରେ ଜଡ଼ିତ ଅଛନ୍ତି। ସେହିପରି ପୂର୍ବରୁ ଅଂଶୁଙ୍କ ନାଁରେ ବ୍ରାହ୍ମଣୀତରଙ୍ଗ ଥାନାରେ ଗୋଟିଏ, ଅଜୟଙ୍କ ନାଁରେ ବନ୍ଧମୁଣ୍ଡା ଥାନାରେ ୨ଟି, ଅତନୁଙ୍କ ନାଁରେ ବିଶ୍ରା ଥାନାରେ ଗୋଟିଏ ଆପରାଧିକ ମାମଲା ରହିଛି। ଏହି ଡକାୟତ ଗ୍ୟାଙ୍ଗ୍ର ସଦସ୍ୟମାନେ ଝାଡ଼ଖଣ୍ଡ ଏବଂ ବିହାରରୁ ବେଆଇନ ଅସ୍ତ୍ରଶସ୍ତ୍ର କିଣି ବନ୍ଧମୁଣ୍ଡା ଏବଂ ରାଉରକେଲା ଅଞ୍ଚଳକୁ ଚୋରାଚାଲାଣ କରୁଥିଲେ। ଦୀର୍ଘଦିନ ଧରି ଅଞ୍ଚଳରେ ସକ୍ରିୟ ରହି ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିଲେ। ଏହି ଚଢ଼ାଉରେ ଏସ୍ଆଇ ମନୋଜ ବାରା, ସିଦ୍ଧାର୍ଥ ପ୍ରଧାନ, ଅର୍ଜୁନ ସେଠୀ, ଏଏସଆଇ ରତ୍ନାକର ମୁଣ୍ଡା ପ୍ରମୁଖ ସାମିଲ ଥିଲେ। ଖବରଦାତା ସମ୍ମିଳନୀରେ ଡିଏସ୍ପି ଅମରେନ୍ଦ୍ର ଷଣ୍ଢ ଉପସ୍ଥିତ ଥିଲେ।

## BUSINESS

# ଦୁଇଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି

### ୨୦୨୫-୨୬ ଆର୍ଥିକବର୍ଷରେ ୪ରୁ ୭% ବୃଦ୍ଧି ଆକଳନ

ନୂଆଦିଲ୍ଲୀ,୨।୬:

କ୍ରମାଗତ ଭାବେ ଘରୋଇ ବଜାରରେ ଦୁଇଚକିଆ ଯାନ ବିକ୍ରିରେ ବୃଦ୍ଧି ପରିଲକ୍ଷିତ କରାଯାଉଛି। ଏପରି କି ୨୦୨୪ ପାର୍ବଣଠାରୁ ଦୁଇ ଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। ବିଶେଷ କରି ଦେଶର ଗ୍ରାମାଞ୍ଚଳରେ ଦୁଇଚକିଆ ଯାନର ବିକ୍ରି ପରିମାଣ ଅଟୋ ଶିଳ୍ପର ମାସିକ ଯାନ ବିକ୍ରି ଫଳାଫଳରୁ ସ୍ପଷ୍ଟ ଜଣାପଡିଛୁ। ଅପରପକ୍ଷରେ ଦୁଇ ଚକିଆ ଯାନ ବ୍ରାଣ୍ଡ ବଜାଜ, ଟିଭିଏସ, ହିରୋ, ହୋଣ୍ଡା, ସୁଜୁକି, ରୟାଲ ଏନ୍ଫିଲ୍ଡ, ୟାମାହା ଏବଂ ଅନ୍ୟ ପ୍ରମୁଖ ଦୁଇ ଚକିଆ ଗାଡ଼ିର ଚାହିଦା ଓ ବଜାର ଆବଶ୍ୟକତା ବୃଦ୍ଧି ପାଇଛି। ସେହିଭଳି ଦୁଇ ଚକିଆର ଦର ଓ ଅଫର ସାଙ୍ଗକୁ ଆବଶ୍ୟକ ସୁବିଧା ଓ ସରଞ୍ଜାମ ସହଜରେ ଉପଲବ୍ଧ ହେଉଥିବାରୁ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଗ୍ରାହକ ଦୁଇ ଚକିଆ ଯାନର ବ୍ୟବହାର ଓ କ୍ରୟକୁ ସର୍ବାଧିକ ପସନ୍ଦ କରୁଛନ୍ତି। ଏପରି କି ଗାଡି ବିକ୍ରି ପରବର୍ତ୍ତୀ ସେବା ଓ ସହଜରେ ଗାଡିର ଆବଶ୍ୟକ ସେବା ଓ ସୁବିଧା ଉପଲବ୍ଧ ହେଉଥିବାରୁ ଗ୍ରାହକ ଦୁଇ ଚକିଆ ଯାନକୁ ବେଶି ପସନ୍ଦ କରୁଥିବାବେଳେ ଉପଭୋକ୍ତ (ଗ୍ରାହକ)ଙ୍କର ଆବଶ୍ୟକତା ମଧ୍ୟ ପୂରଣ ହୋଇପାରୁଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ ଚକିଆ ଯାନର ଚାହିଦା ବୃଦ୍ଧି ସାଙ୍ଗକୁ ଏହି ଅବଧି ମଧ୍ୟରେ ୪ରୁ ୭% ଗାଡି ବିକ୍ରି ବୃଦ୍ଧିର ଆକଳନ ଶିଳ୍ପ ପକ୍ଷରୁ କରାଯାଉଛି। ଏପରି କି ଆଉ କିଛି ମାସ ପରେ ପାର୍ବଣ ଋତୁ ସାଙ୍ଗକୁ ଅନ୍ୟାନ୍ୟ ମହୋତ୍ସବ ଆସିବ। ଅପରପକ୍ଷରେ ୨୦୨୫-୨୬ରେ ଉପରୋକ୍ତ ବ୍ରାଣ୍ଡର ନୂଆ ମଡେଲ ବଜାର ପ୍ରବେଶ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଶିଳ୍ପ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।



# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୭୭ (୭୭.୨୬) ପଏଣ୍ଟ ହ୍ରାସ ଘଟି ୮୧,୩୭୪ (୮୧,୩୭୩.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୪ (୩୪.୧୦) ପଏଣ୍ଟ କମି ୨୪,୭୧୭ (୨୪,୭୧୬.୬୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଶୈଳେଶ ଏଫ୍ଏଆଇର ନୂଆ ଅଧ୍ୟକ୍ଷ

ଭୁବନେଶ୍ୱର,୨।୬

ଫର୍ଟିଲାଇଜର ଆସୋସିଏଶନ ଅଫ୍ ଇଣ୍ଡିଆ(ଏଫଏଆଇ)ର ନୂଆ ଅଧ୍ୟକ୍ଷ ଭାବେ ଉଦ୍ୟୋଗପତି ଶୈଳେଶ ସି. ମେହଟା ନିର୍ବାଚିତ ହୋଇଛନ୍ତି। ଏପରିକି ଏହି ଶିଳ୍ପରେ ଚାରି ଦଶନ୍ଧିରୁ ଅଧିକ କାଳ ଅଭିଜ୍ଞତା ଥିବା ମେହଟା ମଧ୍ୟ ଫର୍ଟିଲାଇଜର ଆସୋସିଏଶନ ଅଫ ଇଣ୍ଡିଆ(ପଶ୍ଚିମାଞ୍ଚଳ)ର ଚେୟାରମ୍ୟାନ ଭାବେ ୫ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ସେହିଭଳି ଦୀପକ ଫର୍ଟିଲାଇଜର୍ସ ଆଣ୍ଡ ପେଟ୍ରୋକେମିକାଲ୍ସ କର୍ପୋରେଶନ ଲିମିଟେଡ ଏବଂ ମହାଧନ ଏଗ୍ରିଟେକ ଲିମିଟେଡର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଶୈଳେଶ ସି. ମେହଟାଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି।

ଏହି ପରିପ୍ରେକ୍ଷୀରେ ମେହଟା କହିଥିଲେ, ଭାରତର ଖାଦ୍ୟ ନିଅଣ୍ଟିଆ ସ୍ଥିତିରୁ ବୈଶ୍ୱିକ କୃଷି ରପ୍ତାନିକାରୀ ଭାବେ ଯାତ୍ରା ଉଲ୍ଲେଖନୀୟ ହୋଇଛି। ଏହି ଯାତ୍ରାରେ ସାର ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ନିରନ୍ତର ଜାରି ରଖିଛି ଏବଂ ସମ୍ପ୍ରତି ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରୁଥିବା ଅଧିକ ସନ୍ତୁଳିତ ଏବଂ ପୋଷକ-ଭରପୂର ସାର ଉପରେ ଦୃଷ୍ଟିନିବଦ୍ଧ କରୁଛି। ସରକାର, ଶିଳ୍ପ ଏବଂ ଆମ କୃଷକଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟକରିବାକୁ ନେଇ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। ବିଶେଷକରି ବିଶ୍ୱ ମାନଚିତ୍ରରେ ଭାରତୀୟ କୃଷକ ଏବଂ କୃଷି ଉତ୍ପାଦିକତାକୁ ଉଚ୍ଚତର ସୋପାନକୁ ନେଇଯିବାରେ ଏକ ରୂପାନ୍ତରଣକାରୀ ଭୂମିକା ନିର୍ବାହ କରୁଛି। ଗତ ଦୁଇ ଦଶନ୍ଧିରେ ଭାରତର କୃଷି ଉତ୍ପାଦନ ଅଭିବୃଦ୍ଧିରେ ୬୦% ଏବଂ ଉଦ୍ୟାନକୃଷି ଉତ୍ପାଦନରେ ୪୦% ଅଭିବୃଦ୍ଧି ହାସଲ କରିବାରେ ସାର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।



ଶୈଳେଶ ସି. ମେହଟା


# ପୁରୀ ରଥଯାତ୍ରା ସେବାରେ ଭାରତୀୟ ବ୍ରାଣ୍ଡ୍ର ସମର୍ଥନ

ଭୁବନେଶ୍ୱର,୨।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୁରୀ ରଥଯାତ୍ରାରେ ଚାଏପାନି ସାମିଲ ହେଉଛି। ଏପରିକି ଜିଲା ପ୍ରଶାସନ ନିର୍ଦ୍ଦେଶରେ ଚାଏପାନିକୁ ବ୍ରାଣ୍ଡ୍-ନେତୃତ୍ୱ ଏବଂ ସାମାଜିକ ପଦକ୍ଷେପଗୁଡ଼ିକର ସମନ୍ୱୟ ପାଇଁ ନିଯୁକ୍ତ କରାଯାଇଛି। ଅପରପକ୍ଷରେ ଚଳିତ ବର୍ଷର ପୁରୀ ରଥଯାତ୍ରା ବିଶ୍ୱାସ ଏବଂ କର୍ପୋରେଟ୍ ସଦ୍ଭାବନାର ଏକ ଅନନ୍ୟ ସଙ୍ଗମ ଦେଖିବାକୁ ଯାଉଛି। ପୁରୀ ଜିଲା ପ୍ରଶାସନ ଦ୍ୱାରା ଉତ୍ସାହିତ ହୋଇ ଅନେକ ଭାରତୀୟ ବ୍ରାଣ୍ଡ୍ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା କାର୍ଯ୍ୟରେ ସାମିଲହୋଇ ପବିତ୍ର ପୁରୀ ସହରକୁ ସେମାନଙ୍କର ସମର୍ଥନ ପ୍ରଦାନ କରୁଛନ୍ତି। ଏପରିକି ଭିତ୍ତିଭୂମି, ଡିଜିଟାଲ୍ ଏବଂ ସାର୍ବଜନୀନ ସେବା ସହାୟତାଠାରୁ ଆରମ୍ଭକରି ବହୁ ଲକ୍ଷ ଭକ୍ତଙ୍କ ପାଇଁ ଏକ ସୁଗମ ବ୍ୟବସ୍ଥା ଆୟୋଜନ କରାଯାଉଛି। ସେହିଭଳି ଆଧ୍ୟାତ୍ମିକ ସମୃଦ୍ଧ ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ବ୍ରାଣ୍ଡଗୁଡ଼ିକ ସେମାନଙ୍କର ସେବା ଏବଂ ସମ୍ବଳ ମଧ୍ୟ ପ୍ରଦାନ କରୁଛନ୍ତି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଉତ୍ତମ ଭିଡ଼ ପରିଚାଳନା ବ୍ୟବସ୍ଥା, ପାନୀୟ ଜଳ ଏବଂ ଛାଇ ଆଦିର ଉପଲବ୍ଧତାକୁ ଉନ୍ନତ କରିବା ସହିତ ଡିଜିଟାଲ୍ ସେବାଗୁଡ଼ିକୁ ସକ୍ଷମ କରିବା ଏବଂ ପୁରୀ ରଥଯାତ୍ରାରେ ସ୍ୱଚ୍ଛତା ଓ ସାମାଜିକ ସମ୍ପର୍କକୁ ଯୋଗଦାନ ଦେବା। ଏ ସମ୍ପର୍କରେ ଚାଏପାନିର ପ୍ରତିଷ୍ଠାତା ଶ୍ରୁତି ଚତୁର୍ବେଦୀ କହିଛନ୍ତି, ପୁରୀ ରଥଯାତ୍ରା ଏକ ଜୀବନ୍ତ ପରମ୍ପରା, ଯାହା ବହୁ ଲକ୍ଷ ଲୋକଙ୍କୁ ଭାବପ୍ରବଣ କରିଦିଏ। ଆମେ ପ୍ରତ୍ୟେକ ବ୍ରାଣ୍ଡ ଏବଂ କର୍ପୋରେଟ୍ ଉପସ୍ଥିତିକୁ ପ୍ରକୃତ ତୀର୍ଥ ମୂଲ୍ୟରେ ପରିଣତ କରିବା ଏବଂ ହିନ୍ଦୁ ଧର୍ମର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରୁଛୁ। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଏପରି ବ୍ରାଣ୍ଡ ସହଭାଗିତା ଆଣିବା ଯାହା ରଥଯାତ୍ରାକୁ ଭକ୍ତମାନଙ୍କ ପାଇଁ ଏକ ଉତ୍ତମ ଅଭିଜ୍ଞତାରେ ପରିଣତ କରିଥାଏ।

ଏହି ସହଯୋଗିତାଗୁଡ଼ିକୁ ଉଦ୍ଦେଶ୍ୟମୂଳକ କରିବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଚାଏପାନିକୁ ବ୍ରାଣ୍ଡ-ନେତୃତ୍ୱ ଏବଂ ସାମାଜିକ ପଦକ୍ଷେପଗୁଡ଼ିକର ସମନ୍ୱୟ ପାଇଁ ନିଯୁକ୍ତ କରାଯାଇଛି।

# ଜେଇଇ-ଆଡ୍ଭାନ୍ସଡ୍ରେ ଆଲେନର ବାଜିମାତ



ଭୁବନେଶ୍ୱର,୨।୬ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଲେନ (ଆଲେନ କ୍ୟାରିଅର ଇନ୍ଷ୍ଟିଚ୍ୟୁଟ ପ୍ରାଇଭେଟ ଲିମିଟେଡ୍)ର ଛାତ୍ରୀଛାତ୍ରମାନେ ଜେଇଇ-ଆଡ୍ଭାନ୍ସଡ୍ ୨୦୨୫ର ଫଳାଫଳରେ ବାଜିମାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଆଇଟି କାନପୁର ପକ୍ଷରୁ ସୋମବାର ଜେଇଇ-ଆଡ୍ଭାନ୍ସଡ୍ ୨୦୨୫ର ଫଳାଫଳ ଘୋଷଣା କରାଯାଇଛି। ଏହି ଫଳାଫଳ ଅନୁଯାୟୀ ଆଲେନ ଉଭୟ ସର୍ବଭାରତୀୟସ୍ତର ଓ ଭୁବନେଶ୍ୱର ଓଡ଼ିଶାରେ ଉତ୍କୃଷ୍ଟ ଫଳାଫଳ ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ଆଲେନ ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ସେଣ୍ଟର ଏବଂ ଷ୍ଟେଟ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ନେଇ ଆଲେନ ଭୁବନେଶ୍ୱରର କେନ୍ଦ୍ର ମୁଖ୍ୟ ରଜନୀଶ ଶ୍ରୀବାସ୍ତବ କହିଛନ୍ତି, ଆମେ ଆମର ଶ୍ରେଷ୍ଠ ଫଳାଫଳ ହାସଲ କରି ବେଶ୍ ଉତ୍ସାହିତ ଅଛୁ। ଆଲେନ ଭୁବନେଶ୍ୱର କେନ୍ଦ୍ରର ହଂସ ଦାରୁକା ଜେଇଇ-ଆଡ୍ଭାନ୍ସଡ୍ ୨୦୨୫ ଫଳାଫଳରେ ଅଲ୍ ଇଣ୍ଡିଆ ର୍ୟାଙ୍କ (ଏଆଇଆର) ୩୯ ହାସଲ କରିଛନ୍ତି। ସେହିପରି ଏହି କେନ୍ଦ୍ରରୁ ନବନୀତ ପ୍ରିୟଦର୍ଶୀ ଏଆଇଆର-୯୭, ସମନ ପୋଦ୍ଦାର ଏଆଇଆର-୭୧୧ ଏବଂ ଶ୍ରେୟସ ସାମନ୍ତରୀ ଏଆଇଆର-୧୦୦୦ ହାସଲ କରିଛନ୍ତି। ସେହିଭଳି ଆଲେନ କ୍ୟାରିଅର ଇନ୍ଷ୍ଟିଚ୍ୟୁଟର ସିଇଓ ନୀତିନ କୁକ୍ରେଜା କହିଛନ୍ତି, ଆଲେନ କେବଳ ଅଲ୍ ଇଣ୍ଡିଆ ଟପ୍ପର୍ ସୃଷ୍ଟି କରିନାହିଁ ବରଂ ଟପ୍-୧୦ରେ ମଧ୍ୟ ୪ଟି ସ୍ଥାନ ହାସଲ କରିଛି। ଅପରପକ୍ଷରେ ଆଲେନର କୋଟା ସେଣ୍ଟର ଛାତ୍ର ଲଗାତର ୨ୟ ବର୍ଷ ପାଇଁ ଅଲ୍ ଇଣ୍ଡିଆ ଟପ୍ପର ତାଲିକାରେ ସାମିଲ ହୋଇଛନ୍ତି।

# ଏଏସ୍ଆଇଏର ୪ର୍ଥ ସଂସ୍କରଣ ଉଦ୍ଘାଟିତ

ଭୁବନେଶ୍ୱର,୨।୬

ଇନ୍ଫୋସିସ୍ ଫାଉଣ୍ଡେଶନର ବହୁ ପ୍ରତୀକ୍ଷିତ ପ୍ରତିଯୋଗିତା ଓ ଅଭିନବ କାର୍ଯ୍ୟକ୍ରମ ଆରୋହଣ ସୋସିଆଲ ଇନୋଭେଶନ ଆୱାର୍ଡ୍ସ(ଏଏସ୍ଆଇଏ)ର ୪ର୍ଥ ସଂସ୍କରଣ ନିକଟରେ ଉଦ୍ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଇନ୍ଫୋସିସ୍ର ଜନହିତକାରୀ ଓ ସିଏସ୍ଆର୍ ଶାଖା 'ଇନ୍ଫୋସିସ୍ ଫାଉଣ୍ଡେଶନ' ପକ୍ଷରୁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଓ ଏଏସ୍ଆଇଏର ୪ର୍ଥ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭାରତରେ ସାମାଜିକ ଉଦ୍ଭାବନକୁ ତ୍ୱରାନ୍ୱିତ କରିବା ପ୍ରତି ଏହାର ପ୍ରତିଶ୍ରୁତିବଦ୍ଧତାକୁ ବଜାୟ ରଖି ଇନ୍ଫୋସିସ୍ ଫାଉଣ୍ଡେଶନ ଦେଶବ୍ୟାପୀ ଉଦ୍ଭାବନକାରୀ ଓ ସାମାଜିକ ଉଦ୍ୟୋଗୀମାନଙ୍କୁ ଏହି ଆୱାର୍ଡରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରିଛି। ସେହିଭଳି ଏଏସ୍ଆଇଏ-୨୦୨୫ ଭାରତ ଓ ବ୍ୟାପକସ୍ତରରେ ବଞ୍ଚିତ ସମୁଦାୟଗୁଡ଼ିକ ଉପରେ ଏକ ଉଲ୍ଲେଖନୀୟ ପ୍ରଭାବ ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ଟେକ୍ନୋଲୋଜି-ଆଧାରିତ ସମାଧାନ ବିକଶିତ କରିଥିବା ବ୍ୟକ୍ତିବିଶେଷ, ଟିମ, ଏନ୍ଜିଓ ଓ ସାମାଜିକ ଉଦ୍ୟୋଗଗୁଡ଼ିକୁ ସ୍ୱୀକୃତି ଓ ପୁରସ୍କୃତ କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଇନ୍ଫୋସିସ୍ ଫାଉଣ୍ଡେଶନ ମୋଟ ୨ କୋଟି ଟଙ୍କାର ପୁରସ୍କାର ରାଶି ସହିତ ପ୍ରତ୍ୟେକ ବିଜେତାଙ୍କୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛି। ଏ ସମ୍ପର୍କରେ ଇନ୍ଫୋସିସ୍ ଫାଉଣ୍ଡେଶନର ଟ୍ରଷ୍ଟି ସୁମିତ ବିରମାନି କହିଛନ୍ତି, ଏଏସ୍ଆଇଏ ମାଧ୍ୟମରେ ଆମେ ପରିବର୍ତ୍ତନକାରୀଙ୍କୁ ଚିହ୍ନଟ ଓ ସମର୍ଥନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ ପ୍ରଭାବଶାଳୀ ସମାଧାନଗୁଡ଼ିକୁ ପରିଚାଳନା କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

## ୮/୧୦ ଦିନରେ ଗଜପତି ଜିଲାରେ ୪ ଶ୍ରମିକଙ୍କ ହେଲାଣି ମୃତ୍ୟୁ

**ପାରଳାଖେମୁଣ୍ଡି, ୨।୬(ଗିରିଧାରୀ ପରିଚ୍ଛା)**


ଆନ୍ଧ୍ର ପ୍ରଦେଶକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଜପତି ଜିଲା ରାୟଗଡ଼ ବ୍ଲକ ଜିରାଙ୍ଗ ପଞ୍ଚାୟତ ରଘୁନାଥପୁର ଗ୍ରାମର ସହଦେବ ବଡ଼ ରଇତ (୨୨)। ସେ ଗ୍ରାମର ସୁବାସ ବଡ଼ରଇତଙ୍କ ବଡ଼ ପୁଅ। ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସହଦେବ ରୋଜଗାର କରିବାକୁ ଗତ ଏପ୍ରିଲରେ ଆନ୍ଧ୍ର ଯାଇଥିଲେ। ବିଶାଖାପାଟଣାର ଏକ ଘରୋଇ ସଂସ୍ଥାରେ ସିମେଣ୍ଟ ଢଳେଇ କାମରେ ନିୟୋଜିତ ଥିଲେ। ସେଠାରେ କାମ କରିବା ସମୟରେ ହଠାତ୍ ସହଦେବ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଗିତଏମ ନାମକ ମେଡିକାଲରେ ଚିକିତ୍ସା କରାଯାଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ତାଙ୍କ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ରୋଜଗାରିଆ ପୁଅକୁ ହରାଇ ମା'ବାପା ଭାଙ୍ଗି ପଡିଛନ୍ତି। ସହଦେବଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ଜିଲାରେ ୮/୧୦ ଦିନ ମଧ୍ୟରେ ୪ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହେଲାଣି। ଶନିବାର ରାୟଗଡ଼ ବ୍ଲକର ସହଦେବଙ୍କ ମୃତ୍ୟୁ ଘଟିଥିବା ବେଳେ ଏହି ବ୍ଲକର କେରାଣ୍ଡି ପଞ୍ଚାୟତ ବାଉଶ ଗାଁର ଜଣେ ଦାଦନ ଶ୍ରମିକଙ୍କ ଆନ୍ଧ୍ରର ରାଜମୁକ୍ରିଠାରେ ପୂର୍ବରୁ ମୃତ୍ୟୁ ହୋଇଛି। ଆର୍. ଉଦୟଗିରି ବ୍ଲକ ରଣାଲାଇ ଗ୍ରାମର ଜଣେ ଯୁବତୀଙ୍କ ତାମିଲନାଡୁରେ ମୃତ୍ୟୁ ଘଟିଥିବା ବେଳେ ଗୁମ୍ମା ବ୍ଲକ ଶେରଙ୍ଗ ଗ୍ରାମ ଖ୍ରୀଷ୍ଟିଆନ ସାହିର ଜଣେ ଯୁବକଙ୍କ ହାଇଦ୍ରାବାଦରେ ଦାଦନ ଶ୍ରମିକ ରୂପେ କାମ କରିବାକୁ ଯାଇ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଦାଦନ ଶ୍ରମିକଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପାଖରେ ସେମିତି କିଛି ତଥ୍ୟ ରହୁନାହିଁ। ଗ୍ରାମାଞ୍ଚଳ ସ୍ତରରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ବାହାରୁ ଆସୁଥିବା ଦଲାଲ୍‌ଙ୍କ କଥାରେ ବିଶ୍ୱାସ କରି ସେମାନେ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି।

# ସାଇକେଲ ଚାଳନା ବିଷୟରେ ଅବଗତ ହେବା ଜରୁରୀ

## ଆଜି ବିଶ୍ୱ ବାଇସାଇକେଲ ଦିବସ



ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଆମେ ନିଜକୁ ସୁସ୍ଥ ରଖିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ଖାଦ୍ୟପେୟ ବ୍ୟତୀତ ଯେଉଁ ପ୍ରମୁଖ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡୁଛି ତାହା ହେଉଛି ବ୍ୟାୟାମ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲିବା, କିଛି ସମୟ ନିଜର ଶାରୀରିକ ସ୍ଥିତି ଅନୁସାରେ ବ୍ୟାୟାମ କଲେ ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ବ୍ୟାୟାମର ଆଉ ଏକ ଭାଗ ହେଉଛି ସାଇକେଲିଂ। ଆଜିକାଲି ଅନେକ ଏହାକୁ ଅନ୍ୟତମ ବ୍ୟାୟାମ ଭାବରେ ଗ୍ରହଣ କରିନେଇଛନ୍ତି। ଏପରି କି ସାଇକେଲ କ୍ଲବ୍ ଗଠନ କରାଯାଇ ଏହାର ମହତ୍ତ୍ୱକୁ ଆହୁରି ପ୍ରଚାର କରାଯାଉଛି। ଏ ନେଇ ଅଧିକ ଜନସଚେତନା ସୃଷ୍ଟିକରିବା ପାଇଁ ପ୍ରତିବର୍ଷ ଜୁନ୍ ୩ ତାରିଖକୁ 'ବିଶ୍ୱ ବାଇସାଇକେଲ ଦିବସ' ଭାବରେ ପାଳନ କରାଯାଇ ଆସୁଅଛନ୍ତି। ଆମେରିକାରେ ରହି ସାମାଜିକ ବୈଜ୍ଞାନିକ ଭାବରେ କାର୍ଯ୍ୟ କରୁଥିବା ପୋଲାଣ୍ଡର ପ୍ରଫେସର ଲେସ୍‌ଜେକ୍ ସିବିଲିସ୍କି ପ୍ରଥମେ ଏଭଳି ଏକ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ଏପ୍ରିଲ ମାସରେ ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଏ ନେଇ ଏକ ଆଲୋଚନା ହୋଇଥିଲା। ତା'ପରେ ଏହାର ସଦସ୍ୟଗଣ ପ୍ରତିବର୍ଷ ଜୁନ୍ ୩ ତାରିଖକୁ 'ବିଶ୍ୱ ବାଇସାଇକେଲ ଦିବସ' ଭାବରେ ପାଳନ କରିବାକୁ ସହମତି ପ୍ରକାଶ କରିଥିଲେ। ସାଇକେଲ ଚାଳନା ଏକ ସହଜ ଏବଂ ସରଳ ବ୍ୟାୟାମ। ପ୍ରତିଦିନ କିଛି ସମୟ ଜଣେ ଯଦି ସାଇକେଲିଂ କରନ୍ତି, ତେବେ ତାହା ଶରୀର ପାଇଁ ଅନେକାଂଶରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହାର ଉପକାରିତା ବିଷୟରେ ସମସ୍ତେ ଅବଗତ ହେବା ନିହାତି ଦରକାର। ତେଣୁ ଏହି ଦିବସ ପାଳନ ସମୟରେ ଜନସାଧାରଣଙ୍କୁ ସାଇକେଲ ଚଲାଇବା ଏବଂ ତାହାର ଉପକାରିତା ବିଷୟରେ ସଚେତନ କରାଯାଇଥାଏ।



"ଗତ ୬-୭ବର୍ଷ ହେବ ସାଇକେଲିଂ କରୁଛି। ମୋ ପାଇଁ ଏହା ଭଗବାନ୍‌ଙ୍କ ଆଶୀର୍ବାଦ। ସାଇକେଲିଂର ବହୁତ ଆଡ୍‌ଭାଣ୍ଟେଜ୍ ରହିଛି। ସାଇକେଲିଂ କେବଳ ଏକ ବ୍ୟାୟାମ ନୁହେଁ, ଏହା ମାନସିକସ୍ତରରେ ଶାନ୍ତି ପ୍ରଦାନ କରିଥାଏ। ସାଇକେଲିଂ କରିବା ସମୟରେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଏହାର ସମ୍ମୁଖୀନ ହେବା ସମୟରେ ନିଜର ଆତ୍ମବିଶ୍ୱାସ ବଢ଼ିବା ସହ ବହୁତ କିଛି ଶିଖିବାକୁ ମିଳିଥାଏ। ସେହିପରି କମ୍ ଖର୍ଚ୍ଚରେ ବହୁତ ନୂଆ ଜାଗା ଦେଖିବା, ସେଠାକାର ଲୋକଙ୍କ ସହିତ ମିଶିବାକୁ ସୁଯୋଗ ଦେଇଥାଏ।

- ସିପ୍ରା ହୋତା, ସାଇକେଲିଷ୍ଟ



"ପୂର୍ବରୁ ଆମ ଯାତାୟାତର ମୂଳ ଆଧାର ଥିଲା ସାଇକେଲ୍। ସମୟ ସହିତ ଜୀବନଶୈଳୀରେ ପରିବର୍ତ୍ତନ ହୋଇଛି। ଗାଡ଼ି ମୋଟର ଏବଂ ଅନ୍ୟାନ୍ୟ ଯାନବାହନ ଏବେ ସାଇକେଲ୍‌ର ସ୍ଥାନ ନେଇଥିଲେ ହେଁ ଆଜି ବି ଏହାର ସ୍ଥାନ ସ୍ୱତନ୍ତ୍ର ରହିଛି। ଏହା ଆମକୁ ଶାରୀରିକ ଏବଂ ମାନସିକ ଉଭୟ ସ୍ତରରେ ସୁସ୍ଥ ରଖିଥାଏ। ସାଇକେଲ ଦ୍ୱାରା ସହଜରେ ଓ ବିନା ଖର୍ଚ୍ଚରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାଆସିବା ସମ୍ଭବ ହୋଇଥାଏ। ପୁଣି ସାଇକେଲ ଚାଳନା ଦ୍ୱାରା ପରିବେଶ ପ୍ରଦୂଷଣର ଭୟ ନ ଥାଏ। ତେଣୁ ପ୍ରତ୍ୟେକ ଲୋକ ସପ୍ତାହରେ ଅତି କମ୍‌ରେ ଦିନଟିଏ ସାଇକେଲ୍‌ରେ ଯାତାୟାତ କରିବା ଆବଶ୍ୟକ।

- ସହଦେବ ସାହୁ, ସାଇକେଲିଷ୍ଟ

# ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨।୬(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲା ପୋଲିସ ନିକଟରେ ଦୁଇ ଦୁର୍ଦ୍ଦାନ୍ତ ଓ ୨୫ ଲକ୍ଷ ପୁରସ୍କାର ଘୋଷିତ ୬ ମାଓବାଦୀଙ୍କ ସହ ୧୬ ଜଣ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ମହିଳା ଓ ପୁରୁଷ ମାଓବାଦୀଙ୍କ ଉପରେ ୮ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର, ଜଣଙ୍କ ଉପରେ ୩ ଲକ୍ଷ ଓ ୩ ଜଣଙ୍କ ଉପରେ ୨ ଲକ୍ଷ ଲେଖାଏ ପୁରସ୍କାର ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରୁ ୮ ଲକ୍ଷ ପୁରସ୍କାର ଘୋଷିତ ରିତା ଓରଫ ଡଡି ସୁକ୍କୀ ଓ ରାହୁଲ ପୁନେମ ରହିଛନ୍ତି। ସେହିପରି ୩ ଲକ୍ଷ ପୁରସ୍କାର ଘୋଷିତ ଲେକାମ ଲଖମା, ୨ ଲକ୍ଷ ସୋଡି ତୁଲା, ତେଲାମ କେଶା, ୨ ଲକ୍ଷ ପୁରସ୍କାର ଘୋଷିତ ଡୁଡି ହୁରାଙ୍କ ସହ ଅନ୍ୟ ୧୦ଜଣ ସୋମବାର ଆତ୍ମସମର୍ପଣ କରିଛନ୍ତି।

ଏମାନେ ବିଭିନ୍ନ ହିଂସାରେ ଜଡ଼ିତ ଥିଲେ। ବର୍ତ୍ତମାନ ସରକାରଙ୍କ ପୁନର୍ବାସ, ଘରକୁ ଫେରିଆସ, ଛତିଶଗଡ଼ ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇଛନ୍ତି। ଏଥିସହ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ବେଳେ ନିରୀହ ଆଦିବାସୀଙ୍କୁ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ହତ୍ୟା କରୁଥିବାରୁ ଏଥିରେ ଅତିଷ୍ଠ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସୁକ୍ମା ପୋଲିସ ପକ୍ଷରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି।


# Classified Everyday


0674-2580101, 9692975378


REAL ESTATE
SALE

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

**ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834.** D-76266




Ground Floor single room attached toilet for office space at VSS Nagar. 7873657633. D-781




Full body massage by experience therapist with homely atmosphere. 9114559860. D-780

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

Wellness relax body massage & joint pain treatment by trend therapist. 7327020180. D-76917

Newly open health benefits SPA by expert therapist. Contact- 8280961126. D-76915


## AFFIDAVIT

By virtue of an affidavit before Notary Public, Kendrapara, CF No.- 73AA476937 dtd- 31.05.2025, I have been recognized, indentifiied & known as Minati Behura, D/o- Lambodar Behura, At- Nimapur Sasan, P.O.- Nimapur (Pattamundai), Dist.- Kendrapara instead of Minati Das for all purposes. D-788

I, Karttik Dasamahapatra S/o Late Gangadhar Daitapati Resident of Matimanadap Sahi, Nabatakhana gali, P.S.- Puri Town, P.O./ Dist.- Puri, Odisha, PIN- 752001, declare by this affidavit No.- 04, dtd- 27.02.2025 that now onwards I shall be known as **KARTIK KUMAR DASMOHAPATRA** for all future purposes. D-786

By virtue of an affidavit sworn before Executive Magistrate, BBSR, dated- 02.06.2025, I Buli Choudhuri, Address: Vill- Jilunda, P.O.- Badapur, P.S.- Jarada, Dist.- Ganjam, Odisha, PIN- 761005, declare that I have changed my daughter's name from Yesmini Choudhuri to Jasmin Choudhuri. Henceforth, she shall be known as Jasmin Choudhuri for all purposes. D-783

I, Snigdha Rani Mohanty, W/o- Ashis Mohanty, resident of HIG- 30, Phase- 2, Gopabandhu Nagar, P.O./P.S.- Chhend, Rourkela, Dist.- Sundergarh, PIN- 769015, Odisha declare by this affidavit No.- 72AA 002332, dtd. 27.05.2025 that now onwards I shall be known as Snigdha Mohanty for all future purposes. D-791

I hereby declare that I will be named and identified as Manjulata Behera instead of Manjubala Behera, Village: Majhiakhanda, P.O.- Bhaliadihi, P.S.- Sarankul, Dist.- Nayagarh, PIN- 752092, Odisha. D-789

By virtue of an affidavit (No.-476), dated- 27.05.2025 sworn before Executive Magistrate, Rayagada, I, Lokesh Halwa, Address- 9th Lane, Ramkrushna Nagar, Rayagada, Odisha, PIN-765001, Aged 18 years declare that I have changed my name from Lokesha Halwa to Lokesh Halwa & D.O.B- 19.07.2007 to 19.07.2006. Henceforth, I shall be known as Lokesh Halwa for all purposes. D-785

I, Biswajit Sahoo, S/o- Subash Chandra Sahu, resident of Vill/P.O.- Habaspur, P.S.-Junagarh, Dist.- Kalahandi, (Odisha), PIN-766023 declare by this affidavit No.-350, dt. 14.05.2025 that now onwards I shall be known as BISWAJIT SAHU for all future purposes. D-794

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, BBSR, dated- 28.06.2025, I, Alok Das, Address- Alok Das Gangada Bandhamunda, Deriki, Naugaon, Jagatsinghpur declare that I have changed the name of my daughter's Aradhya Das to Subhashree Das. Henceforth, she shall be known as Subhashree Das for all purposes.
Alok Das
D-782

By virtue of an affidavit sworn before the Notary, Balangir, No.-226, date 02.06.2025, I, Ahaladina Rana, W/o- Shibaram Rana, R/o. Village- Sihini, P.O.- Bahabal, P.S.- Belpada, Dist.- Balangir declare that I have changed my name from Ahaladina Rana to Allahadini Rana. Henceforth, I shall be known as Allahadini Rana for all purposes. D-793


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
Q19972384G@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

NOTICE UNDER ORDER 5 RULE-20 OF C.P.C. READ WITH SECTION 372 OF INDIAN SUCCESSION ACT
IN THE COURT OF THE CIVIL JUDGE (SR.D.), DHENKANAL
Intestate case No.-4/2024
Minati Lenka & another ....Petitioners.
Versus
L.I.C. of India, Dhenkanal Branch ... Opp. Party

WHEREAS the Petitioners 1) Minati Lenka, W/o Lalit Kumar Lenka, 2) Lalit Kumar Lenka, S/o Late Kishore Lenka, both are of Village- Mahadia, P.O.- Belapada, P.S.- Motanga, Dist.- Dhenkanal have filed the above case for grant of succession certificate for getting the death claim amount of Rs. 1,00,000/- along with interest against the L.I.C. policy bearing No.- 588632477, dt-4.09.2009 opened in the name of deceased Sudeshna Manjari Lenka from the L.I.C. of India, Dhenkanal Branch. Sudeshna Manjari Lenka has been expired on 04.07.2010.

As such it is hereby noticed that if any body else having any interest or objection for grant of such certificate, he/she/they may contest the case in support of his/her/their claim and to appear before the court in person or through his/her/their pleader on this the 20th day of June, 2025 at about 10.30A.M. failing which the case will be heard and determined in his/her/their absence.

Given under my hand and seal of this Court, this 19th day of April 2025.

Sd./- Civil Judge (Sr.D.), Dhenkanal.
D-787

# ରାଜ୍ୟରେ କୋଭିଡ୍ ଆକ୍ରାନ୍ତ ସଂଖ୍ୟା ୧୫କୁ ବୃଦ୍ଧି

## ସତର୍କତା ରହିବା ସହ ଗହଳି ଜାଗାକୁ ନ ଯିବାକୁ ପରାମର୍ଶ

**ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)**

ରାଜ୍ୟରେ ଲଗାତାର୍ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରାୟ ପ୍ରତିଦିନ ଏକାଧିକ କୋଭିଡ୍ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଗତ ୨୪ଘଣ୍ଟାରେ ରାଜ୍ୟରୁ ଆଉ ୩ଜଣ କୋଭିଡ୍ ପଜିଟିଭ ଚିହ୍ନଟ ହେବା ସହ ଏହି ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ତେବେ ରାଜ୍ୟରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣରେ ରହିଛି ଓ ସଂଖ୍ୟା ଢେର ଅଧିକ ବଢିନି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଏବେ ଲକ୍ଷଣ ଦେଖାଦେଲେ କେବଳ ଗୁରୁତର ଆକ୍ରାନ୍ତଙ୍କ କୋଭିଡ୍ ପରୀକ୍ଷା କରାଯାଉଛି। ଯେତିକି ପରୀକ୍ଷା ହେଉଛି, ସେଥିରୁ ବହୁତ କମ୍ ପଜିଟିଭ ଆସୁଛି। ତେଣୁ ଅଯଥାରେ ଭୟଭୀତ ହେବାର ଆବଶ୍ୟକତା ନାହିଁ। ସେହିପରି ଲୋକମାନେ ସତର୍କତା ଅବଲମ୍ବନ କରିବା ସହିତ ଗହଳି ଜାଗାକୁ ଯାଆନ୍ତୁ ନାହିଁ। ଆବଶ୍ୟକ ହେଲେ ମାସ୍କ ପିନ୍ଧିବା, ଗ୍ଲୋବ୍‌ସ ବ୍ୟବହାର କରିବା ଏବଂ ହାତ ଧୋଇବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଆଗକୁ ରଥଯାତ୍ରା ଆସୁଛି। ରଥଯାତ୍ରା ନେଇ ଖୁବ୍‌ଶୀଘ୍ର ପୁରୀରେ ସମୀକ୍ଷା ବୈଠକ ବସିବ। ଏଥିରେ ସ୍ୱାସ୍ଥ୍ୟ ବିଭାଗ ନିଜର ମତ ରଖିବ। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ ବୋଲି ଡା. ମିଶ୍ର କହିଛନ୍ତି।

# ସ୍ନାନପୂର୍ଣ୍ଣିମୀ ଯାଏ ଗରମ, ଗୁଳୁଗୁଳି

**ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)**

- ୩୯ ଡିଗ୍ରୀ ଉପରେ ୧୦ ସହର
- ୧୦ ପରେ ଲଘୁଚାପ ସୃଷ୍ଟି ସମ୍ଭାବନା

କିଛିଦିନର ଆଶ୍ୱସ୍ତି ପରେ ପୁଣି ଫେରିଛି ତାତି। ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଛନ୍ତି ରାଜ୍ୟବାସୀ। ବାୟୁମଣ୍ଡଳରେ ଆର୍ଦ୍ରତା ରହୁଥିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ସେପଟେ ଏବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗୁଆ ଓଡ଼ିଶା ଛୁଇଁଥିଲେ ମଧ୍ୟ ରାଜ୍ୟକୁ ପଶ୍ଚିମା ଶୁଷ୍କ ପବନ ବହିବା ଫଳରେ ମୌସୁମୀଜନିତ ବର୍ଷାରେ ବ୍ରେକ୍ ଲାଗିଛି। ଫଳରେ ତାପମାତ୍ରା ବଢ଼ି ଚାଲିଛି। ସ୍ନାନପୂର୍ଣ୍ଣିମୀ ପର୍ଯ୍ୟନ୍ତ ଗରମ ଗୁଳୁଗୁଳି ଲାଗି ରହିବ ଏବଂ ଦିନ ତାପମାତ୍ରା ୪୦ରୁ ୪୧ ଡିଗ୍ରୀ ଯାଏ ପହଞ୍ଚିବ। ତେବେ ୧୦ ତାରିଖ ପରେ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୪ରୁ ୫ଦିନ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ସୋମବାର ରାଜ୍ୟର ୧୦ ସହରର ତାପମାତ୍ରା ୩୯ ଡିଗ୍ରୀ ପାର୍ କରିଥିବାବେଳେ ବାଲେଶ୍ୱର ୩୯.୮ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ରାଜଧାନୀ ଭୁବନେଶ୍ୱର ରହିଥିବାବେଳେ ସହରର ସର୍ବୋଚ୍ଚ ତାପମାତ୍ରା ୩୯.୬ ଡିଗ୍ରୀ ଛୁଇଁଥିଲା। ଏଥିସହ ଆସନ୍ତା ୫ଦିନ ଅର୍ଥାତ୍ ଜୁନ୍ ୭ ପର୍ଯ୍ୟନ୍ତ ରାଜ୍ୟରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢ଼ିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ୪ ଓ ୫ ତାରିଖରେ ପ୍ରବଳ ଗରମ ଓ ଗୁଳୁଗୁଳି ହେବାର ସମ୍ଭାବନା ରହିଛି।


## ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସାରଦା ସାହୁ**
ସ୍ୱାମୀ: ସ୍ୱର୍ଗତ ବାଇଧର ସାହୁ
ହାତିଆଶୁନୀ ଲେନ୍, ଭୁବନେଶ୍ୱର
ଆବିର୍ଭାବ- ୨୩।୦୭।୧୯୪୪
ତିରୋଧାନ- ୦୩।୦୬।୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୨୦୭୦


# କାରଖାନା ମାଲିକ, ଗାଡ଼ି ଚାଳକ ଗିରଫ

## ବିସ୍ଫୋରକ ଗାଡ଼ି ଜବତ ମାମଲା

**ରାଉରକେଲା, ୨।୬(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲାର ରଘୁନାଥପାଲି ଥାନା ଅଧୀନ ଦେଓଗାଁ ପେଟ୍ରୋଲ ପମ୍ପରେ ରବିବାର ଅପରାହ୍ନରେ ବିସ୍ଫୋରକ ଗାଡ଼ି ଜବତ ମାମଲାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିସ୍ଫୋରକ କାରଖାନା ମାଲିକ ଶ୍ରବଣ ଅଗ୍ରୱାଲ(୪୨) ଓ ଗାଡ଼ି ଚାଳକ ବିଶରା ସମଦ(୨୮)। ସୋମବାର ସନ୍ଧ୍ୟା ୬ଟାରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅପରପକ୍ଷେ ବିସ୍ଫୋରକ କାରଖାନାର ଆର୍ଥିକ ତନାଘନା ପାଇଁ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ବୁକ୍ସ ଅଫ୍ ଆକାଉଣ୍ଟ ଯାଞ୍ଚ କରାଯାଉଥିବା ଆସିଷ୍ଟାଣ୍ଟ କମିଶନର ଜଗଦୀଶ ସା କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିସ୍ଫୋରକ ବୋଝେଇ ଗାଡ଼ି ଦସ୍ତାବିଜ୍ ଦେଖାଇ ନ ପାରିବାରୁ ତାକୁ ଜବତ କରାଯାଇଥିଲା। ଏଥିରେ ଗୋଟିଏ ପ୍ୟାକେଟ ଡେଟୋନେଟର ଏବଂ ୧୧୬ ଖଣ୍ଡ ଜିଲେଟିନ ରହିଥିଲା।

ଫ୍ୟାଶନ

# ପୋଟ୍‌ଲୀ କ୍ଲଚ୍ ବ୍ୟାଗ୍

**ପାର୍ଟିକୁ ଯାଉଥିଲେ ଭଲ ଡ୍ରେସ୍ ସାଙ୍ଗକୁ ଡିଜାଇନ୍ ବ୍ୟାଗ୍‌ଟିଏ ଧରିଲେ ତାହା ଏକ ଭିନ୍ନ ଲୁକ୍ ଦେଇଥାଏ। ଏସବୁ ସ୍ଥାନରେ କିଭଳି ବ୍ୟାଗ୍ କ୍ୟାରି କରିବେ ଜାଣିରଖନ୍ତୁ।**

**ସାଇନଷ୍ଟୋନ୍ କ୍ରିଷ୍ଟାଲ ବ୍ୟାଗ୍:** ଏହି ଡିଜାଇନ ବ୍ୟାଗ୍ ଏତେ ସୁନ୍ଦର ଯେ ଆପଣଙ୍କ ହାତରେ ରହିଥିଲେ ବି ସମସ୍ତଙ୍କ ନଜର ପଡ଼ିବ। ବିଭିନ୍ନ ଷ୍ଟୋନ୍ ଲାଗି ଥିବାରୁ ଏହା ଚକମକ୍ ହୋଇଥାଏ। ଏହାକୁ ଆପଣ ଚାହିଁଲେ କାନ୍ଧରେ ପକାଇପାରିବେ ଓ ହାତରେ ମଧ ଧରିପାରିବେ। ଯଦି ସିଲ୍‌ଭର ଟଚ୍‌ଥିବା କୌଣସି ଡ୍ରେସ୍ କିମ୍ବା ଶାଢ଼ି



ପିନ୍ଧିଥିବେ ତା'ହେଲେ ଏହା ପୂରା ସୁଟ୍ କରିବ। ୱେଷ୍ଟର୍ନ ଓ ଏଥେନିକ୍ ଉଭୟ ଡ୍ରେସ୍‌ରେ କ୍ୟାରୀ କରିପାରିବେ।

**ମାର୍ବଲ କ୍ଲଚ୍:** ଏହା ଏତେ ସୁନ୍ଦର ଯେ ଏହାକୁ ଉଭୟ ମହିଳା ଓ ଯୁବତୀ ବ୍ୟବହାର କରିପାରିବେ। ଏହା ବିଭିନ୍ନ ରଙ୍ଗର ରହିଛି। ଗାଉନ, ଡ୍ରେସ୍ ଓ ୱେଷ୍ଟର୍ନ ସହ ଭଲ ଲାଗିବ। ଏହାର ହ୍ୟାଣ୍ଡେଲ ପର୍ଲ ଲୁକ୍‌ରେ ବହୁ ସୁନ୍ଦର ଦେଖାଯାଏ।

**ପର୍ଲ ବକେଟ ପୋଟଲୀ:** ମୋତି ଲାଗିଥିବା ଏହି ବକେଟ୍ ପୋଟଲୀ ବ୍ୟାଗ୍ ମଧ ବହୁତ ସୁନ୍ଦର। ଏହାର ହ୍ୟାଣ୍ଡେଲ ଓ ଷ୍ଟ୍ରେପ୍‌ରେ ସୁନ୍ଦର ଡିଜାଇନରେ ମୋତି ଲାଗିଥାଏ। ତେଣୁ ଏହା ଏକ ଲକ୍‌ଜୁରି ଲୁକ୍ ଦେବ।

**ବୋହୋ ଡେନିମ୍ କ୍ଲଚ୍:** ଏମ୍ବ୍ରୋଡୋରିର ପ୍ୟାଚ୍ ୱାର୍କ ଥିବା ଏହି ବ୍ୟାଗ୍ ବହୁତ ସୁନ୍ଦର। ଏହାକୁ ଫ୍ୟୁଜନ ଆଉଟ୍‌ଫିଟ୍ ସହ ବ୍ୟବହାର କଲେ



ଅଧିକ ଭଲ ଲାଗିବ।

**ମେଟାଲିକ୍ ଓ ଏମ୍ବ୍ରୋଡୋରି ବକ୍ସ କ୍ଲଚ୍:** କୌଣସି ବିବାହ କିମ୍ବା ଅନ୍ୟ ପାର୍ଟିରେ ଏହାକୁ କ୍ୟାରୀ କରିପାରିବେ। ଏଥିରେ ବିଭିନ୍ନ ରଙ୍ଗର ମେଟାଲ ବ୍ୟବହାର କରାଯାଏ ଓ ଏମ୍ବ୍ରୋଡୋରି ଡିଜାଇନ ଖୁବ ଆକର୍ଷଣୀୟ। ଏହା ହୁକ୍ ଓ ଲୁପ୍ କ୍ଲୋଜର ହୋଇଥାଏ। ଏଥିରେ ହ୍ୟାଣ୍ଡେଲ କିମ୍ବା ଚେନ୍ ଲାଗିଥାଏ।

# ଉଚ୍ଚ ରକ୍ତଚାପ ଥିଲେ...

**ସୁସ୍ଥ ଲାଇଫ୍‌ଷ୍ଟାଇଲ ସହ ଖାଦ୍ୟପେୟରେ ନିୟନ୍ତ୍ରଣ ରଖିପାରିଲେ ଉଚ୍ଚ ରକ୍ତଚାପକୁ ଅନେକାଂଶରେ ନିୟନ୍ତଣ କରାଯାଇପାରେ। ଜାଣିରଖନ୍ତୁ ଏଭଳି କିଛି ଖାଦ୍ୟ ସମ୍ପର୍କରେ।**







**ବିଟ୍–** ଏହା ଏଭଳି ଏକ ସୁପର ଫୁଡ୍ ଯାହା ବିପି କମ୍ କରିବାରେ ସହାୟକ ହୋଇଥାଏ। ଏଥିରେ ନାଇଟ୍ରେଟ୍‌ର ମାତ୍ରା ଅଧିକ ରହିଥାଏ, ଯାହା ଶରୀରକୁ ଯିବା ପରେ ନାଇଟ୍ରିକ୍ ଅକ୍ସାଇଡ୍‌ରେ ରୂପାନ୍ତରିତ ହୋଇଯାଏ। ଶରୀରକୁ ଡିଟାକ୍ସ କରିବା ସହ ରକ୍ତକୁ ସଫା କରିବାରେ ସାହାଯ୍ୟ କରେ। ଏହାକୁ ଜୁସ୍ କିମ୍ବା ସିଝାଇ ଖାଇପାରିବେ।

**କଦଳୀ–** କଦଳୀ ଏକ ସ୍ୱାଦିଷ୍ଟ ତଥା ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ। ଏହା ଶରୀରରେ ସୋଡିୟମର ପ୍ରଭାବକୁ ବାଲାନ୍ସ କରେ, ଫଳରେ ରକ୍ତଚାପ ନିୟନ୍ତ୍ରିତ ରହେ।

**ରସୁଣ–** ଆୟୁର୍ବେଦରେ ଏହାକୁ ଏକ ମେଡିସିନ କୁହାଯାଏ। ପ୍ରତିଦିନ ଖାଲିପେଟରେ ଏହାକୁ ଖାଇଲେ ଉଚ୍ଚ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ।

**ଓଟ୍‌ସ–** ପ୍ରଚୁର ଫାଇଭର ଥିବା ଓଟ୍‌ସ ଉଚ୍ଚ ରକ୍ତଚାପ ରୋଗୀଙ୍କ ନିମନ୍ତେ ଏକ ଭଲ ଖାଦ୍ୟ। ଏହାକୁ ଖାଇଲେ ଶରୀରରେ ଅଧିକ ଫ୍ୟାଟ୍ ହୁଏନି ଓ ସହଜରେ ହଜମ ହୋଇଥାଏ।

**ଟମାଟୋ, ପାଳଙ୍ଗ–** ଟମାଟୋରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ପାଳଙ୍ଗରେ ପୋଟାସିୟମ, ମ୍ୟାଗ୍ନେସିୟମ ଓ ଫୋଲେଟ୍ ପ୍ରଚୁର ମାତ୍ରାରେ ରହିଛି। ତେଣୁ ଏହି ଖାଦ୍ୟ ଉଚ୍ଚ ରକ୍ତଚାପ ରୋଗୀଙ୍କ ନିମନ୍ତେ ବହୁତ ଭଲ। ଏସବୁ ବ୍ୟତୀତ ଡାର୍କ ଚକୋଲେଟ୍, ଦହି, ତରଭୁଜ ଓ ଅଳସୀ ମଧ ଏମାନଙ୍କ ପାଇଁ ବହୁତ ଭଲ ଖାଦ୍ୟ ହୋଇଥାଏ। ତେଣୁ ନିୟମିତଭାବେ ଏସବୁ ଖାଦ୍ୟକୁ ସାମିଲକରିବା ଦରକାର।

# କେମିତି ବିତୁଛି ସମୟ...





**ଖରାଛୁଟି ପାଇଁ ଏବେ ପୂରା ସମୟ ଘରେ ରହୁଛନ୍ତି ପିଲା। ଏଥିପାଇଁ ବଦଳିଯାଇଛି ମା'ମାନଙ୍କ ରୁଟିନ୍ ଲାଇଫ୍। ସବୁ କାମ ଠିକ୍ ସମୟରେ କିପରି ହୋଇପାରିବ ସେହି ଚେଷ୍ଟାରେ ଅଛନ୍ତି, ଆଉ ସେହି ଅନୁସାରେ ଟାଇମ୍ ମ୍ୟାନେଜମେଣ୍ଟ ବି କରୁଛନ୍ତି...**

ସ୍କୁଲ ଛୁଟି ଥିବାରୁ ଏବେ ମା'ମାନଙ୍କ ଦାୟିତ୍ୱ ଢେର୍ ଅଧିକ ହୋଇଯାଇଛି। ପିଲାଙ୍କ ରୁଟିନ୍ ଲାଇଫ୍ ତ ବଦଳିଯାଇଛି, ତାଙ୍କ ସହିତ ଟାଇମ୍ ମ୍ୟାନେଜମେଣ୍ଟ କରୁଛନ୍ତି ମହିଳା। ଛୁଟିରେ ଯେମିତି ପିଲାଙ୍କ ପାଠପଢ଼ା ପୁରା ବନ୍ଦ ନ ହେବ ସେଥିପ୍ରତି ଦୃଷ୍ଟିଦେବା ସହିତ ସେମାନଙ୍କ କ୍ରିଏଟିଭିଟି ବଢାଇବାର ଚିନ୍ତା ବି ରହିଛି। ଏହା ଭିତରେ ସ୍କୁଲ ଖୋଲିବା ପୂର୍ବରୁ ସବୁ ପ୍ରସ୍ତୁତି ବି କରିବାକୁ ପଡୁଛି। ତେଣୁ ମହିଳାଙ୍କ ପାଇଁ ଏସବୁ ମ୍ୟାନେଜ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଛି। ଛୁଟି ସମୟକୁ ପିଲାମାନେ କିଭଳି ଉପଯୋଗ କରିବେ ସେଥିପ୍ରତି ସବୁବେଳେ ଦୃଷ୍ଟି ରଖିଥାନ୍ତି ମା'ମାନେ। ତେଣୁ ପିଲାଙ୍କୁ ବାରମ୍ବାର ସଚେତନ କରିବା ସହ ସେମାନଙ୍କ କାମକୁ ପରିବର୍ତ୍ତିତ କରିବା ପାଇଁ ବି ଚେଷ୍ଟା କରନ୍ତି। ଅର୍ଥାତ୍ ଛୁଟି ହୋଇଥିଲେ ବି ଘରେ ସବୁଦିନ ଠିକ୍ ସମୟରେ ନିତ୍ୟକର୍ମ କରିବା, ହଲିଡେ ହୋମ୍‌ୱାର୍କ କରିବା, ଖେଳିବା ଇତ୍ୟାଦି କରିବାକୁ ହେବ। ଏସବୁ କାମ କେଉଁ ସମୟରେ କରିବେ ସେମାନଙ୍କୁ ଜଣାଇବାକୁ ହୁଏ ମା'ମାନଙ୍କୁ। ସ୍କୁଲ ଛୁଟି ପାଇଁ ପିଲାମାନେ ପ୍ରଥମେ ନିଜ ଶୋଇବା ଟାଇମ୍ ବଦଳାଇ ଦିଅନ୍ତି। ସକାଳୁ ଶୀଘ୍ର ଉଠନ୍ତି ନାହିଁ। ହେଲେ ଅଧିକ ବିଳମ୍ବ ହେଲେ ନିତ୍ୟକର୍ମର ସମୟ ଏପଟସେପଟ ହୋଇଯିବ, ସେଥିପାଇଁ ସେମାନେ ସଚେତନ ରହିବା ସହ ପିଲାଙ୍କୁ ଉଠାନ୍ତି। ଆଉ ତା'ପରେ ଅନ୍ୟ କ'ଣ ସବୁ କାମ କରି ଛୁଟିରେ କ୍ୱାଲିଟି ଟାଇମ୍ ବିତାଇପାରିବେ ସେଥିପ୍ରତି ନଜର ରଖୁଛନ୍ତି। ଏସବୁ ଭିତରେ ଗୃହିଣୀ ଓ କର୍ମଜୀବୀ ମହିଳା କିଭଳି ସମୟ କଟାଉଛନ୍ତି ସେନେଇ କେତେଜଣ ଯାହା କୁହନ୍ତି...

## ଏମାନେ କ'ଣ କରନ୍ତି

**କାମ ବଢ଼ିଛି:** ପିଲାଙ୍କର ଛୁଟି ବୋଲି ଏବେ ମତେ ଅଧିକ ସମୟ କାମ କରିବାକୁ ପଡୁଛି। କାହିଁକିନା ବଡ଼ ପୁଅ ସମର କୋର୍ସରେ ଜଏନ୍ କରିଛି। ତେଣୁ ତାକୁ ଶୀଘ୍ର ୫ଟାରୁ ଉଠାଇବାକୁ ପଡୁଛି। ସେ ପ୍ରସ୍ତୁତ ହୋଇଯିବା ପରେ ସାନପୁଅ ୭ଟାରେ ଟ୍ୟୁଶନ ଯିବ। ତେଣୁ ତାକୁ ଉଠାଇ ପ୍ରସ୍ତୁତ କରିବା ପରେ ଘର କାମ କରୁଛି। ସବୁଦିନିଆ ନିତ୍ୟକର୍ମ ସାରିବା ବେଳକୁ ପିଲାମାନେ ଘରକୁ ଫେରିବେ, ସେମାନଙ୍କ ପାଇଁ ଜଳଖିଆ, ପୁଣି ରୋଷେଇ କରୁଛି। ତା' ଭିତରେ ପିଲାମାନେ ଉଠି ଖେଳୁଛନ୍ତି କ'ଣ କରୁଛନ୍ତି ସେଥିପ୍ରତି ନଜର କରିବାକୁ ପଡୁଛି। ଘରର ଅନ୍ୟ ସବୁ କାମ ବି କରୁଛି। କିଏ କ'ଣ ଖାଇବ, କେତେବେଳେ ପଢ଼ିବ ଆଉ କେତେବେଳେ ଖେଳିବାକୁ ଯିବ ସେସବୁ ଜଗିବାକୁ ପଡୁଛି। ତେଣୁ ଏବେ ମୋ କାମ ବହୁତ ବଢ଼ିଯାଇଛି।

*– ସୀମାରାଣୀ ସାହୁ, ଗୃହିଣୀ, ଟୋଲଙ୍ଗପାଟିଆ, ଯାଜପୁର*

**ସବୁ ପିଲାଙ୍କ ପାଇଁ:** ପିଲାଙ୍କ ସୁବିଧା ପାଇଁ ତ ସବୁ କାମ କରୁଛି। କେତେବେଳେ ଅନ୍‌ଲାଇନ କ୍ଲାସ୍ ହେବ, କେତେବେଳେ ଟ୍ୟୁଶନ ଯିବ ଆଉ ପିଲାଙ୍କର ହୋମ୍‌ୱାର୍କ କରିବା, ଟିଭି ଦେଖିବା, ଖେଳିବା ସବୁ କଥା ପ୍ରତି ନଜର ରଖୁଛି। ନ ହେଲେ ସେମାନେ ମନଇଚ୍ଛା କାମକରି ସବୁ ଟାଇମ୍ ଏପଟସେପଟ କରିଦେବେ। ଦିନ ସାରା ସେମାନଙ୍କ ପଛରେ ମୋର ସବୁଠୁ ବେଶି ସମୟ ଯାଉଛି। ତା' ଛଡ଼ା ଏବେ ଛୁଟି ଆଉ ଅଳ୍ପଦିନ ଅଛି। ଏବେଠୁ ସ୍କୁଲ ଖୋଲିବା ପାଇଁ ସବୁ ପ୍ରସ୍ତୁତି କରୁଛି। ସ୍କୁଲ ବ୍ୟାଗ୍, ୟୁନିଫର୍ମ, ଜୋତା ଆଦି ସବୁ କିଣାକିଣି କେମିତି ହେବ ସେଥିପ୍ରତି ଚେଷ୍ଟା କରୁଛି। ଏବେଠୁ ସବୁ କରି ରଖିବା ପରେ ସମସ୍ତେ ମିଶି ଗାଁକୁ ଯିବୁ। ଆସିବା ବେଳକୁ ସ୍କୁଲ ଖୋଲିଥିବ, ତେଣୁ ସବୁ ସଜାଡ଼ି ଦେଉଛି।

*– ଈଶ୍ୱରାମ୍ବା ପ୍ରିୟଦର୍ଶିନୀ ସାହୁ, ଗୃହିଣୀ, ତାଳଚେର, ଅନୁଗୋଳ*

**କାମ ବାଣ୍ଟି ଦେଇଛି:** ପିଲାମାନେ ଛୁଟିରେ ବେଶି ସମୟ ଘରେ ରହି ବୋର୍ ନ ହେବା ପାଇଁ ସେମାନଙ୍କୁ ବିଭିନ୍ନ ପ୍ରକାର କାମ ଦେଇଛି। ପୁଅକୁ ସବୁଦିନ ବାଡ଼ିରୁ ଫୁଲ ତୋଳିବା ଦାୟିତ୍ୱ ଦେଇଛି। ତା' ଛଡ଼ା ଘର ସଜାଡ଼ିବା, ଲୁଗାପଟା ସଜାଡ଼ି ରଖିବା ଭଳି ବିଭିନ୍ନ କାମ ବି ସେମାନଙ୍କ ଦ୍ୱାରା କରାଇ ଦେଉଛି। ହେଲେ ସବୁ କାମରେ ମତେ ଜଗିବାକୁ ପଡୁଛି ଆଉ ଠିକ୍ ଭାବରେ କଲେ କି ନାହିଁ ଦେଖୁଛି। ଏହାଦ୍ୱାରା ମୋର କାମ ଟିକେ ହାଲ୍‌କା ହେବା ସହ ସେମାନେ ବି କାମ ଶିଖିପାରୁଛନ୍ତି, ଯାହା ସେମାନଙ୍କ ଭବିଷ୍ୟତରେ କାମରେ ଆସିବ।

*– ଅର୍ଚ୍ଚନା ମିଶ୍ର, ଗୃହିଣୀ, ଲେବର କଲୋନି, ଖାରବେଳନଗର, ଭୁବନେଶ୍ୱର*

**ଛୁଟିରେ ମଜା:** ମୁଁ ଅଫିସ ଯିବା ପରେ ଛୁଟିରେ ମୋ ପିଲା ଘରେ ଅଧିକାଂଶ ସମୟ ଏକା ରହୁଥିଲା। ସେଥିପାଇଁ ତା' ପିଉସୀ ଓ ଭାଇକୁ ଆମ ଘରକୁ ଡକାଇ ଦେଇଛି। ଏବେ ମତେ ଆଉ ବେଶି କିଛି କରିବାକୁ ପଡୁନାହିଁ। ଛୁଆମାନେ ଖୁସିରେ ସେମାନଙ୍କ ସୁବିଧାରେ ସବୁ କାମ କରୁଛନ୍ତି। ଆଉ ମୁଁ ଯିବା ପରେ ତା' ପିଉସୀ ସେମାନଙ୍କ ଖିଆପିଆ ଓ ଅନ୍ୟ ସବୁ ଖବର ବୁଝୁଛନ୍ତି। ତେଣୁ ମୋର ଏବେ ପୂରା ଆରାମ। ଆଉ ଛୁଟିରେ ପାଠପଢ଼ା ଯେମିତି ପୂରା ବନ୍ଦ ନ ହେବ ସେଥିପାଇଁ ଘରକୁ ଜଣେ ଟ୍ୟୁଶନ କରିବାକୁ ଆସୁଛନ୍ତି। ସପ୍ତାହକୁ ଥରେ ଆମେ ମିଶିକି ବାହାରକୁ ବୁଲିବାକୁ ଯାଇ ଖିଆପିଆ କରି ଆସୁଛୁ। ତେଣୁ ଛୁଟିରେ ବେଶ୍ ମଜାରେ ସମସ୍ତେ ସମୟ କଟାଉଛନ୍ତି।

*– ରୀତାଞ୍ଜଳି ପୃଷ୍ଟି, କର୍ମଜୀବୀ, ଗୋଡ଼ିପାଟଣା, ଶଙ୍ଖଚିଲା, ଯାଜପୁର*

**ରଜରେ ଗାଁକୁ ଯିବି:** ଛୁଟିରେ ବହୁତ କିଛି କାମ ସାରିବାକୁ ପଡୁଛି। ଦୁଇ ଝିଅଙ୍କୁ ଟିୟୁସନ୍‌ରେ ଛାଡିବା ଓ ସେମାନେ ହୋମୱାର୍କ କରିଲେ କି ନାହିଁ ଦେଖୁଛି। ଗଣିତର ବିଭିନ୍ନ ବିଷୟ ରିଭିଜନ କରିବା ପାଇଁ ଦୁଇଜଣଙ୍କୁ ବୈଦିକ ଗଣିତର ଶିକ୍ଷା ଦେବାକୁ ଜଣେ ସାର୍‌ଙ୍କୁ ଘରକୁ ଦୁଇମାସ ପାଇଁ ଡାକିଛି। ସିଏ ପଢାଇ ସାରି ଯିବା ପରେ ମୁଁ ସେମାନଙ୍କୁ ପୁଣିଥରେ ସେସବୁ ଗଣିତ ବୁଝିଛନ୍ତି କି ନାହିଁ ଦେଖୁଛି। ଏଥିପାଇଁ ଅଫିସରୁ ଫେରିବା ପରେ ସବୁଦିନ ତାଙ୍କ ପାଠପଢା ବିଷୟରେ ତାଙ୍କ ପାଖରେ କିଛି ସମୟ ବସି ପଚାରୁଛି। ଘରର ଅନ୍ୟ ସବୁ କାମ ଭିତରେ ଏସବୁ କାମ ମତେ ଟିକେ ଅଧିକ ହେଉଛି। ହେଲେ ରଜବେଳକୁ ୧୦ଦିନ ପାଇଁ ସବୁ କ୍ଲାସ୍ ବନ୍ଦକରି ଆମେ ଗାଁକୁ ବୁଲିବାକୁ ଯିବୁ। ସେତିକିବେଳେ ସବୁ ବୁଲାବୁଲି ଆଉ ମଜା କରିବୁ।

*– ସୁଚିତ୍ରା ମହାନ୍ତି, ଗୃହିଣୀ, ପିଏନଜି କ୍ଲିନିକ୍, କଟକ*


ଅର୍ଚ୍ଚନା ମିଶ୍ର


ଈଶ୍ୱରାମ୍ବା ପ୍ରିୟଦର୍ଶିନୀ


ରୀତାଞ୍ଜଳି ପୃଷ୍ଟି


ସୀମା ରାଣୀ ସାହୁ


ସୁଚିତ୍ରା ମହାନ୍ତି








ସୌନ୍ଦର୍ଯ୍ୟ

# ହେୟାର କେୟାର



**ଆଜିକାଲି ଅଧିକାଂଶ ମହିଳାଙ୍କ କେଶ ଉପୁଡ଼ିବା ସମସ୍ୟା ଦେଖାଦେଉଛି। ତେବେ ଘରୋଇ ଉପାୟରେ ମଧ ଏହି ସମସ୍ୟାର ସମାଧାନ କରାଯାଇପାରିବ...**

⏩କେଶ ଝଡ଼ିବା ସମସ୍ୟା ଦୂରକରିବା ପାଇଁ ପିଆଜ ରସ ବହୁ ଭଲ କାମ ଦେଇଥାଏ। ପିଆଜ ରସରେ ସଲ୍‌ଫର ଅଛି ଯାହା କେଶ ବୃଦ୍ଧିକରିବା ସହ ନୂଆ କେଶ ଉଠିବାରେ ମଧ ସହାୟକ ହୋଇଥାଏ। ତେଣୁ ପିଆଜକୁ ବାଟି ତା'ର ରସ ବାହାରକରି କେଶ ମୂଳରେ ଓ ଚନ୍ଦା ହୋଇଥିବା ସ୍ଥାନରେ ଲଗାଇ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଶୁଖିଯିବା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୨ଥର ଏପରି କରନ୍ତୁ, କିଛିଦିନ ପରେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ନୂଆ କେଶ ଉଠିବ।

⏩ଅଁଳା ଖାଇଲେ କେଶର ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ତେବେ କେଶ ମଜଭୁତ କରିବାକୁ ଚାହୁଁଥିଲେ ଅଁଳାକୁ ଗୁଣ୍ଡକରି ନଡ଼ିଆତେଲରେ ମିଶାଇ କିଛି ସମୟ ଗରମ କରନ୍ତୁ। ଏହାକୁ ଥଣ୍ଡାକରି କେଶମୂଳରେ ଲଗାନ୍ତୁ। ସପ୍ତାହକୁ ୨ଥର ଏପରି କଲେ ଧୀରେ ଧୀରେ କେଶ ଅଧିକ ମଜଭୁତ ହେବା ସହ କଳା ଓ ଘନ ହେବ।



⏩କେଶ ନିମନ୍ତେ ଆଉ ଏକ ଭଲ ପୋଷଣ ହେଉଛି ଆଲୋଭେରା। କେଶ ଝଡ଼ିବା ସମସ୍ୟାକୁ ଏହା ବହୁ ପରିମାଣରେ କମ୍ କରିଥାଏ। ତେଣୁ ଏଲୋବେରା ଜୁସ୍ ବାହାର କରି ସଙ୍ଗେ ସଙ୍ଗେ ଏହାକୁ କେଶମୂଳରେ ଲଗାନ୍ତୁ। ୧ ଘଣ୍ଟା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୩ଥର ଏପରି କରନ୍ତୁ, ଦେଖିବେ କିଛିଦିନ ପରେ କେଶ ସମସ୍ୟା ଦୂର ହୋଇଯିବ।

⏩କେଶରେ କେମିକାଲ ପ୍ରଡକ୍ଟ ବ୍ୟବହାର କମ୍ କରନ୍ତୁ ଓ ପ୍ରଦୂଷଣରୁ ରକ୍ଷା କରନ୍ତୁ। କେଶ ଝଡ଼ିବା ସମସ୍ୟା କମ୍ ହେବ।



ଖାଦ୍ୟରୁଚି

# ସୋୟା କୋପ୍ତା କରି

**ଆବଶ୍ୟକ ସାମଗ୍ରୀ:** ସୋୟାବିନ ୧ ବଡ଼ କପ୍, ବୁଟଡାଲି ୧ କପ୍, ସିଝା ଆଳୁ ୧ଟି, ରସୁଣ ୪ ରୁ ୫ କୋଳା, କଞ୍ଚାଲଙ୍କା ୩–୪ଟି, ପିଆଜ ୧ଟି ବଡ଼, ଜିରାଗୁଣ୍ଡ ୨ ଚାମଚ, ଧନିଆଗୁଣ୍ଡ ୧ ଚାମଚ, ଲଙ୍କାଗୁଣ୍ଡ ୧ ଚାମଚ, ଗରମ ମସଲା ୧ ଚାମଚ, ଗୁଜୁରାତି, ୨ଟି, ଲବଙ୍ଗ ୪ଟି, ଡାଲଚିନି ଖଣ୍ଡେ, ଅଦା ରସୁଣ ପେଷ୍ଟ ୨ ଚାମଚ, ଟମାଟୋ ଶସ୍ ୧ ଚାମଚ, ଧନିଆପତ୍ର ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସୋୟାବିନ୍‌କୁ ଗରମ ପାଣିରେ ୧୫ ମିନିଟ୍ ଭିଜାଇ ରଖନ୍ତୁ। ଏହାପରେ ସୋୟାବିନ୍‌କୁ ଭଲଭାବେ ଧୋଇ ଚିପୁଡ଼ି ଗ୍ରାଇଣ୍ଡରରେ ଦରଦର ପିସା ବାଟି ଦିଅନ୍ତୁ। ବୁଟଡାଲିକୁ ୫ ଘଣ୍ଟା ଭିଜାଇ ପାଣିରୁ ଛାଣି ସେଥିରେ ରସୁଣ, କଞ୍ଚାଲଙ୍କା ମିଶାଇ ବାଟି ଦିଅନ୍ତୁ। ଏବେ ଏଥିରେ ସୋୟାବିନ୍ ଓ ପିଆଜକୁ ଛୋଟ ଛୋଟ କାଟି ପକାନ୍ତୁ। ଧନିଆପତ୍ର, ଲୁଣ, ଜିରାଗୁଣ୍ଡ, ହଳଦୀଗୁଣ୍ଡ ଓ ଲଙ୍କାଗୁଣ୍ଡ ମିଶାଇ ଗୋଳାନ୍ତୁ। ଏବେ ଏହାକୁ ଛୋଟ ଛୋଟ ଗୋଲକରି ଗରମ ତେଲରେ



ଛାଣିଦିଅନ୍ତୁ।

ଏବେ ଆଉ ଏକ କଡ଼େଇରେ ୧ ଚାମଚ ତେଲ ପକାଇ ସେଥିରେ ଗୋଟିଏ ଅଳେଇଚ, ଗୁଜୁରାତି, ଲବଙ୍ଗ ଓ ଡାଲଚିନି ପକାଇ ଅଳ୍ପ ଭାଜି ଦିଅନ୍ତୁ। ଏଥିରେ କଟାହୋଇଥିବା ଏକ ଟମାଟୋ, ଅଦାରସୁଣ ପେଷ୍ଟ ଓ ଲୁଣ, ହଳଦୀ ମିଶାନ୍ତୁ। ସେଥିରେ ଜିରାଗୁଣ୍ଡ, ଲଙ୍କାଗୁଣ୍ଡ ଓ ସିଝାଆଳୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ ଅଳ୍ପ ଟମାଟୋ ସସ୍ ପକାଇ ଭଲଭାବେ କଷାଇ ସେଥିରେ ପାଣି ଦେଇ ଫୁଟାନ୍ତୁ। କିଛି ସମୟ ଫୁଟିବା ପରେ ସେଥିରେ ଛଣା ହୋଇ ରହିଥିବା ସୋୟା କଟ୍‌ଲେଟ୍‌ଗୁଡିକୁ ପକାଇ ଅଳ୍ପ ସମୟ ଫୁଟାଇ ଓହ୍ଲାଇ ଦିଅନ୍ତୁ। ଏବେ ଏଥିରେ ଗରମ ମସଲା ଓ ଧନିଆପତ୍ର ପକାଇ ଓହ୍ଲାଇ ଦିଅନ୍ତୁ।

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୩/୨୦୨୫ Bhubaneswar, Tuesday, June 3/ 2025

# କିଙ୍ଗ୍ସ ବନାମ ଚ୍ୟାଲେଞ୍ଜର୍ସ



ନରେନ୍ଦ୍ର ମୋଦି ଷ୍ଟାଡିୟମରେ ସୋମବାର ଟ୍ରଫି ସହ ଦୁଇ ଦଳର ଅଧିନାୟକ ଶ୍ରେୟସ ଆୟର ଓ ରଜତ ପତିଦାର।

## ଆଇପିଏଲ୍ ଫାଇନାଲ ଆଜି

### ୧୮ଶ ସଂସ୍କରଣରେ ହେବେ ନୂଆ ବିଜେତା

ଅହମଦାବାଦ, ୨।୬ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୫ର ମେଗା ଫାଇନାଲ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ। ଆରସିବି କିମ୍ବା ପଞ୍ଜାବ ପୂର୍ବରୁ କେବେହେଲେ ଆଇପିଏଲ୍ ଟାଇଟଲ ହାସଲ କରି ନାହାନ୍ତି। ତେଣୁ ୧୮ଶ ସଂସ୍କରଣରେ ଆଇପିଏଲ୍‌କୁ ମିଳିବ ନୂଆ ବିଜେତା। ବିରାଟ କୋହଲିଙ୍କ ଜର୍ସି ନମ୍ବର ହେଉଛି ୧୮। ପାଖାପାଖି ଦୁଇ ଦଶନ୍ଧି ଧରି ଏହି ତାରକା ବ୍ୟାଟର ହାତରେ ଟ୍ରଫି ଧରିବାକୁ ଅପେକ୍ଷା କରି ରହିଛନ୍ତି। ବିରାଟ କ୍ୟାରିୟରର ୪ର୍ଥ ଆଇପିଏଲ୍ ଫାଇନାଲ ଖେଳିବାକୁ ଯାଉଛନ୍ତି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କୁ ୧୮ ନମ୍ବର ଜର୍ସି ପିନ୍ଧିଥିବା ଦେଖିବାକୁ ମିଳିବ। ତେଣୁ ୧୮ଶ ସଂସ୍କରଣରେ ଟାଇଟଲ ଜିତି ବିଭିନ୍ନ ଦୃଷ୍ଟିକୋଣରୁ ଆଇପିଏଲ୍‌କୁ ସ୍ମରଣୀୟ କରିବା ଆଶାରେ ରହିଛି ଆରସିବି।

ପୂର୍ବରୁ ଆରସିବି ୨୦୦୯, ୨୦୧୧ ଓ ୨୦୧୬ରେ ଫାଇନାଲ ଖେଳିଥିଲେ ହେଁ ରନରଅପ୍‌ରେ ସନ୍ତୁଷ୍ଟ ରହିଥିଲା। ଅନ୍ୟପକ୍ଷରେ ପଞ୍ଜାବ ୨୦୧୪ରେ ରନରଅପ୍ ହୋଇଥିଲା। କୋହଲି ଅନ୍ତର୍ଜାତୀୟ ଟି୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ନେଇ ଯାଇଥିବାରୁ ଆଉ ଅଧିକ ସମୟ ପଡ଼ିଆରେ ଦେଖିବାକୁ ମିଳିବେ ନାହିଁ। ତେଣୁ ତାଙ୍କ ଖେଳ ଦେଖିବା ପାଇଁ ଦର୍ଶକଙ୍କ ଭାବାବେଗ ବଢ଼ିବା ସ୍ୱାଭାବିକ। କ୍ୱାଲିଫାୟର-୧ରେ ଆରସିବି ୮ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଥିଲା। ତେଣୁ ଦଳଠାରୁ ସେପରି ଆଉଏକ ଶ୍ରେଷ୍ଠ ପ୍ରଦର୍ଶନ ଆଶାରେ ରହିବେ କୋହଲିଙ୍କ ପ୍ରଶଂସକ। ପ୍ରତି ବର୍ଷ ଭଳି କୋହଲି ଚଳିତ ବର୍ଷ ମଧ୍ୟ ପ୍ରଚୁର ରନ ସଂଗ୍ରହ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୬୧୪ ରନ ସ୍କୋର କରି ଫର୍ମରେ ଥିବାର ପରିଚୟ ଦେଇଛନ୍ତି। ଏହି ସୁପରଷ୍ଟାରଙ୍କ ବ୍ୟତୀତ ଫିଲ୍ ସଲ୍ଟ, ମୟଙ୍କ ଅଗ୍ରୱାଲ, ଅଧିନାୟକ ରଜତ ପଟିଦାର ଓ ଜୀତେଶ ଶର୍ମାଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ରହିଛି। ଆହତ ସମସ୍ୟା ଯୋଗୁ ଗତ ୨ଟି ମ୍ୟାଚରେ ଖେଳିପାରି ନ ଥିବା ଟିମ୍ ଡାଭିଡ ଯଦି ଫିଟ୍ ହୁଅନ୍ତି ତେବେ ଡେଥ୍ ଓଭରରେ ସେ ଓ ରୋମାରିଓ ଶେଫର୍ଡ ଦଳକୁ ବହୁ ଫାଇଦାରେ ରଖି ପାରିବେ। ବ୍ୟାଟିଂରେ କୋହଲିଙ୍କ ଭଳି ବୋଲିଂରେ ଜୋଶ ହାଜେଲଉଡ୍ ୨୧ଟି ଉଇକେଟ ନେଇ ଆରସିବି ପାଇଁ ସମ୍ଭାବନା ସୃଷ୍ଟି କରିଛନ୍ତି। ଏହି ଅଷ୍ଟ୍ରେଲୀୟ ଖେଳାଳିଙ୍କଠାରୁ ଆରସିବି ଆଉ ଏକ ଶ୍ରେଷ୍ଠ ପ୍ରଦର୍ଶନ ଆଶା କରିବ।

ଅନ୍ୟପକ୍ଷରେ କ୍ୱାଲିଫାୟର-୧ରେ ହାରିବା ପରେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ କ୍ୱାଲିଫାୟର-୨ରେ ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦକ୍ଷତା ଦେଖାଇଛି। ଦୀର୍ଘ ୧୧ ବର୍ଷ ପରେ ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି। ଅଧିନାୟକ ଆୟର ଓ କୋଚ୍ ରିକି ପଣ୍ଟିଂଙ୍କ କମ୍ବିନେଶନ ବେଶ୍ ଜମିଛି। ଆୟର ଗତବର୍ଷ ନିଜ ନେତୃତ୍ୱରେ କୋଲକାତା ନାଇଟ ରାଇଡର୍ସକୁ ଚାମ୍ପିୟନ କରାଇଥିଲେ। ସେ ମଧ୍ୟ ଚମତ୍କାର ଫର୍ମରେ ଥାଇ ୬୦୩ ରନ ସଂଗ୍ରହ କରି ସାରିଛନ୍ତି। ଆଇପିଏଲ୍‌ର ୧୮ ବର୍ଷ ଇତିହାସରେ ସେ ଏକମାତ୍ର ଅଧିନାୟକ ଭାବେ ୩ଟି ଭିନ୍ନଭିନ୍ନ ଦଳକୁ ଫାଇନାଲରେ ପହଞ୍ଚାଇଛନ୍ତି। ତୃତୀୟ ଦଳଟି ହେଉଛି ଦିଲ୍ଲୀ କ୍ୟାପିଟାଲ୍ସ। କିଛି ମାସତଳେ ପଞ୍ଜାବ ଦଳରେ ସାମିଲ ହୋଇଥିବା ଆୟର ନିଜ ନୂଆ ଫ୍ରାଞ୍ଚାଇଜ୍ ଦଳକୁ ଟ୍ରଫି ଜିତାଇବାକୁ ଭୋକିଲା ଅଛନ୍ତି। ଆୟରଙ୍କ ସହ ପ୍ରଭସିମରନ ସିଂ, ଜୋଶ ଇଂଲିଶ୍, ପ୍ରିୟଂଶ ଆର୍ଯ୍ୟ ଓ ଶଶାଙ୍କ ସିଂଙ୍କୁ ନେଇ ପଞ୍ଜାବ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଆକ୍ରମଣାତ୍ମକ। ମାର୍କୁସ ଜାନସେନଙ୍କ ଅନୁପସ୍ଥିତିରେ ଦଳର ବୋଲିଂ ବିଭାଗ ସାମାନ୍ୟ ଦୁର୍ବଳ ମନେହେଉଥିଲେ ହେଁ ମୁମ୍ବାଇକୁ ହରାଇବାପରେ ଦଳର ମନୋବଳ ବହୁ ଉପରେ ରହିଛି। ସ୍ପିନର ଯୁଜବେନ୍ଦ୍ର ଚହଲ ଏବେ ମଧ୍ୟ ହାତରେ ଆଘାତଜନିତ ସମସ୍ୟାରେ ଥିଲେ ହେଁ ନିଜ ପୂର୍ବ ଫ୍ରାଞ୍ଚାଇଜ୍ ଆରସିବି ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ଲକ୍ଷ୍ୟରେ ରହିବେ।

ଫାଇନାଲରେ ବର୍ଷା ହେବାର କୌଣସି ପୂର୍ବାନୁମାନ ନାହିଁ। ଯଦି ହୁଏ ତେବେ ଅତିରିକ୍ତ ୧୨୦ ମିନିଟରେ ଖେଳ ଶେଷ କରାଯିବାକୁ ଉଦ୍ୟମ କରାଯିବ। ଏହା ନ ହୋଇପାରିଲେ ରିଜର୍ଭ ଡେ'ରେ ଖେଳ ହେବ।


ଆଇପିଏଲ୍ ଫାଇନାଲ ପୂର୍ବରୁ ସୋମବାର ବିରାଟ କୋହଲିଙ୍କ ଅଭ୍ୟାସ।

## ଶୁକ୍ଳା ବିସିସିଆଇ କାର୍ଯ୍ୟକାରୀ ସଭାପତି ହେବେ

ନୂଆଦିଲ୍ଲୀ, ୨।୬ (ପି.ଟି.): ଆସନ୍ତାବର୍ଷ ରୋଜର ବିନ୍ନି ୭୦ ବର୍ଷ ବୟସରେ ପଦାର୍ପଣ କରିବେ। ତେଣୁ ତାଙ୍କ ସ୍ଥାନରେ ଭେଟେରାନ କ୍ରିକେଟ ପ୍ରଶାସକ ରାଜୀବ ଶୁକ୍ଳା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାମଚଳା ସଭାପତି ଦାୟିତ୍ୱ ଗ୍ରହଣ କରିବେ। ବିସିସିଆଇ ସୂତ୍ରରୁ ସୋମବାର ଏବିଷୟରେ ସୂଚନା ଦିଆଯାଇଛି। ବିନ୍ନି ୨୦୨୨ରେ ସୌରଭ ଗାଙ୍ଗୁଲିଙ୍କ ସ୍ଥାନରେ ବୋର୍ଡ ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ। ଜୁଲାଇ ୧୯ରେ ସେ ୭୦ବର୍ଷ ବୟସରେ ପଦାର୍ପଣ କରିବେ। ଏହାଦ୍ୱାରା ସେ ବିସିସିଆଇ କର୍ମକର୍ତ୍ତାଙ୍କ ଲାଗି ଉଦ୍ଦିଷ୍ଟ ବୟସ ସମୟସୀମା ଅତିକ୍ରମ କରିଯିବେ। ଶୁକ୍ଳାଙ୍କୁ ବର୍ତ୍ତମାନ ୬୫ ବର୍ଷ। ୨୦୨୦ରୁ ସେ ବିସିସିଆଇ ସଭାପତି ରହିଛନ୍ତି। ସେପ୍ଟେମ୍ବରରେ ହେବାକୁଥିବା ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍)ରେ ନିର୍ବାଚନ ହେବ। ଶୁକ୍ଳା ସବୁଠାରୁ ବରିଷ୍ଠ କର୍ମକର୍ତ୍ତା ହୋଇଥିବାରୁ ନିୟମାନୁସାରେ ସେ ପର୍ଯ୍ୟନ୍ତ ବିସିସିଆଇ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବେ। କଂଗ୍ରେସ ପାର୍ଟିର ଏହି ରାଜ୍ୟ ସଭା ଏମ୍‌ପି ପୂର୍ବରୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଚେୟାରମ୍ୟାନ ଭାବେ କାର୍ଯ୍ୟ କରିଛନ୍ତି। ନିକଟ ଅତୀତରେ ସି.ଏସ୍. ଖାନ୍ନା ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ବିସିସିଆଇର କାମଚଳା ସଭାପତି ଭାବେ କାର୍ଯ୍ୟ କରିଛନ୍ତି।

## ମହୀତୋଷଙ୍କୁ ତୃତୀୟ ଆଇଏମ୍ ନର୍ମ

ଭୁବନେଶ୍ୱର, ୨।୬ (ତପନ ସ୍ୱାଇଁ)

ଓଡ଼ିଶାର ପ୍ରତିଭାସମ୍ପନ୍ନ ଚେସ୍ ଖେଳାଳି ମହୀତୋଷ ଦେ ତୃତୀୟ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍ ନର୍ମ) ହାସଲ କରିଛନ୍ତି। ନରୱେ ଅପନ୍ ଚେସ୍ ଟୁର୍ନାମେଣ୍ଟରେ ସେ ୨୨୪୦ ଏଲୋରେଟିଂରେ ୪୨ତମ ସ୍ଥାନରେ ରହି ଖେଳ ଆରମ୍ଭ କରିଥିଲେ ଏବଂ ୧୮ତମ ସ୍ଥାନକୁ ଉନ୍ନୀତ ହୋଇ ଏହି ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ସେ ମୋଟ ୬୧.୪୦ ଏଲୋରେଟିଂ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ମହୀତୋଷ ୨ ଗ୍ରାଣ୍ଡମାଷ୍ଟର (ଜିଏମ୍)ଙ୍କୁ ପରାସ୍ତ କରିବା ସହିତ ଅନ୍ୟ ୨ଜଣଙ୍କ ସହିତ ବାଜି ଡ୍ର କରିଛନ୍ତ। ଅନୁରୂପଭାବେ ଜଣେ ଆଇଏମ୍‌ଙ୍କୁ ହରାଇବା ସହିତ ଆଉ ଜଣେ ଆଇଏମ୍‌ଙ୍କ ସହିତ ଖେଳ ଡ୍ର କରିଛନ୍ତି। ମହିଳା ଗ୍ରାଣ୍ଡମାଷ୍ଟର ଜିନଝୁ (୨୫୪୧ ଏଲୋରେଟିଂ)ଙ୍କୁ ହରାଇ ସେ ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଚେସ୍‌ରେ ଆଇଏମ୍ ଟାଇଟଲ ପାଇଁ ୩ଟି ନର୍ମ ଓ ୨୪୦୦ ଏଲୋରେଟିଂ ହାସଲ କରିବାକୁ ପଡ଼ିଥାଏ। ମହୀତୋଷ ସର୍ବିୟାର ଆରେଣ୍ଡ ଜେଲୋଭାକ୍‌ଠାରେ ପ୍ରଥମ ଏବଂ ପୋଲାଣ୍ଡର କ୍ରାକୋ ଅନ୍ତର୍ଜାତୀୟ ଚେସ ଟୁର୍ନାମେଣ୍ଟରେ ଦ୍ୱିତୀୟ ଆଇଏମ୍


ମହୀତୋଷ ଦେ

ନର୍ମ ପାଇଥିଲେ। ମେ ୨୬ରୁ ଜୁନ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ନରୱେ ଓପନ ଚେସ -୨୦୨୫ରେ ଭାଗ ନେଇ ନିଜର ବହୁ ପ୍ରତୀକ୍ଷିତ ତୃତୀୟ ଆଇଏମ୍ ନର୍ମ ହାସଲ କରିଛନ୍ତି। ନରୱେ ଚେସ୍ ପରେ ତାଙ୍କର ଏଲୋରେଟିଂ ୨୩୨୨ରେ ପହଞ୍ଚିଛି। ୨୪୦୦ ଏଲୋରେଟିଂ ଛୁଇଁଲେ ସେ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିବେ। ଭୁବନେଶ୍ୱର ବମିଖାଲ ସାଇ ବିହାରରେ ରହୁଥିବା ମହୀତୋଷଙ୍କ ମା'ଙ୍କ ନାମ ଅପର୍ଣ୍ଣା ସାମଲ ଓ ବାପା ମଧୁସୂଦନ ଦେ।

**ଫ୍ରେଞ୍ଚ୍ ଓପନ୍**

## କ୍ୱାର୍ଟରରେ ଗଫ୍, ପେଗୁଲା ଆଉଟ୍

**ପ୍ୟାରିସ,୨।୬:** ୨୦୨୩ ସଂସ୍କରଣର ୟୁଏସ୍ ଓପନ ଚାମ୍ପିୟନ କୋକୋ ଗଫ ଫ୍ରେଞ୍ଚ ଓପନ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୱାର୍ଲ୍ଡ ନଂ-୩ ଜେସିକା ପେଗୁଲ ପରାଜୟ ସହ ବିଦାୟ ନେଇଛନ୍ତି। ସୋମବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଗଫ ୬-୦, ୭-୫ ସେଟ୍‌ରେ ୨୦ତମ ସିଡ୍ ଇକାଟେରିନା ଆଲେଜାଣ୍ଡ୍ରୋଭାଙ୍କୁ ହରାଇଛନ୍ତି। ସେହିଭଳି ମିରା ଆଣ୍ଡ୍ରିଭା ୬-୩, ୭-୫ ସେଟ୍‌ରେ ଡାରିଆ କାସ୍କଟକିନଙ୍କୁ ଓ ଆମେରିକାର ମାଡିସନ କିଜ ୬-୩, ୭-୫ ସିଧାସଳଖ ସେଟ୍‌ରେ ହେଲି ବାପ୍ଟିଷ୍ଟେଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ପେଗୁଲା ୬-୩, ୪-୬, ୪-୬ ସେଟ୍‌ରେ ଫ୍ରାନ୍ସର ଲୋଇସ ବୋଇସନଙ୍କଠାରୁ ପରାସ୍ତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ବିଭାଗରେ ଆଲେକ୍‌ଜାଣ୍ଡର ଜେଭରେଭ ୱାକଓଭର ପାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେ ୬-୪, ୩-୦ ସେଟ୍‌ରେ ଆଗୁଆ ଥିବା ବେଳେ ତାଙ୍କ ପ୍ରତିପକ୍ଷ ଖେଳାଳି ଟାଲନ ଗ୍ରୀକ୍ସପୁର ଇଞ୍ଜୁରି କାରଣରୁ ମ୍ୟାଚ୍‌ରୁ ଓହରି ଯାଇଥିଲେ।

## ସେପ୍ଟେମ୍ବର ୩୦ରୁ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

**କଲମ୍ବୋ ନ୍ୟୁଟ୍ରାଲ ଭେନ୍ୟୁ**

ଦୁବାଇ,୨।୬(ପି.ଟି.)

ଭାରତରେ ହେବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ହେବ। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଏହି ବିଶ୍ୱକପ୍‌ର ଆୟୋଜନ ଅଧିକାର ଭାରତ ପାଖରେ ରହିଛି। କିନ୍ତୁ ପାକିସ୍ତାନ ଆଇସିସି ଇଭେଣ୍ଟ ଲାଗି ଭାରତ ଗସ୍ତ କରିବାକୁ ରାଜି ନ ଥିବାରୁ ଚାମ୍ପିୟନ୍ସ ଟ୍ରଫି ଭଳି ଏହି ଟୁର୍ନାମେଣ୍ଟ ମଧ୍ୟ ହାଇବ୍ରିଡ ମଡେଲରେ ଖେଳାଯିବ। ଏଥିଯୋଗୁ କଲମ୍ବୋକୁ ବିକଳ୍ପରେ ଅତିରିକ୍ତ ନ୍ୟୁଟ୍ରାଲ ଭେନ୍ୟୁ ଭାବେ ସାମିଲ କରାଯାଇଛି। ୮ ଦଳ ବିଶିଷ୍ଟ ଏହି ଇଭେଣ୍ଟ ବେଙ୍ଗାଲୁରୁ, ଗୁଆହାଟି, ଇନ୍ଦୋର, ବିଶାଖାପାଟଣାରେ ଖେଳାଯିବ।

୧୨ ବର୍ଷ ପରେ ଭାରତକୁ ଫେରିବାକୁ ଯାଉଥିବା ମହିଳା ଦିନିକିଆ ବିଶ୍ୱକପ୍ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଭାରତ ଖେଳିବ। ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ ତାରିଖରେ ଗୁଆହାଟି କିମ୍ବା କଲମ୍ବୋରେ ହେବ। ଦ୍ୱିତୀୟ ସେମିଫାଇନାଲ ଅକ୍ଟୋବର ୩୦ରେ ବେଙ୍ଗାଲୁରୁରେ ହେବ। ଫାଇନାଲ ମ୍ୟାଚ୍ ପୂର୍ବରୁ ଦୁଇ ଫାଇନାଲିଷ୍ଟକୁ ଦୁଇ ଦିନର ସମୟ ମିଳିବ। ଫାଇନାଲ ମ୍ୟାଚ୍ ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ନଭେମ୍ବର ୨ ତାରିଖରେ ଖେଳାଯିବ। ଆୟୋଜକ ଭାରତ ବ୍ୟତୀତ ଏହି ଟୁର୍ନାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ, ବାଂଲାଦେଶ, ପାକିସ୍ତାନ, ଇଂଲଣ୍ଡ, ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭାଗନେବେ। ଗତ ଏପ୍ରିଲରେ ଅନୁଷ୍ଠିତ ୬ ଦଳ ବିଶିଷ୍ଟ କ୍ୱାଲିଫାୟରରେ ପାକିସ୍ତାନ ଓ ବାଂଲାଦେଶ ଶ୍ରେଷ୍ଠ ଦୁଇ ଦଳ ବିବେଚିତ ହୋଇ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଥିଲେ।


## ଗୁକେଶଙ୍କଠାରୁ ହାରି ଟେବଲକୁ ମୁଥମାରିଲେ କାର୍ଲସେନ

**ନରୱେ ଚେସ୍ ଟୁର୍ନାମେଣ୍ଟ**

ଷ୍ଟାଭାଙ୍ଗର,୨।୬(ପି.ଟି.)

ୱାର୍ଲ୍ଡ ଚାମ୍ପିୟନ ଡି ଗୁକେଶ ନରୱେ ଚେସ୍ ଟୁର୍ନାମେଣ୍ଟର ଷଷ୍ଠ ରାଉଣ୍ଡରେ ୱାର୍ଲ୍ଡ ନଂ-୧ ମାଗ୍ନସ କାର୍ଲସେନଙ୍କୁ ହରାଇଛନ୍ତି। କ୍ଲାସିକ ଫର୍ମାଟରେ କାର୍ଲସେନଙ୍କ ବିପକ୍ଷରେ ଗୁକେଶଙ୍କ ଲାଗି ଏହା ପ୍ରଥମ ବିଜୟ। ପରାଜୟ ପରେ କାର୍ଲସେନ ବିରକ୍ତ ହୋଇ ଟେବୁଲକୁ ମୁଥ ମାରିଥିଲେ। ଏହି ବିଜୟ ଯୋଗୁ ୧୯ ବର୍ଷୀୟ ଗୁକେଶ ୮.୫ ପଏଣ୍ଟ ସହ ପଏଣ୍ଟ ଟେବଲର ତୃତୀୟ ସ୍ଥାନକୁ ଉଠିଛନ୍ତି। ସେ ଏବେ ଶୀର୍ଷରେ ଥିବା କାର୍ଲସେନ ଓ ଆମେରିକୀୟ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନଙ୍କଠାରୁ ୧ ପଏଣ୍ଟ ପଛରେ ରହିଛନ୍ତି।

ମାଗ୍ନସଙ୍କ ବିପକ୍ଷରେ ଏହା ମୋର କ୍ଲାସିକାଲ ଫର୍ମାଟରେ ପ୍ରଥମ ବିଜୟ। ମୁଁ ଯେଉଁ ଭଳି ବିଜୟ ଚାହୁଁଥିଲି, ଏହା ସେଭଳି ନ ଥିଲା। କିନ୍ତୁ ମୁଁ ଏହି ବିଜୟରେ ଖୁସି। ଆଜି କାର୍ଲସେନଙ୍କ ଲାଗି ଟ୍ରିକି ଗୋଟି ଚାଳନା କରିବାକୁ ଉଦ୍ୟମ କରିଥିଲି। ଏଭଳି ଖେଳିଲେ ମୁଁ ୧୦୦ରୁ ୯୯ ଥର ପରାଜିତ ହେବି। ଏହା ମୋ ପାଇଁ ଆଜି କେବଳ ଏକ ଶୁଭ ଦିନ ଥିଲା ବୋଲି ଗୁକେଶ କହିଛନ୍ତି। ପ୍ରାୟ ସାଢ଼େ ୪ ଘଣ୍ଟା ଧରି ଚାଲିଥିବା ମ୍ୟାଚ୍‌ରେ ପାଞ୍ଚ ଥରର ୱାର୍ଲ୍ଡ ଚାମ୍ପିୟନ କାର୍ଲସେନ ପୂରା ମ୍ୟାଚ୍‌ରେ ଆଗୁଆ ରହିଥିଲେ। ହେଲେ ତାଙ୍କର ଏକ ତ୍ରୁଟି ଗୁକେଶଙ୍କୁ ମ୍ୟାଚର ଭାଗ୍ୟ ବଦଳାଇବାକୁ ସୁଯୋଗ ଦେଇଥିଲା। କାର୍ଲସେନ ନିଜ ଭୁଲ୍ ବୁଝିପାରିଥିଲେ। କିନ୍ତୁ ସେତେବେଳକୁ ବିଳମ୍ବ ହୋଇଯାଇଥିଲା। ଫଳରେ କାର୍ଲସେନ ବିରକ୍ତ ହୋଇ ଟେବଲକୁ ମୁଥ ମାରିଥିଲେ। ତାଙ୍କ ମୁଥ ଯୋଗୁ ବୋର୍ଡର ସବୁ ଗୋଟି ପଡ଼ିଯାଇଥିଲା। ଶେଷରେ ଗୁକେଶଙ୍କ ସହ ହାତ ମିଳାଇଥିଲେ ପାଞ୍ଚ ଥରର ଚାମ୍ପିୟନ କାର୍ଲସେନ। ଏହି ବିଜୟ ଗୁକେଶ ପ୍ରଥମ ରାଉଣ୍ଡରେ କ୍ଲାସେନଙ୍କଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛନ୍ତି। ଅନ୍ୟ ଭାରତୀୟ ଜିଏମ୍ ଅର୍ଜୁନ ଇରିଗାସି ଆର୍ମାଗେଡନ ଟାଇ-ବ୍ରେକରେ ଚାଇନାର ୱେଇ ୟିଙ୍କୁ ପରାସ୍ତ କରିଛନ୍ତି। ୭.୫ ଲେଖାଏ ପଏଣ୍ଟ ସହ ସେ ଓ ହିକାରୁ ନାକାମୁରା ମିଳିତ ଚତୁର୍ଥ ସ୍ଥାନରେ ଅଛନ୍ତି।



ଗିରୋ ଡି' ଇଟାଲିଆ ସାଇକେଲ ରେସ୍ ଜିତିବାପରେ ଟ୍ରଫି ସହ ବ୍ରିଟେନର ସିମନ ୟେଟ୍ସ।

## ଭାରତ ଦ୍ୱିତୀୟ ସ୍ଥାନରେ

**ଡୋପିଂ ଅପରାଧ**

ନୂଆଦିଲ୍ଲୀ, ୨।୬ (ପି.ଟି.)

ଡୋପିଂ ଅପରାଧ ପାଇଁ ଯେଉଁ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟମାନେ ପ୍ରତିଯୋଗିତାରେ ଭାଗନେବା ଲାଗି ଅଯୋଗ୍ୟ ସେମାନଙ୍କର ଏକ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତ ଦ୍ୱିତୀୟ ସ୍ଥାନ ବଜାୟ ରଖିଥିବା ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପ୍ରକାଶ କରିଛି। ଏଆଇୟୁ ତରଫରୁ ମେ ୩୧ରେ ପ୍ରକାଶିତ ତାଲିକାରେ ଭାରତର ୧୨୮ଜଣ ଆଥ୍‌ଲେଟଙ୍କ ନାମ ରହିଛି। ଏଥିରେ କେନିଆ (୧୩୪) ପ୍ରଥମ ସ୍ଥାନରେ ରହିଛି। ଏଆଇୟୁ ମେ ମାସରେ ଯେଉଁ ୧୪ ଜଣ ଆଥଲେଟଙ୍କୁ ଦଣ୍ଡିତ କରିଛି ସେମାନଙ୍କ ମଧ୍ୟରେ କେନିଆର ୫ଜଣ ଓ ଭାରତର ୩ଜଣ ରହିଛନ୍ତି। ଭାରତୀୟ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥ୍‌ଲେଟମାନଙ୍କ ମଧ୍ୟରେ ଡୋପିଂ ମାମଲା ବୃଦ୍ଧି ପାଉଥିବା ଉଦ୍‌ବେଗର ବିଷୟ। ଏହି ପରିସ୍ଥିତି ଯଦି ଜାରି ରୁହେ ତେବେ ଦେଶ ବାସନ୍ଦର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଡୋପିଂ ମାମଲାର ଦେଖାଚାହାଁ କରିବା ଲାଗି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଗତବର୍ଷ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲା। ଦିଲ୍ଲୀ ସ୍ପେଶାଲ ସେଲ୍ କମିଶନର ସାଗରପ୍ରୀତ୍ ହୁଦା ଏହାର ମୁଖ୍ୟ ରହିଥିଲେ। କମିଟିର ସୁପାରିସ କ୍ରମେ ଡୋପିଂରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବା କୋଚ୍ ଓ ତାଲିମ କେନ୍ଦ୍ରଗୁଡ଼ିକୁ ଠାବ କରିବା ଲାଗି ଏକ ଆଣ୍ଟି-ଡୋପିଂ ସେଲ୍ ଗଠନ କରିବା ଏଏଫ୍‌ଆଇ ନିଷ୍ପତ୍ତି ନେଇଥିଲା।



ଡି. ଗୁକେଶଙ୍କଠାରୁ ହାରିବା ପରେ ପ୍ରତିକ୍ରିୟାଶୀଳ ମ୍ୟାଗ୍ନସ କାର୍ଲସେନ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ